

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୩ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 November 2024

Vol.No. 35 ■ No.291 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପ୍ରତିଶୋଧର ନିଆଁରେ ଜଳୁଛି ଇରାନ

## ଇସ୍ରାଏଲ ଉପରେ କରିପାରେ ବଡ ଧରଣର ଆକ୍ରମଣ



ନୂଆଦିଲ୍ଲୀ, ୦୨/୧୧ : ମଧ୍ୟପ୍ରାଚ୍ୟରେ ବଢୁଛି ଚିନ୍ତା । ଇସ୍ରାଏଲ ଓ ଇରାନ ବର୍ତ୍ତମାନ ମୁହାଁମୁହିଁ ସ୍ଥିତିରେ । କେତେବେଳେ ବି ହୋଇପାରେ ବଡ ଆକ୍ରମଣ । ଆମେରିକା ନିର୍ବାଚନ ପୂର୍ବରୁ ଅର୍ଥାତ ନଭେମ୍ବର ୫ ପୂର୍ବରୁ ଇସ୍ରାଏଲ ବଡ ଧରଣର ଆକ୍ରମଣ କରି ଇରାନକୁ କଡ଼ା ଜବାବ ଦେବାକୁ ଯୋଜନା କରୁଥିବାବେଳେ ଏବେ ଇରାନ ମଧ୍ୟ ପାଲଟା ଜବାବ ପାଇଁ ପ୍ରସ୍ତୁତ ହେଉଛି । ଗୁଇନ୍ଦା ସୂଚନା ଅନୁସାରେ ଇରାନର ମୁଖ୍ୟ ନଇମ କ୍ୱାସିମଙ୍କ ନେତୃତ୍ୱରେ ଇସ୍ରାଏଲ ଉପରେ ବଡ ଆକ୍ରମଣ ହୋଇପାରେ । ବିଶେଷ କରି ଇସ୍ରାଏଲର ଅଏଲ ଓ ଗ୍ୟାସ ପ୍ଲାଂଟକୁ ଟାର୍ଗେଟ କରିପାରେ ଇରାନ । ଅନପଟେ ଇସ୍ରାଏଲ ଏକଥା ସ୍ପଷ୍ଟ କରିସାରିଛି ଯେ କୌଣସି ପରିସ୍ଥିତିରେ ହିଜବୁଲ୍ଲାକୁ ମୂଳପୋଛ କରିବ ଓ ଇରାନଠୁ ପ୍ରତିଶୋଧ ନେବ । ଅକ୍ଟୋବର ୧ରେ ଇସ୍ରାଏଲ ଉପରେ ଇରାନ ଆକ୍ରମଣ କରିବା ପରେ ରକ୍ତମୁଖା ହୋଇପଡିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଂଜାମିନ ନେତାନ୍ୟାହୁ । ତେବେ ଚୁପ ରହିବା ବଦଳରେ ଜବାବ ଦେବାକୁ ମଧ୍ୟ ଇରାନ ସ୍ଥିର କରିସାରିଛି । ମିଳିଥିବା ସୂଚନା ଅନୁସାରେ ନଇମ କ୍ୱାସିମ ଯିଏକି ହିଜବୁଲ୍ଲାର ମୁଖ୍ୟ ସେ ଆକ୍ରମଣ ପାଇଁ ବଡ ଯୋଜନା କରିଛନ୍ତି ର ହିଜବୁଲ୍ଲା ମୁଖ୍ୟ ହେବା ପରେ ନୈମ କ୍ୱାସୀମ ପ୍ରଥମଥର ପାଇଁ ନିଜ ସମର୍ଥକଙ୍କୁ ସମ୍ବୋଧନ କରିଛନ୍ତି । ଇରାନ ସମର୍ଥିତ ଏହି ସଂଗଠନ ପୂର୍ବ ଭଳି ଇସ୍ରାଏଲ ବିରୋଧୀରେ ପ୍ରସ୍ତୁତ କରିଥିବା ନିଜର ଯୁଦ୍ଧ ଯୋଜନା ବା ପ୍ଲାନ ଜାରି ରଖିବ । ଏଥିରେ କୌଣସି ପ୍ରକାରର ବୁଝାମଣା ହେବ ନାହିଁ ବୋଲି କ୍ୱାସୀମ କହିଛନ୍ତି । ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ଜାରି ରହିଥିବା ବେଳେ କ୍ୱାସୀମ ଏପରି କଥା କହିଛନ୍ତି । ଉଭୟ ଇସ୍ରାଏଲ ଓ ହେଜବୁଲ୍ଲା ପରସ୍ପର ଉପରେ ବୋମା ମାଡ଼ କରିବା ସହ ଏୟାର ଷ୍ଟ୍ରାଇକ କରୁଛନ୍ତି । ହେଲେ ଇସ୍ରାଏଲ ଅପେକ୍ଷା ହେଜବୁଲ୍ଲାକୁ ଏହି ଆକ୍ରମଣରେ ବଡ଼ କ୍ଷତି ସହିବାକୁ ପଡ଼ିଛି । ସେପ୍ଟେମ୍ବର ମାସରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକର ସଂଗଠନର ମୁଖ୍ୟ ହାସନ ନସ୍ରଲ୍ଲା ପ୍ରାଣ ହରାଇଥିଲେ । ଏଥିସହ ହେଜବୁଲ୍ଲାର ଅନେକ କମାଣ୍ଡରଙ୍କ ମଧ୍ୟ ମୃତ୍ୟୁ ହୋଇଛି । ଜଣଙ୍କ ପରେ ଜଣେ ଟପ୍ କମାଣ୍ଡର ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଉଥିବାରୁ ହେଜବୁଲ୍ଲାର ଚିନ୍ତା ବଢ଼ିଥିଲା । ଶେଷରେ ସଂଗଠନ ପକ୍ଷରୁ କ୍ୱାସୀମଙ୍କୁ ମୁଖିଆ ଭାବେ ଚୟନ କରାଯାଇଛି ।

## ଫାଟିଲା ଗ୍ୟାସ ଟାଙ୍କି: ଭୁଶୁଡ଼ି ପଡ଼ିଲା ରୋଷେଇ ଘର

ଢେଙ୍କାନାଳ, ୦୨/୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଳାସ ଗାଁରେ ଏକ ଗ୍ୟାସ ଟାଙ୍କି ଫାଟି ଯିବାରୁ ଜଣେ ବ୍ୟକ୍ତିଙ୍କ ରୋଷେଇ ଘରଟି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ତେବେ ସୌଭାଗ୍ୟ ବଶତଃ ଏହି ଘଟଣାରେ କେହି ହତାହତ ହୋଇନାହାନ୍ତି । ଗାଁର ସୁବାଷ ମହାପାତ୍ରଙ୍କ ଘରେ ଆଜି ଦ୍ୱିପହରରେ ରୋଷେଇ ଚାଲିଥିବା ହଠାତ୍ ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇ ସେଥିରେ ନିଆଁ ଲାଗିଯାଇଥିଲା । ଅଘଟଣ ଆଶଙ୍କା କରି ଘର ଲୋକେ ବାହାରକୁ ଚାଲି ଯାଇଥିଲେ । ତା' ପରେ ଗ୍ୟାସ ଟାଙ୍କିଟି ଫାଟି ଯାଇଥିଲା । ଫଳରେ ରୋଷେଇ ଘରଟି ଭୁଶୁଡ଼ି ପଡ଼ିଥିଲା । ରୋଷେଇ ଘରର ଇଟା କାନ୍ଥ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିଲା ଓ ଛାତରେ ପଡ଼ିଥିବା ଆଜବେଷ୍ଟସ ଚୁନା ହୋଇଯାଇଥିଲା । ରୋଷେଇ ଘରେ ଥିବା ସମସ୍ତ ସାମଗ୍ରୀ ନଷ୍ଟ ହୋଇଯାଇଛି । ସୁବାଷ ମହାପାତ୍ରଙ୍କ ରୋଷେଇ ଘରଟି ମୁଖ୍ୟ ଘର ଭିତରେ ନଥିଲା । ଏହା ତାଙ୍କ ମୁଖ୍ୟ ଘରକୁ ଲାଗି ବାହାରେ ଥିଲା । ନହେଲେ ଆହୁରି ଅଧିକ କ୍ଷତି ହୋଇଥା'ନ୍ତା ବୋଲି କୁହାଯାଉଛି ।

## ନଭେମ୍ବର ଶେଷ ସୁଦ୍ଧା ତୃତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା



ଭୁବନେଶ୍ୱର, ୦୨/୧୧ (ନି.ପ୍ର): ନଭେମ୍ବର ଶେଷ ସୁଦ୍ଧା ମିଳିବ 'ସୁଭଦ୍ରା' ତୃତୀୟ ପର୍ଯ୍ୟାୟ ଟଙ୍କା । ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା' ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସୁଭଦ୍ରା ଯୋଜନା ନେଇ ବଡ଼ ସୂଚନା । ହିତାଧିକାରୀଙ୍କୁ ନଭେମ୍ବର ଶେଷ ସୁଦ୍ଧା ମିଳିବ 'ସୁଭଦ୍ରା' ତୃତୀୟ ପର୍ଯ୍ୟାୟ ଟଙ୍କା । ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା' ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଡିସେମ୍ବର ସୁଦ୍ଧା କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ରାଜ୍ୟ ସରକାର ପ୍ରଦାନ କରିବେ ବୋଲେ ସେ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ରି-ଚେକିଂ ପାଇଁ ବିଡିଓଙ୍କୁ ନୋଡାଲ୍ ଏଜେନ୍ସି ଭାବରେ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାସ୍ତରରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନେଇ ଗଠନ ହୋଇଛି ୩ ଜଣିଆ କମିଟି । ଖାରଜ ହୋଇଥିବା ହିତାଧିକାରୀଙ୍କୁ ଅଙ୍ଗନବାଡି ଦିଦିଙ୍କ ମାଧ୍ୟମରେ ନୋଟିସ୍ ହେବ । ▶▶ପୃଷ୍ଠା ୭

## ଆମ୍ବ ଟାକୁଆଜନିତ ମୃତ୍ୟୁର ତନାଘନା: ସବୁରି ମୂଳରେ ସଚେତନତାର ଅଭାବ



ଭୁବନେଶ୍ୱର, ୦୨/୧୧ (ନି.ପ୍ର): କନ୍ଧମାଳରେ ୨ ଜଣଙ୍କ ଆମ୍ବ ଟାକୁଆଜନିତ ମୃତ୍ୟୁ ପରେ ପ୍ରଶାସନିକ ସ୍ତରରେ ତନାଘନା । ପ୍ରାଥମିକ ତଦନ୍ତରୁ ଏହା ଫୁଡ୍ ପଏଜନିଂ ବା ଖାଦ୍ୟ ବିଷାକ୍ତ ଯୋଗୁଁ ହୋଇଥିବା କୁହାଯାଉଛି । ପ୍ରଶ୍ନ ଉଠୁଛି ବାରମ୍ବାର ଏଭଳି ଘଟଣା ଘଟୁଥିଲେ ବି ବଣପାହାଡ଼ର ମଣିଷଙ୍କ ଖାଦ୍ୟାଭ୍ୟାସ କାହିଁକି ସୁଧୁରୁନି ? ଉଭୟ ସରକାରୀ ଓ ଘରୋଇ ସ୍ତରରେ ବହୁ ସଂସ୍ଥା ଆଦିବାସୀଙ୍କ ଉନ୍ନତି ପାଇଁ କାମ କରୁଥିଲେ ବି କାହିଁକି ସଚେତନତାର ଅଭାବ ରହୁଛି ? କେଉଁଠି ରହୁଠି ଅସୁବିଧା ? ଯେଉଁ ଦ୍ରବ୍ୟ ଆଦିବାସୀଙ୍କ ଖାଦ୍ୟ ଥାଳିର ଆକର୍ଷଣ, ତାହା କାହିଁକି ପାଲଟିଯାଉଛି ଜହର ? ପୁରୁଷ ପୁରୁଷ ଧରି ଯେଉଁ ଅଣଚାଷ ଖାଦ୍ୟ ଖାଇ ବଞ୍ଚୁଛନ୍ତି ବଣମୂଳକର ମଣିଷ, ତାହା କେମିତି ସାଜୁଛି ଘାତକ ? ସଲପ ହେଉ ବା ଆମ୍ବଟାକୁଆ ଜାଉ, ଜଙ୍ଗଲି ଜନ୍ଦା ହେଉ ଅବା ଶୁଖା ମାଂସ । ଜୀବନ ନେଇଛି, ଉଜାଡ଼ିଛି ଘର ପରିବାର । ଏଇ ଯେମିତି କନ୍ଧମାଳ ଗଦାପୁର ମାଣ୍ଡିପଙ୍ଗାରେ ଆମ୍ବୁଟାକୁଆ ଜାଉରେ ୨ ଜଣଙ୍କ ମୃତ୍ୟୁ । ଯେଉଁ ଅପବାଦ ▶▶ପୃଷ୍ଠା ୭

## କମିଲା ନବୀନଙ୍କ ସୁରକ୍ଷା, ହଟିଲେ ପାଣ୍ଡିଆନଙ୍କ ପିଏସଓ: ସରକାରଙ୍କ ଆକ୍ସନରେ ଚିହିଁକିଲା ବିଜେଡି



ଭୁବନେଶ୍ୱର, ୦୨/୧୧ (ନି.ପ୍ର): କମିଲା ନବୀନଙ୍କ ସୁରକ୍ଷା । ହଟିଲେ ପାଣ୍ଡିଆନଙ୍କ ପିଏସ୍ଓ । କୁଟେଙ୍କ କ୍ୱାର୍ଟରରୁ ବି ସୁରକ୍ଷା କର୍ମୀ ପ୍ରତ୍ୟାହାର । ତେବେ ନବୀନଙ୍କ ସୁରକ୍ଷାକୁ କମାଇବା ପରେ ତେଜିଛି ରାଜନୀତି । ମୁଖ୍ୟମନ୍ତ୍ରୀ ପଦରୁ ଯିବାର ୫ ମାସ ପରେ କମିଲା ନବୀନଙ୍କ ସୁରକ୍ଷା । ପୂର୍ବରୁ ୨୩ ଜଣିଆ ସୁରକ୍ଷା କର୍ମୀଙ୍କୁ କମାଇ ମାତ୍ର ୨ ଜଣ ପର୍ସନାଲ ସିକ୍ୟୁରିଟି ଅଫିସର ବା ଚଫଙ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛି ଗୃହ ବିଭାଗ । ସବୁଠୁ ବଡ଼ କଥା ହେଲା ପାଣ୍ଡିଆନଙ୍କ ସୁରକ୍ଷାକୁ ବି ପ୍ରତ୍ୟାହାର କରାଯାଇଛି । ଏମିତି କି କୁଟେଙ୍କ କ୍ୱାର୍ଟର ଜଗିବାକୁ ବି ବିଜେଡି ସରକାର ସମୟରେ ନିୟୋଜିତ ହୋଇଥିବା ୪ ସୁରକ୍ଷା କର୍ମୀ ଏବଂ ୨ ହୋମଗାର୍ଡଙ୍କୁ ପ୍ରତ୍ୟାହର କରାଯାଇଛି । ନିର୍ବାଚନର ପ୍ରାୟ ୫ ମାସ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସୁରକ୍ଷା କର୍ମୀ ପ୍ରତ୍ୟାହାର ହୋଇଛନ୍ତି । ବିରୋଧୀ ଦଳ ନେତା ଭାବେ ନବୀନଙ୍କୁ ଏବେଠୁ ମିଳିବ କେବଳ ୨ ଜଣ ପିଏସ୍ଓ । ପାଇଲଟ୍ ଗାଡ଼ି ବି ଆଉ ରହିବ ନାହିଁ । ସେହିପରି କୌଣସି ପଦପଦବିରେ ନଥିଲେ ମଧ୍ୟ ନିର୍ବାଚନ ପରେ ବି ପାଣ୍ଡିଆନଙ୍କୁ ୨ଜଣ ପିଏସଓ ଜଗୁଥିଲେ । ହେଲେ ତାଙ୍କଠାରୁ ବି ପିଏସଓ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର । ସେହିପରି ବିଜେଡି ସରକାର ସମୟରେ ▶▶ପୃଷ୍ଠା ୭

## ମଧ୍ୟାହ୍ନ ଭୋଜନରେ ଖାଲି ଭାତ: ପ୍ରଧାନ ଶିକ୍ଷକ ନିଲମ୍ବିତ

ଯାଜପୁର, ୦୨/୧୧ (ନି.ପ୍ର): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଟୋଲକାନି ଅଞ୍ଚଳର ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ କେବଳ ଲୁଣଲଙ୍କା ଦିଆଯିବା ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ । ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ କୁମାର ମହନ୍ତଙ୍କୁ ନିଲମ୍ବନ କରାଯାଇଛି । ଗତକାଲି ଏହି ସ୍କୁଲରେ ମଧ୍ୟାହ୍ନ ଭୋଜନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ କେବଳ ଭାତ ଖାଇବାକୁ ଦିଆଯାଇଥିଲା । ପିଲାମାନେ ତରକାରି ମାଗିବାରୁ ଲୁଣଲଙ୍କା ଲଗେଇ ଖାଇବାକୁ କହିଥିଲେ ଜଣେ ଶିକ୍ଷୟିତ୍ରୀ । କେବଳ ଗତକାଲି ନୁହେଁ, ଗତ ୧୩ ଦିନ ହେବ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଇବାରୁ ଦିଆଯାଉନାହିଁ । ▶▶ପୃଷ୍ଠା ୭

## ପିଟିବା ପରେ ବିଷ ଦେଇ ସ୍ତ୍ରୀଙ୍କୁ ହତ୍ୟା

ସମ୍ବଲପୁର, ୦୨/୧୧ (ନି.ପ୍ର): ପାରିବାରିକ କଳହକୁ ନେଇ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ ହୋଇଛି । ଘଟଣାଟି ଘଟିଛି ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଗିରିଷ୍ଟନ୍ଦ୍ରପୁର ପଞ୍ଚାୟତର କଟୁରାଖୋଲ ଗାଁରେ । ମୃତ ମହିଳାଙ୍କ ନାଁ ପଙ୍କଜିନୀ କୋଲୋ (୩୮) । ତାଙ୍କ ସ୍ୱାମୀ ତଥା ଅଭିଯୁକ୍ତଙ୍କ ନାଁ ରୁଦ୍ର କୋଲୋ । ପଙ୍କଜିନୀ ଓ ରୁଦ୍ରଙ୍କ ମଧ୍ୟରେ ପ୍ରାୟ ସବୁବେଳେ ଝଗଡ଼ା ହେଉଥିଲା । ▶▶ପୃଷ୍ଠା ୭

## ନଭେମ୍ବରରେ ପୁଣି ବାତ୍ୟା ଭୟ: ପାଣିପାଗ ବିଭାଗ ତରଫରୁ ମିଳିଲା ସୂଚନା



ଭୁବନେଶ୍ୱର, ୦୨/୧୧ (ନି.ପ୍ର): ଏବେ ନାହିଁ ଲଘୁଚାପ । ପାଣିପାଗ ବିଭାଗ କହିଛି, ଆସନ୍ତା ୭ଦିନ ମଧ୍ୟରେ ଲଘୁଚାପ ହେବାର କୌଣସି ସମ୍ଭାବନା ନାହିଁ । ରାଜ୍ୟରେ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ । ତେବେ ୬ ଓ ୭ ତାରିଖରେ ଉପକୂଳ ଜିଲ୍ଲାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ । ବର୍ତ୍ତମାନ ଉତ୍ତର ଉତ୍ତର-ପୂର୍ବ ଦିଗରୁ ପବନ ବହୁଛି । ଏହି ପବନ ଶୁଷ୍କ ବାୟୁ ନେଇ ଆସୁଛି । ସ୍ଥାନୀୟ ବାୟୁ ମଣ୍ଡଳ ସହ ଏହା ମିଶିବା ପରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହେଉଛି । ▶▶ପୃଷ୍ଠା ୭

## ଆଜିଠୁ ଆରମ୍ଭ ହେଲା ବଲାଙ୍ଗୀରର ବିକାଶର ଧାରା: ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର, ୦୨/୧୧ (ନି.ପ୍ର): ବିଜେଡି କଥା କହିବାରେ ମାହିର, ହେଲେ କାମ କରିବାରେ ଶୂନ । ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୨୪ରୁ ୨୬ ବର୍ଷ ଲାଗିଗଲା । ତଥାପି ସୁକତେଲ ପ୍ରକଳ୍ପରୁ ଲୋକଙ୍କୁ ପାଣି ମିଳୁନି । ୧୯୯୮ରେ ଭିତ୍ତି ପଡ଼ିଥିବା ପ୍ରକଳ୍ପ ୨୦୨୪ ପର୍ଯ୍ୟନ୍ତ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାନି । ତରବରିଆ ଭାବେ ଏହାର ଉଦ୍‌ଘାଟନ କରାଗଲା, ହେଲେ ଚାଷୀ ପାଣି ପାଇଲେନି । ଘୋଡ଼ାକୁ ଘାସର ଦାୟିତ୍ୱ ଦିଆଗଲେ, ଘାସ ସୁରକ୍ଷିତ ରହିବ କି ? ଲୋୟର ସୁକତେଲ ନିର୍ମାଣ ପାଇଁ ଆସିଥିବା ଟଙ୍କା କୁଆଡ଼େ ଗଲା ବୋଲି କହି ବଲାଙ୍ଗୀରର ବେଲପଡ଼ାରେ ଆୟୋଜିତ ସାଧାରଣସଭାରେ ଉଦବୋଧନ ଦେଇ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୨୪ ବର୍ଷ ହେଲା ବଲାଙ୍ଗୀରକୁ ଅବହେଳା କରାଯାଇଛି । ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବିଧାନସଭାରେ ସୁକତେଲ ପ୍ରକଳ୍ପ ପ୍ରସଙ୍ଗ ଉଠାଇଥିଲେ, ହେଲେ ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନଥିଲେ । ବିଜେଡି କଥା କହିବାରେ ମାହିର, ହେଲେ କାମ କରିବାରେ ଶୂନ । ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୨୪ରୁ ୨୬ ବର୍ଷ ଲାଗିଗଲା । ତଥାପି ସୁକତେଲ ପ୍ରକଳ୍ପରୁ ଲୋକଙ୍କୁ ପାଣି ମିଳୁନି । ୧୯୯୮ରେ ଭିତ୍ତି ପଡ଼ିଥିବା ପ୍ରକଳ୍ପ ୨୦୨୪ ପର୍ଯ୍ୟନ୍ତ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାନି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ପ୍ରକଳ୍ପ ଟଙ୍କାରେ କୋଠା, ଫ୍ଲାଟ, ଫାର୍ମ ହାଉସ, ଗହଣା କିଣାଗଲା । କିନ୍ତୁ ଆମ ସରକାର ସେହି ଭୁଲ୍ କରିବନି । ଆମ ସରକାର ପ୍ରତିଶ୍ରୁତିବଦ୍ଧ, ଆଉ ପୂର୍ବପରି ହେବନି । ବେଲପଡ଼ା ଓ ବଲାଙ୍ଗୀରର ଜଳ ସମସ୍ୟା ଦୂର କରିବୁ । ଆଜିଠୁ ଆରମ୍ଭ ହେଲା ବଲାଙ୍ଗୀରର ବିକାଶର ଧାରା । ଆଜି ବହୁଦିନର ଆଶା ଆକାଂକ୍ଷା ପୂରଣ ହେଲା । ଅପର ଲାନ୍ଥ ଜଳସେଚନର ଶୁଭ ଦିଆଗଲା । ଏହି ସଭାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଘୁଣୀ 'ରୂପା' ଜନ୍ମ ଦେଲା ୪ ଶାବକ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବଢ଼ିଲା ବାଘ ସଂଖ୍ୟା । କାରଣ ଏଠାରେ ଥିବା ଧଳା ବାଘୁଣୀ ରୂପା ଆଜି ୪ ଶାବକଙ୍କୁ ଜନ୍ମ ଦେଇଛି । ସମସ୍ତ ୪ ଶାବକ ସୁସ୍ଥ ଥିବାବେଳେ ରୂପା ସମସ୍ତଙ୍କ ଯତ୍ନ ନେଉଛି । ଛୁଆଗୁଡ଼ିକ ରୂପା ପାଖରେ ଥିବାରୁ ସେମାନଙ୍କ ଲିଙ୍ଗ ଚିହ୍ନଟ କରାଯାଇପାରିନାହିଁ । ସିସିଟିଭି ମାଧ୍ୟମରେ ବାଘୁଣୀ ରୂପା ଓ ତା' ଶାବକମାନଙ୍କ ଉପରେ ନଜର ରଖିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ । ଧଳା ବାଘୁଣୀ ରୂପାକୁ ୬ ବର୍ଷ ହୋଇଛି । ୨୦୧୮ ମସିହା ସେପ୍ଟେମ୍ବର ମାସ ୨୨ ତାରିଖରେ ନନ୍ଦନକାନନରେ ଜନ୍ମ ହୋଇଥିଲା ରୂପା । ବାଘ ରୋଶନ ଓ ବାଘୁଣୀ ବିଜୟାଙ୍କ ମିଳନରୁ ଜନ୍ମ ହୋଇଥିଲା ରୂପା । ୨୦୨୨ରେ ବାଘ ରାଜେଶ ସହ ମିଳନରେ ପ୍ରଥମ ଥର ପାଇଁ ୩ଟି ଶାବକ ଜନ୍ମ କରିଥିଲା ରୂପା । ତେବେ ମାସେ ଭିତରେ ୨ଟି ଶାବକ ମରି ଯାଇଥିଲେ । କେବଳ ଗୋଟିଏ ବଞ୍ଚିଥିଲା । ▶▶ପୃଷ୍ଠା ୭

## 'ଆତଙ୍କବାଦୀ ଆକ୍ରମଣ ପଛରେ ରହିଛି ଷଡ଼ଯନ୍ତ୍ର': ଫାରୁକ ଅବଦୁଲ୍ଲାଙ୍କ ବୟାନକୁ ନିନ୍ଦା କଲା ବିଜେପି



ନୂଆଦିଲ୍ଲୀ, ୦୨/୧୧ : ଗତ କିଛିଦିନ ହେବ ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪ଟି ଆତଙ୍କବାଦୀ ଆକ୍ରମଣ ହେଲାଣି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଏହା ପଛରେ ଷଡ଼ଯନ୍ତ୍ର ଥିବା ସନ୍ଦେହ କରିଛନ୍ତି ନ୍ୟାଶନାଲ କନଫରେନ୍ସ ମୁଖ୍ୟ ଫାରୁକ ଅବଦୁଲ୍ଲା । ରାଜ୍ୟରେ ନୂଆ ସରକାରକୁ ବଦନାମ କରିବାକୁ ଏହା ଏକ ପ୍ରୟାସ ବୋଲି କହିବା ସହ ଏହାର ତଦନ୍ତ ଦାବି କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ । ଗତକାଲି (ଶୁକ୍ରବାର) ବଡଗାମରେ ପ୍ରବାସୀ ଶ୍ରମିକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ୨୦୨୪ ପାଳିତ

ଭବାନୀପାଟଣା, ୦୨/୧୧ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୪ ଆଜି ନଭେମ୍ବର ପହିଲା ଦିନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ କଳାହାଣ୍ଡି ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦରମହକୁମା ସ୍ଥିତ ଟାଉନହଲ ଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ସାତ ଘଟିକା ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାମାନଙ୍କ ଦ୍ୱାର ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ କଳାହାଣ୍ଡି ମ୍ୟାପ୍ ରେ ମାନବ ଶୃଙ୍ଖଳ ପ୍ରଦର୍ଶନ, ଜେଲ୍ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ପଥ ଉତ୍ସବ,ମାଣିକେଶ୍ୱରୀ ମନ୍ଦିର ରେ ପୂଜାର୍ଚ୍ଚନା କରି ମନ୍ଦିର ରୁ ଟାଉନହଲ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମାଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପୂର୍ବକ ମଶାଳ ଧରି ଶୋଭାଯାତ୍ରାରେ ଟାଉନ ହଲ ପର୍ଯ୍ୟନ୍ତ ପରିକ୍ରମା ରେ ଯାଇଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଟାଉନ ହଲ ଠାରେ ଏକ ସାଧାରଣ ସଭା ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ,ସମ୍ମାନିତ ଅତିଥି ଭାବେ ବିଧାୟକ ଲାଞ୍ଜିଗଡ଼ ପ୍ରଦୀପ ଦିଶାରୀ, ବିଧାୟକ ଧର୍ମଗଡ଼ ସୁଧୀର କୁମାର ପାଟଯୋଷୀ, ମାନ୍ୟବର ସଭାପତି ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତାରୁ ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଆର୍ତତ୍ରାଣ ମହାପାତ୍ର ଜିଲ୍ଲା ବିଜେପି ସଭାପତି ଯୋଗ ଦେଇଥିଲେ। ଅତିଥି ମାନେ କଳାହାଣ୍ଡି ଜିଲ୍ଲା ଗଠନର ଇତିହାସ ସଂପର୍କରେ ସୂଚନା ଦେଇ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ,କୃଷି କ୍ଷେତ୍ରରେ ବିକାଶ ଓ ଅଗ୍ରଗତି କରିଛି। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ଦଳ ମତ, ଭେଦଭାବ ଉର୍ଦ୍ଧ୍ୱ ରେ ରହି କାର୍ଯ୍ୟ କରିବା ପାଇଁ ସାଂସଦ, ବିଧାୟକ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲ୍ଲା ର ସମସ୍ତ ବ୍ଲକ ସ୍ତରରେ ମଧ୍ୟ ଜିଲ୍ଲା ଗଠନ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କେନ୍ଦ୍ରାପଡ଼ା, ୦୨/୧୧ (ନି.ପ୍ର): ପ୍ରଶାସନକୁ ସ୍ୱଚ୍ଛ, ନିର୍ମଳ ଓ ଉତରଦାୟୀ କରିବା ଉପଲକ୍ଷେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଅଛି ଓ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଅକ୍ଟୋବର-୨୮ ଠାରୁ ନଭେମ୍ବର-୦୩ ପର୍ଯ୍ୟନ୍ତ ପାଳନ କରାଯାଉଅଛି ଓ ଆଜିପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଭାରପ୍ରାପ୍ତ ଉଝଚ ଶ୍ରୀ ସନ୍ତକ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଉପ-ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ନନ୍ଦ କିଶୋର ପରିଡ଼ା ଯୋଗ ଦେଇଥିଲେ ଓ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଓ ସମସ୍ତ କର୍ମଚାରୀ ଓ ଅଧିକାରୀଗଣ ସେମାନଙ୍କର କର୍ତବ୍ୟ ଓ କାର୍ଯ୍ୟଧାରାରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଆତ୍ମ ସମୀକ୍ଷା କରିବା ନେଇ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥଲେ ଓ ସରକାରୀ ଅନୁଷ୍ଠାନର ଅଭିବୃଦ୍ଧି ଓ ସୁଖ୍ୟାତି ନିମନ୍ତେ ସର୍ବଦା ସତର୍କତା ଅବଲମ୍ବନ କରିବେ ଏବଂ ଲୋକମାନଙ୍କୁ ମୂଲ୍ୟବୋଧ ଭିତିକ ସେବା ଯୋଗାଇଦେବେ ଓ ବିବେକାନୁମୋଦିତ ଭାବେ କର୍ତବ୍ୟ ସମ୍ପାଦନ କରିବା ସହ ବିନା ଭୟ ଓ ବିନା ଅନୁଗ୍ରହ ପ୍ରଦର୍ଶନ ପୂର୍ବକ କାର୍ଯ୍ୟ କରିବା ପାଇଁ ଶ୍ରୀ ମହାପାତ୍ର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ ଓ ବ୍ୟକ୍ତିଗତ ଓ ତୃଣମୂଳ ସ୍ତରରେ ଦୁର୍ନୀତିର ମୂଳଉତ୍ପାଟନ କରିବାକୁ ସମସ୍ତେ ପ୍ରୟାସ କରିବା ଜରୁରୀ ଓଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଭାରପ୍ରାପ୍ତ ଡିଏସ୍‌ପି ସନ୍ତକ ଜେନା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଓ ଦୁର୍ନୀତି ସବୁ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ରୋକିବା ଦିଗରେ ସମାଜର ପ୍ରତ୍ୟେକ ବର୍ଗର ଲୋକ ସଚେତନ ହୋଇ ଏହାକୁ ବିରୋଧ କରିବା ପାଇଁ ମୁଖ୍ୟ ବକ୍ତା ଶ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ ଓ ବୈଠକରେ ଉପସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ, ଡେପୁଟି ଡ଼ାଇରେକ୍ଟର(ଯୋଜନା) ଆରତୀ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର କର୍ମକର୍ତା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଛାତ୍ରଛାତ୍ରୀ, ସ୍କୁଲ ଶିକ୍ଷକ ଯୋଗ ଦେଇଥିଲେ ଓ ସାମ୍ବାଦିକ ଚିତରଞ୍ଜନ ଦାସ ଓ ରବି ନାରାୟଣ ପତି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦୁର୍ନୀତିର ତଦନ୍ତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ଓ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା, ଇଂରାଜୀ ପ୍ରବନ୍ଧ ଓ ରଙ୍ଗୋଲୀ ପ୍ରତିଯୋଗୀତାର ୨୩ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ଓ ପ୍ରଦୀପ ପ୍ରଜ୍ୱଳନ ଓ ବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ଓ ପ୍ରାତଃ ୭.୩୦ ଘଟିକାରେ କେନ୍ଦ୍ରାପଡ଼ା ସ୍ୱାୟଂଶାସିତ ଏନ୍‌ସିସି ଛାତ୍ରଛାତ୍ରୀ ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା ଓ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନା ବ୍ୟବସାୟୀଙ୍କ ମୃତ୍ୟୁ: ଜୟପୁରରେ ଶୋକର ଛାୟା

ଜୟପୁର, ୦୨/୧୧ (ନି.ପ୍ର): ସୁନା ବ୍ୟବସାୟଙ୍କ ହୃଦଘାତରେ ମୃତ୍ୟୁ ହୋଇଛି । ସୁନା ବ୍ୟବସାୟୀ ହର ପ୍ରସାଦ ରାଓଙ୍କ ମୃତ୍ୟୁ ହୋଇଛି । ଜୟପୁର ସହରର ମୁଖ୍ୟ ରାସ୍ତାରେ ଥିବା ନ୍ୟୁ ବାସବୀ ଜ୍ୱେଲେରି ର ମାଲିକ ହେଉଛନ୍ତି ହର ପ୍ରସାଦ । ଗତକାଲି ରାତିରେ ସେ ଦୀପାବଳି ସାରି ଶୋଇଥିଲେ । ସକାଳ ସାଢେ ଆଠଟାରେ ଉଠି ନଥିଲେ । ବିଳମ୍ବ ହେବାରୁ ହର ପ୍ରସାଦଙ୍କ ମା ଓ ସ୍ତ୍ରୀ ବାରମ୍ବାର ଉଠାଇ ଥିଲେ । ସେ ନ ଉଠିବାରୁ ପଡୋଶୀ ଓ ସମ୍ପର୍କୀୟଙ୍କୁ ଜଣାଇବା ପରେ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ସହରରେ ଏକ ପ୍ରକାର ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ମଙ୍ଗଳବାର ଧନତେରାସ ଦିନ ରାଜ୍ୟର ବିଭିନ୍ନ ସୁନା ଦୋକାନରେ ସିଟି ଜିଏସଟି ବିଭାଗର ଧରପଗଡ ହୋଇଥିଲା । ସେହିପରି ଜୟପୁରରେ ମଧ୍ୟ ନ୍ୟୁ ବାସବ ଜ୍ୱେଲେରିରେ ବିଭାଗର ଏକ ଟିମ ଚଢଉ କରିଥିଲା । ସେହି ଦିନ ଠାରୁ ହର ପ୍ରସାଦ ଭୟଭିତ ହୋଇ ଚାପଗ୍ରସ୍ତ ଥିଲେ । ସେହି ଟିମ ଅନ୍ୟ ସମସ୍ତ ସୁନା ଦୋକାନକୁ ଛାଡି ଗୋଟିଏ ସୁନା ଦୋକାକୁ ଟାର୍ଗେଟ କରି ଚଢଉ କରିଥିବାରୁ ସେ ଚାପଗ୍ରସ୍ତ ଥିଲେ । ଏପିର ଘଟଣାକୁ ନେଇ ବ୍ୟବସାୟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି ।

# ବଲାଙ୍ଗୀର ଦିନ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟ ସଂସଦ (ପଶ୍ଚିମାଚଂଳ) ତରଫରୁ ବହୁଭାଷୀ କବିତା ଆସର ଆୟୋଜିତ

ବଲାଙ୍ଗିର, ୦୨/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗାଙ୍ଗନାପୁର ଗ୍ରାମର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ 'ଓଡ଼ିଆ ସାହିତ୍ୟ ସଂସଦ' ପକ୍ଷରୁ ବଲାଙ୍ଗୀର ଦିନ ଉଦ୍ଦେଶ୍ୟ ରେ ପଶ୍ଚିମାଚଂଳ ଜୋନ୍ ବଲାଙ୍ଗୀର ପିପି ଏକାଡେମୀ ଠାରେ 'ବହୁଭାଷୀ କବିତା ଆସର' ଅନୁଷ୍ଠିତ ହୋଇଯାଇଅଛି । ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲାଙ୍ଗୀର ଦିନ ର ଆୟୋଜକ ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ , ମୁଖ୍ୟ ଅତିଥି ରୂପେ ଭାଗିରଥି ମିଶ୍ର , ସମ୍ମାନୀତ ଅତିଥି ରୂପେ ଓଡ଼ିଆ ସାହିତ୍ୟ ସଂସଦ ର ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ ଚିତ୍ରସେନ ମହାରଣା ,ସରସ୍ୱତୀ ନନ୍ଦ, ବିନୋଦ କାଳସେଇ, ନୂତନ ଦାସ, ଗୋପାଳ ପ୍ରଧାନ ପ୍ରଭୃତି ଅତିଥି ରୂପେ ଯୋଗଦାନ ଦେଇଥିଲେ ।ଓଡ଼ିଆ ସାହିତ୍ୟ ସଂସଦ (ପଶ୍ଚିମାଚଂଳ) ଜୋନ୍ ର ସଭାପତି ରଶ୍ମି ପାତ୍ର, ଉପ ସଭାପତି ସୁଷମା ଦାସ, ସମ୍ପାଦିକା ନଳିନୀ ପ୍ରଭା ଶତପଥୀ ଓ ସହ ସମ୍ପାଦିକା ଶକୁନ୍ତଳା ପାତ୍ର ମଧ୍ୟ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ରଶ୍ମି ପାତ୍ର ଅତିଥି ମାନଙ୍କ ପାଇଁ ସ୍ୱାଗତ ଭାଷଣ ସହ ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତ କର୍ମକର୍ତା ମିଶି ଆସରଟିକୁ ସୁଚାରୁ ରୁପେ ପରିଚାଳିତ କରିଥିଲେ । ଅନୁଷ୍ଠାନ ର ସହ ସମ୍ପାଦିକା ଶକୁନ୍ତଳା ପାତ୍ର ସମସ୍ତଙ୍କ ସହଯୋଗରେ କବିତା ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ରଶ୍ମି ପାତ୍ର ଏକ ସୁନ୍ଦର କବିତା 'ଭାଇଚାରାର ପର୍ବ ବଲାଙ୍ଗୀର ' ଏବଂ ସମ୍ପାଦିକା ନଳୀନୀପ୍ରଭା ଶତପଥୀ ' ନ ଯାଆ ମଥୁରାର ' ପଠନ କରିଥିଲେ । କୁନି ଝିଅ ଶ୍ରୀନିକା ଆଚାର୍ଯ୍ୟ ସ୍ୱାଗତ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ପାଟଣାଗଡ଼ ର ମମତା ପାତ୍ର ମଧ୍ୟ କବିତା ପଠନ କରିଥିଲେ। ଏହିପରି ପଶ୍ଚିମାଚଂଳ ଜୋନ୍ ର କୋଣ ଅନୁକୋଣରୁ ବହୁ କବି କବୟିତ୍ରୀ ଯୋଗଦାନ କରି ନିଜେ ନିଜର କବିତା ପାଠ କରିଥିଲେ । ପରିଶେଷରେ କବି ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତି ଘୋଷଣା କରିଥିଲେ ।

# ସେନସର ସାର୍ଟିଫିକେଟ ପାଇଲା କୋରାପୁଟିଆ ଫିଲ୍ମ 'କବାଡି'

ଜୟପୁର, ୦୨/୧୧ (ନି.ପ୍ର): ସାଇ ଫିଲ୍ମଦ୍ୱାରା ପ୍ରସ୍ତୁତ କରାଯାଇଥିବା କୋରାପୁଟିଆ ଓଡିଆ ଫିଲ୍ମ 'କବାଡି'କୁ ସେନସର ସାର୍ଟିଫିକେଟ ମିଳିଥିବା ଯୋଗୁଁ ଆଜି ସ୍ଥାନୀୟ ଏସଆର କନଫିରେନ୍ସ ହଲ ପରିସରରେ ଏକ ଆନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଇ ଫିଲ୍ମ ଦ୍ୱରା ପ୍ରସ୍ତୁତ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ କୋରାପୁଟିଆ ଓଡିଆ ସିନେମା କବାଡି ର ସେନସର ସାର୍ଟିଫିକେଟ ମିଳିବା କୋରାପୁଟ ଜିଲ୍ଲାପାଇଁ ଗର୍ବ ଓ ଗେ?ରବର କଥା ଅଟେ। ଏଥି ପୂର୍ବରୁ କୋରାପୁଟ ଜିଲ୍ଲାରେ ଅନେକ ଗୁଡିଏ ପିଲ୍ମ ନିର୍ମାଣ କରାଯାଇଥିବା ବେଳେ ପ୍ରଥମ ଥର କବାଡିକୁ ଏହି ସାର୍ଟିଫିକେଟ ମିଳିଛି। କାହଣି ପ୍ରଯୋଜନା ଓ ନିର୍ଦ୍ଦେଶନା ଅମର ମିଶ୍ରଙ୍କ ପ୍ରଚେଷ୍ଟାରେ ଆଜି ଏହି ପିଲ୍ମକୁ ସେନସର ସାର୍ଟିଫିକେଟ ମିଳିପାରିଛି। ଏହି ଫିଲ୍ମଟି ଆନ୍ଧ୍ର ଓଡିଶା ବୋର୍ଡର ଭିତରେ ଥିବା ଏକ ଗ୍ରାମର ଗ୍ରାମିଣ କାହାଣି। ସେହି ଗ୍ରାମରେ କିପରି କବାଡି ଖେଳ ହେଉଛି କବାଡି ଖେଳରୁ କିପରି ପ୍ରେମ ହେଉଛି ତାହା ଏହି ଫିଲ୍ମରେ ପରିବେଷଣ କରାଯାଇଛି। ଏହି ସିନେମାଟି ସମ୍ପୂର୍ଣ୍ଣ କମର୍ସିଆଲ ଅଟେ। ଏଥିରେ ଆକ୍ସନ, ହାସ୍ୟ,ଫାଇଟ ଆଦି ଭରପୁର ରହିଛି। ଆଗାମୀ ଡିସେମ୍ବର ମାସରେ ଏହା ଲୋକାର୍ପଣ କରି ବଡ ପରଦାକୁ ଆସିବ ବୋଲି ପ୍ରଯୋଜକ ନିର୍ଦ୍ଦେଶକ ଅମର ମିଶ୍ର ସୂଚନା ଦେଇଛନ୍ତି। ଦର୍ଶକ ଯେପରି ଭରପୁର ମଜା ଉଠାଇ ପାରିବେ ସେନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି। ଏହି ଫିଲ୍ମ ନିର୍ମାଣ କରିବାକୁ ବର୍ଷ ବର୍ଷ ଲାଗିଥିଲେ ମଧ୍ୟ ଲୋକଙ୍କ ଭଲପାଇବା ଓ ଇଚ୍ଛା ଶକ୍ତି ଯୋଗୁଁ ଏହା ବଡପରଦାକୁ ଆସି ପାରିଛି। ଆୟୋଜିତ ଏହି ଆନନ୍ଦ ଉତ୍ସବ ସମାରୋହରେ ସିନେମାହଲ ମାଲିକ ତଥା କେଏଫଡିଏସ ଉପଦେଷ୍ଟା ସୁବାଶ ରାଉତ,ବରିଷ୍ଠ ଆଇନଜିବୀ ତଥା କେଏଫଡିଏସ ସଭାପତି ରବିନ୍ଦ୍ର କୁମାର ପାତ୍ର, ହାସ୍ୟ ଅଭିନେତା ତଥା ବରିଷ୍ଠ କଳାକାର ଗୋପାଳ କୃଷ୍ଣ ସାମନ୍ତରାୟ ଉପସ୍ଥିତ ରହି ଫିଲ୍ମ ବିଷୟରେ ସମ୍ୟକ ସୂଚନା ଦେବା ସହ ସାଇ ଫିଲ୍ମର ଉନ୍ନତି କାମନା କରିଥିଲେ। ଏହି କବାଡି ଫିଲ୍ମ ରେ କାହାଣି ଓ ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଛନ୍ତି ଅମର ମିଶ୍ର, ସହ ପ୍ରଜୋଜକ କାବେରୀ ମିଶ୍ର ଓ କିଶୋର ମିଶ୍ର, ସହ ନିର୍ଦ୍ଦେଶନା ରବିନ୍ଦ୍ର ରାଉତ, ଅଭିନୟରେ ମାନସ ରଞ୍ଜନ ପଣ୍ଡା, ରିଷ୍ଟା ମହାନ୍ତି, ରବିନ୍ଦ୍ର ରାଉତ, ସୀତାକାନ୍ତ ପ୍ରଧାନ, ବିଜୟା ପାଣିଗ୍ରାହୀ, ପ୍ରଗ୍ୟା ପ୍ରଧାନ, ଅଜିତ ମହାପାତ୍ର, ନିରଞ୍ଜନ ପାଣିଗ୍ରାହୀ, ବୁଲୁ କୁମାର, ଏମ.ଡି ବବ୍ଲୁ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର କଳାକାର। ଏହି ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭୟ ମିଶ୍ର, ଗୀତିକାର ବସନ୍ତରାଜ ସାମଲ, ଗାୟକ ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ି, ସଞ୍ଜୁ ଓ ଓଡିଶାର ସୁନାମ ଧନ୍ୟ ଗାୟକ ମାନେ କଣ୍ଠଦାନ କରିଛନ୍ତି।

# ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର, ୦୨/୧୧ (ନି.ପ୍ର): ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ତିରୋଧାନ ଦିବସ ପାଳନ କରାଯାଇଛି । ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ନାୟକ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଇନ୍ଦିରା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ନେତା ଓ କର୍ମି ମାନେ ମତବ୍ୟକ୍ତ କରିଥିଲେ ।

## ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ବିଶ୍ୱ ଶାନ୍ତି ମହାଯଜ୍ଞ

ବଲାଙ୍ଗିର, ୦୨/୧୧ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୁଲ୍ୟରେ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଲକ୍ଷ୍ମୀ ନୃସିଂହାୟ ଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ରଜ କିଶୋର ପଣ୍ଡା ସପତ୍ନିକ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଗିରିଧାରୀ ଶତପଥିଙ୍କ ପୌରହିତ୍ୟରେ ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ପଣ୍ଡିତ ସନ୍ତୋଷ ଶତପଥି ଏବଂ ପଣ୍ଡିତ ଚନ୍ଦ୍ରଧ୍ୱଜ ମିଶ୍ର ସମସ୍ତେ ମିଶି ଲକ୍ଷ୍ମୀ ନୃସିଂହ ଭଗବାନଙ୍କ ଉପଲକ୍ଷେ ୧୦୦୮ ଆହୁତି ନୃସିଂହ ମନ୍ତ୍ରରେ ବିଶ୍ୱ ଶାନ୍ତି ପାଇଁ ଆହୁତି ପ୍ରଦାନ ଏବଂ ହୋମ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ସଭାପତି ଧନଞ୍ଜୟ ମିଶ୍ର ନୃସିଂହ ମନ୍ତ୍ର ଶ୍ଳୋକପାଠ କରିଥିଲେ । ଶକ୍ତି ବାହିନୀ ର ମାଁ ମାନେ ତୁଳସୀ ମଞ୍ଜରୀ ଅର୍ପଣ କରିଥିଲେ । ସଂପାଦକ ଆଇନଜିବୀ ଜୟରାମ ମିଶ୍ର, ଉପ-ସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ସଂଗଠନ ସଂପାଦକ କିଶୋର କୁମାର ପୁରୋହିତ, ପୁରୁଷୋତ୍ତମ ପଣ୍ଡା, ପଣ୍ଡିତ ଶ୍ୟାମ ସୁନ୍ଦର ଦାଶ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସଂପାଦକ ସର୍ବ୍ବେର୍ଦ୍ଧନ ତ୍ରିପାଠି, ବରିଷ୍ଠ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ୍, ସରୋଜ କୁମାର ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଶିବ ପ୍ରସାଦ ଖୁଆସ, ଲୋକନାଥ ନେପାକ, ସାମ୍ବାଦିକ ଗୋପବନ୍ଧୁ ଶତପଥି, ବିଘ୍ନରାଜ ମିଶ୍ର, କିଶୋର ମୋହନ ମିଶ୍ର, ରାକେଶ ପଣ୍ଡା, କୃପାସିନ୍ଧୁ ମିଶ୍ର, ଦାମୋଦର ଓତା, ଶିବ ଶଙ୍କର ରଥ, ସନ୍ତୋଷ ତ୍ରିପାଠି, ଜଗନ୍ନାଥ ଷଡଙ୍ଗୀ, ସିଦ୍ଧେଶ୍ୱର ପାଣିଗ୍ରାହୀ ସମେତ ବହୁତ ସଭ୍ୟ ଯୋଗଦାନ କରିଥିଲେ ।

# ବିଶ୍ୱବିଦ୍ୟାଳୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ବରଗଡ଼, ୦୨/୧୧ (ନି.ପ୍ର): ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲା ଭୁକ୍ତା ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ଦ୍ୱିଦିବସୀୟ ଭଲିବଲ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ମିଶ୍ର ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଲରମ୍ଭା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ନେପାଳ ପ୍ରଧାନ ଏବଂ ଭୁକ୍ତା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବ ଚରଣ ସା ଅତିଥି ଭାବେ ମଂଚାସିନ ଥିଲେ । ମହାବିଦ୍ୟାଳୟର ଖେଳ ଶିକ୍ଷକ ରାଜେଶ କୁମାର ପଟେଲଙ୍କ ତତ୍ୱାବଧାନରେ ହେଉଥିବା ବେଳେ ଏହି ପ୍ରତିଯୋଗିତାରେ ସର୍ବମୋଟ ୨୪ ଟି ମହାବିଦ୍ୟାଳୟର ଅଂଶ ଗ୍ରହଣ କରୁଥିବା ସୂଚନା ମିଳିଛି । କୃଷ୍ଣଚନ୍ଦ୍ର ସାହୁ, ରମେଶ ସେଠ, ନାରାୟଣ ଡନସନା, ସୁଶାନ୍ତ ପଧାନ, ମାଧବ ପଧାନ ଓ ବିମଲ ତାଣ୍ଡି ଖେଳ ପରିଚାଳନା କରିଥିଲେ । ଅନ୍ତର୍ଯ୍ୟାମୀ ସାହୁ, ସୁବୋଧ ରଥ, ଦୟାସାଗର ନାୟକ, ଅନିଲ କୁମାର ଦେବତା, ଡ. ଦୟାନିଧି ସା, ଡ. ବିକାଶ ଚନ୍ଦ୍ର ପଧାନ, ଶରତ ଚନ୍ଦ୍ର ଦେହେରୀ, ଶ୍ରୀମତୀ ଲୀନା ଦାଶ, ଆଶୁତୋଷ ମିଶ୍ର, ଭୋଜରାଜ ନାୟକ, ଚଣ୍ଡୀରାମ ନାୟକ, ରାମଚନ୍ଦ୍ର ସା, ସୁବୋଧ ଭୋଇ, ମୋହନ ସିଦ୍ଧାର, ଜୀବର୍ଦ୍ଧନ ପଟେଲ, ହରିହର ପଣ୍ଡା ଓ ସୁଶାନ୍ତ ପାତିକାର ସହଯୋଗ କରିଥିଲେ ।

# ଜିଲାସ୍ତରୀୟ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ୨୦୨୪ ପାଳିତ

ଭବାନୀପାଟଣା, ୦୨/୧୧ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୪ ଆଜି ନଭେମ୍ବର ପହିଲା ଦିନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ କଳାହାଣ୍ଡିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦର ମହକୁମା ସ୍ଥିତ ଟାଉନହଲ ଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ସାତ ଘଟିକାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାମାନଙ୍କ ଦ୍ୱାର ଲାଲ୍‌ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ କଳାହାଣ୍ଡି ମ୍ୟାପ୍‌ରେ ମାନବ ଶୃଙ୍ଖଳ ପ୍ରଦର୍ଶନ, ଜେଲ୍ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ପଥ ଉତ୍ସବ, ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ମନ୍ଦିରରୁ ଟାଉନହଲ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମା'ଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପୂର୍ବକ ମଶାଳ ଧରି ଶୋଭାଯାତ୍ରାରେ ଟାଉନ ହଲ୍ ପର୍ଯ୍ୟନ୍ତ ପରିକ୍ରମାରେ ଯାଇଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଟାଉନ ହଲ୍ ଠାରେ ଏକ ସାଧାରଣ ସଭା ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ବିଧାୟକ ଲାଞ୍ଜିଗଡ଼ ପ୍ରଦୀପ ଦିଶାରୀ, ବିଧାୟକ ଧର୍ମଗଡ଼ ସୁଧୀର କୁମାର ପାଟଯୋଷୀ, ସଭାପତି ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତାରୁ ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଆର୍ତତ୍ରାଣ ମହାପାତ୍ର ଜିଲ୍ଲା ବିଜେପି ସଭାପତି ଯୋଗ ଦେଇଥିଲେ। ଅତିଥିମାନେ କଳାହାଣ୍ଡି ଜିଲ୍ଲା ଗଠନର ଇତିହାସ ସଂପର୍କରେ ସୂଚନା ଦେଇ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, କୃଷି କ୍ଷେତ୍ରରେ ବିକାଶ ଓ ଅଗ୍ରଗତି କରିଛି। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ଦଳ ମତ, ଭେଦଭାବ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ପାଇଁ ସାଂସଦ, ବିଧାୟକ ଆହ୍ୱାନ ଦେଇଥିଲେ। ଏହି ଅବସରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ ମଧ୍ୟ ଜିଲ୍ଲା ଗଠନ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

# ବାନ୍ଦନା ପରବ ପାଇଁ ଦୁଲୁକୁଛି ପୁରପଲ୍ଲୀ

ଚମ୍ପୁଆ, ୦୨/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଗଣପର୍ବ ବାନ୍ଦନା ପର୍ବ ପାଇଁ ଏବେ ଗାଁ ଗାଁରେ ଉତ୍ସବର ମାହୋଲ। କେଉଁ ଆଦିମ କାଳରୁ ପାଳିତ ହୋଇ ଆସୁଥିବା ଏହି ଗଣପର୍ବ ପାଇଁ ପୁରପଲ୍ଲୀ ଦୁଲୁକି ଉଠୁଥିବା ବେଳେ ଗାଁ ଗାଁରେ ଶୁଭୁଛି ମାନ୍ଦଲ, ନାଗରାର ଶବ୍ଦ। କାର୍ତିକ ମାସର ଅମାବାସ୍ୟା ତିଥିରେ ପାଳିତ ଏହି ଗଣପର୍ବ ପାଇଁ କୁଡୁମି ସମ୍ପ୍ରଦାୟ ସହିତ ହୋ, ଶାନ୍ତାଳ, ମୁଣ୍ଡା, କମାର କୁମ୍ଭାର ଆଦି ସଂପ୍ରଦାୟଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି ଆଗରୁ ହୋଇସାରି ଥାଏ। ତେବେ ମୁଖ୍ୟତଃ କୁଡୁମି ସମ୍ପ୍ରଦାୟରେ ଏହି ଗଣପର୍ବ ପାଇଁ ଘରଗୁଡିକ ଲିପାପୋଛା ସହିତ ରଙ୍ଗ ମରାଯାଇ ସାଜସଜ୍ଜା କରା ଯାଇଥିବା ବେଳେ ତିନିଦିନ ବ୍ୟାପି ହେଉଥିବା ଏହି ପର୍ବର ପ୍ରଥମ ଦିନରେ ଗୋଠ ପୂଜା ଯାହାକି ଗାଁ ମୁଣ୍ଡ ପଡିଆରେ କରା ଯାଇଥାଏ। ଏହି ଗୋଠପୂଜାରେ କୁକୁଡା ବଳି ଦିଆଯାଇ କୁକୁଡା ମାଂସରେ ଚାଉଳ ଚୁନା ଲଗାଇ ଲେଟ ମାଂସପିଠା ପ୍ରସ୍ତୁତି କରିବାର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥାଏ । ଗୋଠରେ ଗାଁ ସାରା ବଳଦକୁ ପାରମ୍ପରିକ ବାଦ୍ୟ ବଜାଇ ଘୋଉଡ଼ା ଯାଇଥାଏ। ଏହି ଅବସରରେ ରଖା ଯାଇଥିବା ଅଣ୍ଡାକୁ ଯାହାର ବଳଦ ମାଡିବ ତାଙ୍କ ଘରେ ମା ଲକ୍ଷ୍ମୀଙ୍କ ପ୍ରବେଶ ହେଲା ବୋଲି ବିଶ୍ୱାସ ରହିଥିବାରୁ ସେ ବ୍ୟକ୍ତି ସକ୍ଷମ ଅନୁସାରେ ଗାଁ ସମସ୍ତ ଲୋକ ମାନଙ୍କୁ ପାରମ୍ପରିକ ଭାବେ ପିଠାପଣା, ମାଂସ, ହାଣ୍ଡିଆ ମଦ ଦେଇ ଆପ୍ୟାୟିତ କରିବାର ପରମ୍ପରା ରହିଛି। ତାପରେ ଘରେ ଘରେ ଜାଳିଥିବା ଜାଗର ଯେପରି ନ ଲିଭିବ ସେଥିପାଇଁ ଗାଁରେ ସମସ୍ତେ ପୁରୁଣା ରାଗ ରୁଷାକୁ ଭୁଲି ଲୋକମାନେ ବାନ୍ଦନା ନାଚ, ଗୀତ କରି ଧେଙ୍ଗୁଆନଯିବା ପରମ୍ପରା ସବୁଠାରୁ ଆକର୍ଷଣୀୟ। ଗାଁର ବୁଢା ଠାରୁ ପିଲା ପର୍ଯ୍ୟନ୍ତ ଢୋଲ, ମାନ୍ଦଳ, ନାଗରା ଆଦି ବାଦ୍ୟ ବଜାଇ ଦଳ ଦଳ ହୋଇ ନାଚ ଗୀତରେ ମତୁଆଲା ହୋଇ ଧେଙ୍ଗୁଆନ ଯିବା ପରମ୍ପରା ରହିଛି । ଦ୍ୱିତୀୟ ଦିନ ଗୁହାଳ ପୂଜାରେ ହଳ ଲଙ୍ଗଳ, ଜୁଆଳି ସବୁକୁ ପୂଜା କରାଯିବା ସହିତ ଗୋ ମାତାଙ୍କୁ ପୂଜା ଦେବା ଅବସରରେ ଗୋ ଧନଙ୍କ ସୁରକ୍ଷା ତଥା ଶୁଭ ମନାସି ଗୁହାଳ ପୂଜା କରା ଯାଉଥିବା ବେଳେ ତୃତୀୟ ବା ଶେଷ ଦିନରେ ଧାନକେଣ୍ଡା ସଂଗ୍ରହ କରି ମରଳ ତିଆରି କରି ଘରର ବଳଦ, ଗାଈ ମାନଙ୍କୁ ପୂଜାକରି ପିନ୍ଧାଯାଇଥାଏ । ଏହି ଅବସରରେ ପ୍ରତି ଘରେ ମା ବୋହୁ ମାନେ ଉପବାସ ରହି ଘରେ ଥିବା ଗୋରୁ, ଗାଈଙ୍କୁ ବନ୍ଦାପନା କରି ପୂଜା କରିବା ବିଧି ସ୍ୱତନ୍ତ୍ର ଓ ନିଆରା ହୋଇଥାଏ। ଦୂର ଦୁରାନ୍ତରେ ବିଭିନ୍ନ ବୃତିରେ କାର୍ଯ୍ୟରତ ଥିବା ଏହି ସମ୍ପ୍ରଦାୟର ଲୋକେ ସମସ୍ତେ ନିଜ ଭିଟା ମାଟିକୁ ଫେରି ଏକତ୍ରିତ ଭାବରେ ସପରିବାର ଏହି ପର୍ବକୁ ପାଳନ କରିଥାନ୍ତି।

# ସାହିତ୍ୟ ପତ୍ରିକା ମଧୁଧାରାର ଶାରଦୀୟ ବିଶେଷାଙ୍କ ଲୋକାର୍ପଣ ଉତ୍ସବ

କେନ୍ଦ୍ରାପଡ଼ା, ୦୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ମୁଖପତ୍ର ସାହିତ୍ୟ ପତ୍ରିକା 'ମଧୁଧାରା'ର ଶାରଦୀୟ ବିଶେଷାଙ୍କ ଗୋପଛକ ସ୍ଥିତ କମଳ ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ମଧୁଧାରାର ସମ୍ପାଦକ ସରୋଜ କୁମାର ମହାନ୍ତିଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବିଶିଷ୍ଟ କଥାକାର ରାମଚନ୍ଦ୍ର ବେହେରା 'ମଧୁଧାରା'ର ଉନ୍ମୋଚନ କରି ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ବିକାଶ କ୍ଷେତ୍ରରେ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିବା ସହିତ ଉନ୍ମୋଚିତ ପତ୍ରିକାର ବିଶେଷତ୍ୱ ସମ୍ପର୍କରେ ଅବତାରଣା କରିଥିଲେ। ଏହି ଉତ୍ସବରେ ପତ୍ରିକାର ମୁଖ୍ୟ ସମ୍ପାଦକ ଭୁବନ ମୋହନ ଜେନା, କଥାକାର ପ୍ରଫେସର ଅତୁଲ ବଳ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ବିଶିଷ୍ଟ ସାମ୍ବାଦିକ ଦେବେନ୍ଦ୍ର ସୁଆର, ପ୍ରଫେସର ଯତିନ୍ଦ୍ର କୁମାର ରାଉତ, ପ୍ରଫେସର ତପନ ପତି, ଗାଳ୍ପିକ ପ୍ରଦୀପ ନାୟକ, କଥାକାର ରତ୍ନାକର ନାୟକ, ଅଧ୍ୟାପକ ପବିତ୍ର ସାହୁ, ଆଳି ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସୁଶାନ୍ତ ନାୟକ ଓ ଅଶୋକ ବାରିକ ପ୍ରମୁଖ ଯୋଗଦେଇ ଲୋକାର୍ପଣ ଉତ୍ସବ ଓ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। କବି ନବଜ୍ୟୋତି ରାୟ, କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ବୃନ୍ଦାବନ ଦାସ, କବି ରଞ୍ଜନ ବାଇ, କବି ପ୍ରମୋଦ ମଲ୍ଲିକ ପ୍ରମୁଖ ମଧୁଧାରାରେ ପ୍ରକାଶିତ ନିଜସ୍ୱ କବିତା ପାଠ କରିଥିଲେ। ସମ୍ପାଦନା ମଣ୍ଡଳୀ ପକ୍ଷରୁ କଥାକାର ମାତୃଦତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଗାଳ୍ପିକ ମାନସ ପଣ୍ଡାଙ୍କ ସୌଜନ୍ୟ ସମ୍ପାଦନାରେ ବିଶିଷ୍ଟ ଚିତ୍ରଶିଳ୍ପୀ ସୁଧାଂଶୁ ସୂତାରଙ୍କର ଏକ ଚମତ୍କାର ଚିତ୍ରଟିଏ ପ୍ରଚ୍ଛଦ ଏବଂ ଅଶୋକ ପରିଡାଙ୍କ ଅଳଙ୍କାରରେ ପତ୍ରିକାଟି ସମୃଦ୍ଧ ହୋଇଛି। ସମୁଦାୟ ଆଠଟି ଫିଚର, ସତେଇଶିଟି କବିତା, ଆଠଟି ଗଳ୍ପ, ତିନୋଟି ପ୍ରବନ୍ଧ, ଦୁଇଟି ପୁସ୍ତକ ସମୀକ୍ଷା ପତ୍ରିକାରେ ସ୍ଥାନୀତ ହୋଇଥିବାବେଳେ ୧୫୦ ପୃଷ୍ଠା ବିଶିଷ୍ଟ ଏହି ପତ୍ରିକାର ମୂଲ୍ୟ ମାତ୍ର ଶହେଟଙ୍କା ରହିଛି।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**ଭାଗ-୭୩**
(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୋ ଅଜାଣତରେ ମସ୍ତକ ମୋର ତାଙ୍କ ପଦତଳକୁ ନଇଁପଡ଼ନ୍ତେ, ସେ ମୋତେ ଧରିନେଇ କହିଥିଲେ ନା ମାଆ ! ଆପଣ ମୋର ଗୁରୁଜନ । ଆପଣ ମୋତେ ପ୍ରଣାମ କରୁଛନ୍ତି କାହିଁକି ? ଆପଣ ମୋର ପ୍ରଣମ୍ୟ । ଏହାକହି ମୋ ପାଦଛୁଇଁଦେଲେ। ଜୀବନ ମୋର ଧନ୍ୟ ହୋଇଗଲା ମାଆ ଜାନକୀ । ଏ ଆସୁରୀ ଜନ୍ମ ମୋର ସାର୍ଥକ ହୋଇଗଲା । ମୁଁ କିଛି କହିବା ପୂର୍ବରୁ ସେ ପ୍ରଶ୍ନ କରିଥିଲେ, କୁହ ମାଆ କାହିଁକି ଏ ଅସମୟରେ ମୋତେ ଦେଖା କରିବାକୁ ଆସିଛନ୍ତି । ଆପଣ କିଏ ? ଦୟାକରି ଆପଣଙ୍କର ପରିଚୟ ଦିଅନ୍ତୁ ।

'ମାଆ', ତାଙ୍କ କଣ୍ଠରୁ ମାଆ ଡାକ ଶୁଣି ତନୁ ମୋର ପୁଲକିତ ହୋଇ ଉଠିଥିଲା । ଧନ୍ୟ ହୋଇ ଯାଇଥିଲି ମୁଁ । ସୀତା ମୋର ମୋତେ ଅଶୋକବନରେ ମାଆ ମାଆ ଡାକେ, ଏଠି ସ୍ୱାମୀ ତା'ର ମୋତେ ମାଆ ବୋଲି ସମ୍ବୋଧନ କରୁଛି । ସାଧାରଣ ଗୋଟାଏ ଅସୁରୁଣୀ ମୁଁ । ମୋ ଜୀବନରେ ମୁଁ କେବେ ତ ଧର୍ମକାର୍ଯ୍ୟ କିମ୍ବା ପୁଣ୍ୟ କର୍ମ କରିନାହିଁ। ଏପରି ପରମ ସୌଭାଗ୍ୟ ମୋତେ ପ୍ରାପ୍ତ ହେଲା କିପରି ? କେମିତି ମୁଁ ବନିଗଲି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଆଉ ସତୀ, ସ୍ୱାଧୀ ପତିବ୍ରତା ସତୀ ସୀତାର ମାତା । ଆଖିରୁ ମୋର ଧାରଧାର ହୋଇ ଲୁହ ବହି ଯାଉଥାଏ । ମୋ ପାଖକୁ ଲାଗିଆସି ମୋ ଆଖିରୁ ଅଶ୍ରୁ ପୋଛି ଦେଇ ସେ ପଚାରିଥିଲେ, କ'ଣ ହୋଇଛି ଆପଣଙ୍କର ମାଆ । କିଏ ଆପଣ ? କ'ଣ ପାଇଁ ମୋ ପାଖକୁ ଆସିଛନ୍ତି ? କାହିଁକି ଏମିତି କାନ୍ଦୁଛନ୍ତି ?

ତାଙ୍କ କଥା ଶୁଣି ମୁଁ କହିଥିଲି ନାରେ ପୁଅ ମୁଁ କାନ୍ଦୁନାହିଁ । ମୋ ଆଖିର ଏ ଜଳଧାରା ଦୁଃଖରେ ନୁହେଁ ଆନନ୍ଦର ଅଶ୍ରୁ । ତୁମ ପରି ପୁଅ କଣ୍ଠରୁ ମାଆ ଡାକ ଶୁଣି ମୋ ଅଜାଣତରେ ମୋର ଆଖିରୁ ଏ ଜଳଧାରା ଖସିପଡୁଛି ।

କ୍ରମେକ୍ରମେ ଅନ୍ଧକାର ଘୋଟି ଆସିଲାଣି । ମୁଁ ତରତର ହେଉଥିବାର ଦେଖି ସେ କହିଥିଲେ ମୋର ଅନୁମାନ ଯଦି ମିଥ୍ୟା ନହୋଇଥାଏ, ତାହେଲେ ଆପଣ ଲଙ୍କାପୁରର....

ତାଙ୍କ ପାଟିରୁ କଥା ନେଇ ମୁଁ କହିଥିଲି ହଁ ମୁଁ ଲଙ୍କାଗଡ଼ର ଅସୁରୀ । ନାମ ମୋର ତ୍ରିଜଟା । ଦଶାନନ ମୋତେ ମାଆ ସୀତାଙ୍କର ସକଳ କର୍ମ ବୁଝିବା ପାଇଁ ତାଙ୍କ ନିକଟରେ ରଖାଇଛନ୍ତି । ତାଙ୍କରି ପାଖରୁ ମୁଁ ଆସିଛି ।

ମୋ ତୁଣ୍ଡରୁ କଥା ନସରୁଣୁ ଉଲ୍ଲସିତ ହୋଇ ସେ କହିଥିଲେ, ଆପଣ ମୋ ସୀତାଠାରୁ ଆସିଛନ୍ତି ? ମୋ ସୀତା ଆପଣଙ୍କୁ ଏଠାକୁ ପଠାଇଛନ୍ତି ।

ହଁରେ ପୁଅ । ସୀତା ମାଆ ମୋର ମୋତେ ତୁମ ପାଖକୁ ପଠାଇଛନ୍ତି...

ଧନ୍ୟ ହୋଇଗଲି ମାଆ ଧନ୍ୟ ହୋଇଗଲି । ସୀତା ମୋର କେମିତି ଅଛି । ତାର ସମସ୍ତ କୁଶଳ ତ ? ଅଶୋକବନରେ ତା' ଉପରେ କିଛି ବିପତ୍ତି ପଡ଼ିଛି କି ?

ନା ପ୍ରଭୁ ଶ୍ରୀରାମ । ସୀତା ମାଆ ମୋର ସର୍ବକୁଶଳରେ ଅଛନ୍ତି ।

ତେବେ.... ଅଟକିଗଲା ତୁମ ସ୍ୱାମୀଙ୍କ କଣ୍ଠର ସ୍ୱର, ଆଖି ତାଙ୍କର ଛଳଛଳ ହୋଇଗଲା । ତାଙ୍କ ମନର ସନ୍ଦେହ ମୋଚନ କରିବାକୁ ଯାଇ ମୁଁ କହିଥିଲି, ସୀତା ମାଆ ମୋର ସର୍ବକୁଶଳରେ ଥାଇ ପ୍ରତୀକ୍ଷା କରି ରହିଛନ୍ତି ତୁମକୁ । ତୁମେ କେବେ ଯାଇ ତାଙ୍କୁ ଲାଙ୍କରୁ ଉଦ୍ଧାର କରି ଆଣିବ ।

ଆଣିବି ମାଆ ନିଶ୍ଚୟ ଆଣିବି । ଆଉ କିଛିଦିନ ସୀତାକୁ ମୋର ଅଶୋକବନରେ ରହିବାକୁ ହେବ । ଯେ ପର୍ଯ୍ୟନ୍ତ ରାବଣ ନମରିଛି ସେ ପର୍ଯ୍ୟନ୍ତ....

ମାଆ ମୋର ପ୍ରଶ୍ନ କରିଛନ୍ତି ରାବଣର ମୃତ୍ୟୁ ହେଉନାହିଁ କାହିଁକି ? ସେ ପଚାରିଛନ୍ତି, ସ୍ୱାମୀ ମୋର ଏ ବିଶ୍ୱବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ହୋଇ, ବ୍ରହ୍ମାସ୍ତ୍ରର ଅଧିକାରୀ ହୋଇ ଲଙ୍କାର ସବୁ ଅସୁରଙ୍କୁ ବିନାଶ କରି ସାରିବା ପରେ ରାବଣକୁ ମାରିପାରୁ ନାହାନ୍ତି କାହିଁକି ? ଏହି ପ୍ରଶ୍ନ ମୋ ଦ୍ୱାରା ସେ ତୁମକୁ କରିଛନ୍ତି ପ୍ରଭୁ । ଏହାର ଉତ୍ତର ଦେଲେ ମୁଁ ଯାଇ ମାଆ ସୀତାଙ୍କୁ କହିବି ।

ମୋ କଥା ଶୁଣି ମୁଖ ଶୁଖାଇ ପକାଇ ସେ କହିଥିଲେ ମାଆ ତ୍ରିଜଟା ସୀତା ମୋର ଏ ପ୍ରଶ୍ନ ମୋତେ ତୁମଦ୍ୱାରା ପଚାରି ପଠାଇଛି । ସେ କ'ଣ ଜାଣିନାହିଁ ରାବଣ କାହିଁକି ମରୁନାହିଁ ବୋଲି ? ଏ ପ୍ରଶ୍ନର ଉତ୍ତର ତ ତୁମ ସୀତା ମାତା ନିଜେ ।

ତୁମ ସ୍ୱାମୀଙ୍କ ମୁଖରୁ ଏପରି କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ମାଆ ଜାନକୀ ? ମୋ ପ୍ରଶ୍ନର ଏ କି ଉତ୍ତର । ମୁଁ କହିଥିଲି ପୁତ୍ର ଶ୍ରୀରାମ, ସୀତା ମାଆ ମୋର ଯଦି ଏ ପ୍ରଶ୍ନର ଉତ୍ତର ଜାଣିଥାନ୍ତେ, ମୋତେ ଏ ସ୍ଥାନକୁ ପଠାଇଥାନ୍ତେ କାହିଁକି ?

ଅଧରରେ ସ୍ମିତହାସର ରେଖାଟିଏ ଟାଣି ତୁମ ସ୍ୱାମୀ କହିଥିଲେ, ସୀତା ମୋର ଯେତେବେଳେ ମୋତେ ଏ ପ୍ରଶ୍ନ ପଚାରିଛି, ମୁଁ ତାର ଉତ୍ତର ଦେଇଦେବି ନିଶ୍ଚୟ । ଯାଅ ମାଆ ତ୍ରିଜଟା ସୀତାକୁ ଯାଇ ମୋର କହିଦେବ, ସ୍ୱାମୀ ତାଙ୍କର ଏ ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ନିଶ୍ଚିତ । ବ୍ରହ୍ମାସ୍ତ୍ରର ଅଧିକାରୀ ଏହା ମଧ୍ୟ ସତ୍ୟ । ହେଲେ ମୁଁ ଯେତେବେଳେ ରାବଣକୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାକୁ ଯାଏ, ସେତେବେଳେ ଦେଖେ ରାବଣର ହୃଦଦେଶରେ ମୋ ସୀତା ଆସନ ପାତି ବସିଛି । ହସ୍ତରୁ ମୋର ବ୍ରହ୍ମାସ୍ତ୍ର ଖସିପଡ଼େ । ଏ କ'ଣ ମୁଁ କ'ଣ କରିବାକୁ ଯାଉଛି । ବ୍ରହ୍ମାସ୍ତ୍ର ରାବଣର ବକ୍ଷ ଭେଦ କରିବା ପୂର୍ବରୁ ମୁଁ ଯେ ସୀତାକୁ ହରାଇ ସାରିଥିବି । ରାବଣକୁ ମାରୁମାରୁ ଯଦି ସୀତାର ମୋର ମୃତ୍ୟୁ ହୋଇଯାଏ, ତାହେଲେ ମୁଁ ଏ ଯୁଦ୍ଧ କରୁଛି କାହା ପାଇଁ । ଯାହାକୁ ପାଇବା ପାଇଁ ମୋର ଏ ଯୁଦ୍ଧ ସେ ଯଦି ନାଶ ହୁଏ.... ।

ତୁମ ସ୍ୱାମୀଙ୍କ କଥା ଶୁଣି ମୁଁ ଅନୁଭବ କରୁଥାଏ, ମୋ ପାଦତଳର ମାଟି ଯେମିତି ତଳକୁ ତଳକୁ ଖସିପଡୁଛି । ମୁଁ ଆଉ ନିଜକୁ ସମ୍ଭାଳି ପାରି ନଥିଲି । ମୋତେ ଅଥୟ ହୋଇ ପଡୁଥିବାର ଦେଖି ସ୍ୱାମୀ ତୁମର କହିଥିଲେ, ରାମ କେବେ ମିଥ୍ୟା କହେନାହିଁ ମାଆ ତ୍ରିଜଟା । ଏବେ ଯାଇ ତୁମେ ତୁମ ସୀତାଙ୍କ ନିକଟରେ ଏ ବାର୍ତ୍ତା ପହଞ୍ଚାଇ ଦିଅ । ମୁଁ ଜାଣିଛି ବିନା ସୀତାର ସାହଚର୍ଯ୍ୟରେ ମୁଁ ରାବଣକୁ ବଧ କରିପାରିବି ନାହିଁ । ସୀତା ରହିଲେ ରାବଣ ମରିବ । ସୀତା ନରହିଲେ ରାମ, ରାବଣର ଏ ଯୁଦ୍ଧ ଏମିତି ବର୍ଷବର୍ଷ ଧରି ଚାଲୁଥିବ । ଏ ସଂସାର ଜାଣିବ ଏମିତି ଯୁଦ୍ଧ ପୂର୍ବରୁ କେବେ ହୋଇନଥିଲା କି ଆଗକୁ କେବେ ହେବନାହିଁ ।

ମା' ତ୍ରିଜଟା ମୁହଁରୁ ଏପ୍ରକାରର କଥା ଶୁଣି ପାଷାଣ ଖମ୍ବଭଳି ମୁଁ ଛିଡ଼ା ହୋଇ ରହିଥାଏ ସୁଧାମୟୀ। ମୁଁ କି ପ୍ରଶ୍ନ ମୋ ସ୍ୱାମୀଙ୍କୁ ପଚାରିଥିଲି । ସେ କି ଉତ୍ତର ମୋ ପ୍ରଶ୍ନର ଦେଲେ । ମୁଁ ପାଷାଣ ଭଳି ଛିଡ଼ା ହୋଇ ରହିଥିବାର ଦେଖି, ମାଆ ତ୍ରିଜଟା ପଚାରିଥିଲେ ମାଆ ସୀତେ ! ତୁମ ସ୍ୱାମୀ ମୋତେ ଯାହା କହିଲେ ଏହା କ'ଣ ସତ୍ୟ ? ସତରେ କ'ଣ ତୁମେ ରାବଣର ହୃଦୟରେ ଅଛ ? ସତରେ କ'ଣ ତୁମ ବିନା ସାହଚର୍ଯ୍ୟରେ ତୁମ ସ୍ୱାମୀ ଦଶାନନକୁ ବଧ କରିପାରିବେ ନାହିଁ ? ଏ କଥାର ରହସ୍ୟ କ'ଣ ମୁଁ କିଛି ବୁଝିପାରୁ ନାହିଁ । ମାଆ ତ୍ରିଜଟାଙ୍କ କଥା ଶୁଣି ମୁଁ କାନ୍ଦିକାନ୍ଦି କହିଥିଲି ମୋ ସ୍ୱାମୀ ଯାହା କହିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ।

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ଉତ୍କଳୀୟ ମଞ୍ଚର ପ୍ରାଚୀନତା ଓ ଓଡ଼ିଶାରେ ରଙ୍ଗମଞ୍ଚ

### ଅଭୟ କୁମାର ଦାସ

ଉତ୍କଳୀୟ ମଞ୍ଚର ପ୍ରାଚୀନତାର ନିଦର୍ଶନ ଆମେ ପାଇଥାଉ ଉଦୟଗିରିର ରାଣୀଗୁମ୍ଫାରେ ଥିବା ସମ୍ରାଟ ଖାରବେଳଙ୍କର ଏକ ଶିଳାଲିପି ଓ ଖୋଦିତ ଚିତ୍ରରୁ। ଖ୍ରୀଷ୍ଟିୟ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ରଙ୍ଗମଞ୍ଚ ବିକାଶର ନିଦର୍ଶନ ଆମେ ପାଇଥାଉ। ମୁରାରୀ ମିଶ୍ର ଅନର୍ଘ ରାଘବ ନାଟକ ଲେଖି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ତାହା ମଞ୍ଚସ୍ଥ କରିଥିଲେ। ଜାତିର କଳାସଂସ୍କୃତିର ପରିଚୟ ମିଳିଥାଏ ତାର ରଙ୍ଗମଞ୍ଚରୁ ସେଇଥିପାଇଁ କୁହାଯାଏ 'ଏ ନେସନ ଇଜି ନୋନ୍ ବାୟ ଇଟସ୍ ଥିଏଟର'। ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ତିନି ପ୍ରକାର ମଞ୍ଚର ନିର୍ଦ୍ଦେଶ କରିଯାଇଛନ୍ତି। ସେଗୁଡ଼ିକ ହେଉଛି ବିକୃଷ୍ଟ, ଚର୍ତୁସ୍ର ଓ ତ୍ରସ୍ୟ। ଭାରତର ସର୍ବପ୍ରଥମ ରଙ୍ଗମଞ୍ଚ କଲିକତାରେ ୧୭୫୬ରେ ଗଢ଼ି ଉଠିଥିଲା। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ତାହା ହେଉଛି ସ୍ଥାୟୀ, ଅସ୍ଥାୟୀ ଓ ସୌଖିନୀର ରଙ୍ଗମଞ୍ଚ। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସ ଖୋଜିଲେ ୧୮୭୨ ମସିହାରେ କଟକ ମିଶନ ସ୍କୁଲରେ ଇଂରାଜୀ ନାଟକ ଅଭିନୀତ ହୋଇଥିବା ନେଇ ଉତ୍କଳ ଦୀପିକାରେ ବର୍ଣ୍ଣନା ହୋଇଛି। ତେବେ ୧୮୭୫-୭୬ ବେଳକୁ ଏଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହେବା ପରେ କଟକ ମ୍ୟୁନିସିପାଲଟି ହତାରେ ସର୍ବପ୍ରଥମେ ୧୮୭୬-୭୭ ସମୟରେ ବମ୍ବେର ପାର୍ସି ରିପନ ଓ ସାଙ୍ଗଲୀ ଥିଏଟର୍ସ ନାଟକ ପ୍ରଦର୍ଶନ କରିଥିଲେ। ତେବେ ୧୮୮୩ ବେଳକୁ ଧରାବାର ହିନ୍ଦୀ ଥିଏଟର୍ସ କମ୍ପାନୀ କଟକରେ ଏକ ରଙ୍ଗଶାଳା ନିର୍ମାଣ କରି ନାଟକ ଅଭିନୟ କରାଇଥିଲେ। ୧୮୮୧ରେ କାଞ୍ଚି କାବେରୀ ଓ ୧୮୮୨ରେ ମହୀଦାସ ବଜାରର ହାରାଧାନ ଘୋଷଙ୍କ ବାସଗୃହରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବନମାଳା'। ସେହିପରି ୧୮୮୩ରେ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ 'କଳିକାଳ', ୧୮୮୪ରେ ପୁରୀ ହିନ୍ଦୁ ଥିଏଟରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାମାଭିଷେକ', ୧୮୮୫ରେ ଶ୍ରୀପଞ୍ଚମୀ ତିଥିରେ କଟକ ଜିଲ୍ଲାର କୋଠପଦା ଗ୍ରାମରେ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା ହୋଇ 'କାଞ୍ଚି କାବେରୀ' ପ୍ରଦର୍ଶିତ ହୋଇଥିଲା।

ବାରବାଟୀ କିଲ୍ଲା ଠାରେ ୧୮୭୭ରେ ନାଟକ 'ଇଂରାଜୀ', ୧୮୮୯ରେ କଟକର ରଘୁନାଥପୁର ଠାରେ ନାରାୟଣ ମିଶ୍ରଙ୍କ 'ସୀତା ବନବାସ' ପ୍ରଦର୍ଶିତ ହୋଇଥିଲା। ୧୮୮୯ରେ କଟକରେ ନାଟକ 'ପ୍ରହ୍ଲାଦ', ୧୮୮୭ରେ ମଧୁସୂଦନ ଦାସଙ୍କ ଘରେ ବଙ୍ଗଳା ନାଟକ 'ହରିଶ୍ଚନ୍ଦ୍ର' ଅଭିନୀତ ହୋଇଥିଲା। ୧୮୭୫ରେ କଳା ଓ ସାଧନାର କ୍ଷେତ୍ର ମାହାଙ୍ଗା ଠାରେ ଜଗମୋହନ ଲାଲା ରାଧାକାନ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରି ଓଡ଼ିଆ ଓ ବଙ୍ଗାଳୀ ନାଟକ ଅଭିନୀତ କରାଉଥିଲେ। ତେବେ ୧୮୮୭ ବେଳକୁ ମଧୁସୂଦନ ଦାସଙ୍କ ଘରେ ସ୍ଥାୟୀ ମଞ୍ଚ ଓ କଟକର ପ୍ରଖ୍ୟାତ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନିଜ ଘରେ ନାଟକ ପାଇଁ ରଙ୍ଗମଞ୍ଚ ତିଆରି କରିଥିଲେ। କଟକର ବିନୋଦବିହାରୀରେ ୧୮୯୮ରେ 'ବୀଣାପାଣୀ ଥିଏଟର' ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ଥାୟୀ ମଞ୍ଚ ୧୮୯୭ରେ ପ୍ରତିଷ୍ଠା ହୋଇଥିଲା ଏହାର ନାମ ଥିଲା 'ପଦ୍ମନାଭ ରଙ୍ଗାଳୟ' ସେହିପରି ପରବର୍ତ୍ତୀ ସମୟରେ ୧୯୧୦ ବେଳକୁ ଜମିଦାର କୁଞ୍ଜବିହାରୀ ଘୋଷଙ୍କ ଉଦ୍ୟମରେ ବାସନ୍ତୀ ରଙ୍ଗମଞ୍ଚ, କଟକର ବାଙ୍କା ବଜାରର ରଜନୀକାନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ୧୯୧୩ରେ 'ଉଷା ପେଣ୍ଡାଲ' ଓ ପୁରୀ ଜିଲ୍ଲାର ବନମାଳି ପତିଙ୍କ ଉଦ୍ୟମରେ ୧୯୧୧ ମସିହାରେ ବଳଙ୍ଗା ଠାରେ ପ୍ରତିଷ୍ଠିତ ହୁଏ ଓଡ଼ିଶାର ପ୍ରଥମ ବ୍ୟବସାୟିକ ରଙ୍ଗମଞ୍ଚ 'ରାଧାକୃଷ୍ଣ ଥିଏଟର'। ସେହିପରି ୧୯୩୫ରେ ବ୍ରହ୍ମପୁରର ସାରଥି ସାହୁଙ୍କ ପ୍ରଚେଷ୍ଟାରେ 'ସାରଥି ଥିଏଟର' ୧୯୩୫ ମସିହାରେ ଗଢ଼ି ଉଠିଥିବାବେଳେ ସୋମନାଥ ଦାସଙ୍କ ପ୍ରଚେଷ୍ଟାରେ ୧୯୩୩ରେ 'ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ' ଓ ୧୯୪୫ରେ କଟକରେ 'ଅନ୍ନପୂର୍ଣ୍ଣ ବି ଗ୍ରୁପ' ମଞ୍ଚ ତିଆରି ହୁଏ। ଏହି ଅନ୍ନପୂର୍ଣ୍ଣା ଥିଏଟରଟି ୧୯୩୯ରେ ବଙ୍ଗଳା ନାଟ୍ୟକାର ଜଳନ୍ଧର ଚଟ୍ଟୋପାଧ୍ୟାୟଙ୍କ ନାଟକ 'ପିତବୁଲ୍ଟି'ର ଓଡ଼ିଆ ଅନୁବାଦ ମଞ୍ଚସ୍ଥ କରିଥିଲେ।

୧୯୨୯ରେ କାଳୀଚରଣ ପଟ୍ଟନାୟକଙ୍କ 'ସାକ୍ଷୀଗୋପାଳ ନାଟ୍ୟ ସଂଘ', ୧୯୪୨ରେ କଟକ ମାଣିକଘୋଷ ବଜାରରେ 'ଭାରତୀୟ ଥିଏଟର', ୧୯୪୪ରେ 'ନ୍ୟୁ ଓଡ଼ିଶା ଥିଏଟର', ୧୯୪୧ରେ କଟକର ଧର୍ମଶାଳା ଠାରେ ଯୋଗୀନାଥ ପଣ୍ଡାଙ୍କ 'ଦୁର୍ଗାମଣି ଥିଏଟର', ୧୯୪୬ରେ ଜଗନ୍ନାଥ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ଜଗନ୍ନାଥ ଥିଏଟର', ୧୯୪୬ରେ ବରଗଡ଼ର ଅପର୍ତ୍ତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ 'ନାଟ୍ୟ ମନ୍ଦିର', ୧୯୨୩ରେ ରଣପୁରରେ 'ରଣପୁର ରଙ୍ଗମଞ୍ଚ' ସେହିପରି କଟକର ବଡ଼େଇସାହିରେ 'ସୌଖିନୀ ରଙ୍ଗମଞ୍ଚ' ଭାବେ ୧୯୧୯ ମସିହାରେ 'ବୀଣାପାଣି କ୍ଲବ', ୧୯୨୨ରେ କାଠଗଡ଼ା ସାହିର 'ଉମାକାନ୍ତ ସମିତି', ୧୯୨୬ରେ 'ଅମଲା କ୍ଲବ', ୧୯୨୪ରେ 'ଜୁନୟର ଆମେଚର କ୍ଲବ', ୧୯୨୮ରେ 'ପିତବ୍ଲୁଡି କ୍ଲବ' ପ୍ରମୁଖ। ତେବେ ୧୯୪୬-୪୭ ସମୟରେ କଟକରେ 'ରୂପଶ୍ରୀ ଥିଏଟର' ସୁରେନ୍ଦ୍ରନାଥ ଦାସଙ୍କ ପରିଚାଳନାରେ ଗଢ଼ି ଉଠିଥିଲା। ୧୯୫୩ ଅକ୍ଟୋବର ୧୬ ତାରିଖରେ ସେ ସମୟରେ ବେଶ ନାଁ କମେଇଥିବା ରଙ୍ଗମଞ୍ଚ ଭାବେ 'ଜନତା ରଙ୍ଗମଞ୍ଚ' ଗଢ଼ି ଉଠିଥିଲା। ସେହିପରି ୧୯୬୬ ଅପ୍ରେଲ ୧୮ ତାରିଖରେ 'କଳାଶ୍ରୀ ଥିଏଟର' ଗଢ଼ି ଉଠିଥିଲା। ଓଡ଼ିଶାର ସୌଖିନ ନାଟ୍ୟ ସଂସ୍ଥା ଗୁଡ଼ିକ ମଧ୍ୟ ନାଟକକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛନ୍ତି। ୧୯୬୪ରେ କଟକର 'ସୃଜନୀ', ୧୯୭୦ରେ ଭୁବନେଶ୍ୱରର 'ସଂକେତ', ୧୯୬୫ରେ ରାଉରକେଲାର 'ଲାଇଫ ଆଣ୍ଡ ରିଦିମ୍', ୧୯୬୮ର 'କଳିଙ୍ଗ କଳାପରିଷଦ' ଓ କଟକର 'ଫ୍ରେଣ୍ଡସ ୟୁନିୟନ ୟୁନାଇଟେଡ ଆର୍ଟିଷ୍ଟ' ପ୍ରମୁଖ। ଓଡ଼ିଆର ନାଟକ, ଲୋକନାଟକ ଆମ ଜନଜୀବନର ବାସ୍ତବ ଜୀବନ ଚିତ୍ର।


♥ ଗୋତରା, ମାହାଙ୍ଗା, କଟକ,
ମୋ: ୯୪୩୭୧୪୨୭୧୭


## କବିତା...

### ॥ ଭାବାନ୍ତର ॥

**● ଡ. ଶ୍ରୀଧର ସାମଲ**



ଏବେ ଫୁରସତ ମିଳିଗଲା
ଭାବିବାକୁ ପୁରୁଣା ଦିନର
ବିବର୍ଣ୍ଣ ଅତୀତ
ଯାହା ବନ୍ଧା ପଡ଼ିଥିଲା ଦୀର୍ଘକାଳ
ଜୀବନ ଜଞ୍ଜାଳର ଅବର୍ତ୍ତମାନରେ।

ଅଚାନକ ଗୃହବନ୍ଦୀର
ଫତୁଆ ଜାରି ହେବାପରେ
ଅଜଣା ଆତଙ୍କର
ମୃଦୁ ଭୂକମ୍ପରେ
ଦୋଳାୟମାନ ସାରା ପୃଥ୍ୱୀ।

ମୃତ୍ୟୁ ଆସି ଦରଜା ସାମ୍ନାରେ
କୋକେଇ ବାନ୍ଧୁଛି
ତାଣ୍ଡବ ରଚୁଛି

ପ୍ରତୀକ୍ଷା କରିଛି
ଅନ୍ୟମନସ୍କତାର ଦୁର୍ବଳ ମୁହର୍ତ୍ତକୁ
କୋଳାଗ୍ରତ କରିବାକୁ
ନିସର୍ତ୍ତରେ ସମର୍ପିତା ପ୍ରେମିକା ପଣରେ।

ସମସ୍ତ ପ୍ରସ୍ତୁତି ଶେଷ
ଖଇ କଉଡ଼ି, ଫୁଲମାଳ,
ମଶିଣା ଶେଯ
ସାମାନ୍ୟ ଅସାବଧାନତାରେ
ମୁଁ ବନିଯିବି କାଲେ
ଜୀଅନ୍ତା ଶବ।

ମୁଁ କିନ୍ତୁ ନିର୍ବିକାର ମନସ୍କ
ନୁହେଁ ପଳାତକ

ଏକ ଅପରାଜେୟ
ପ୍ରେମିକର ମନ
ମୋ ନିର୍ବାସିତ ରରିକାନ୍ଥ ଭିତରୁ
ଦେଖିପାରେ ମୋ ପ୍ରେମର ନିଶାଣ
ଅଧା ମେଲା ଝର୍କା ଦେଇ
ମାପିପାରେ ମୋ ସୁଦୂର ଅତୀତର
ହଜିଲା ସପନ ଓ ପ୍ରେମିକାର ମନ।


♥ ସଂପାଦକ: ମୌସୁମୀ
କେନ୍ଦ୍ରାପଡା
(ମୋ) ୯୪୩୭୬୦୭୯୯୭


### ॥ କବିତା ଲେଖୁଥିବା ଝିଅ ॥

**● ଯୋଗ୍ୟଶ୍ରୀ ସାମଲ**



ଆକାଶକୁ ଛାଇ ମାଗେ
କଥାହୁଏ ଜହ୍ନର ଭାଷାରେ,
ପୂର୍ଣ୍ଣଚ୍ଛେଦକୁ ଡେଇଁପଡ଼େ
କବିତା ଲେଖୁଥିବା ଝିଅ
ନୂଆ ଗୋଟେ ଧାଡ଼ି ହେବାକୁ
ଅନେକଙ୍କ ଆଗ୍ରହ ସାମ୍ନାରେ ।

ଭାବେ, ତା' ବ୍ୟାକୁଳତା ପରି
ସେ ହେବ କମନୀୟ ଛଂଦ,
ଅବସୋସ ପାଇଁ
ଅଭାବ ପଡୁଥିବା ଉପମା,
ଅସ୍ଥିରତା ଆଜିଯାଏ
ଯାହା ଶିଖାଇ ଆସିଚି
ସେଥିରୁ ନିଶ୍ଚେ ପାଇପାରିବ
ତା' ଭାବନା ପାଇଁ ଆବଶ୍ୟକ ସୁଷମା ।

ଅନେକ ରାତିକୁ
ଉଜାଗର ରଖି ସେ ଶିଖିଚି
ଅଂଧାରର ଚାହାଣିରେ ଥିବା
ଭାଷାକୁ ଉଦ୍ଧାର କରିବା,

ନୀରବତାକୁ ଭାଗଭାଗ କରି
ସେ ଜାଣିପାରେ
କୋଉ ଅଂଶକୁ ପୂର୍ଣ୍ଣ କରିପାରେନା
ତା' କବିତା ପାଇଁ ତିଆରି କାଳିମା ।

ତା' ପାଖରେ ପହଂଚିଥିବା ଶବ୍ଦର
ବଦଳିଗଲେ ବି ଚେହେରା,
ଅଧରାତିରେ ନିଦ
ଭାଂଗି ଦେଉଥିବା ବ୍ୟଥାକୁ
ସେ କେବେବି ଅଣଦେଖା କରେନା,
ସେ ଜାଣେ ତା' ଉପରକୁ
ଫିଙ୍ଗାଯାଉଥିବା କାଳିଛିଟାକୁ
ଠିକ୍ ରୂପେ ସଜାଡ଼ିଲେ
ତା' ହେଇପାରିବ ଶୁଭକାମନା ।

ସ୍ୱାତୀଲଗ୍ନର ଶାମୁକା,
ମରୁଭୂମିର ମରୁଝର କି
ଝରୁନଥିବା ଆମ୍ବବଉଳ
ପାଲଟିବା ତା'ର ଶେଷକଥା ନୁହଁ,
ସେ ପାଲଟିଯିବ

ଆଷାଢ଼ ତା'ଠୁ
ବାରି ପାରିବା ଭଳି ନିଜର ବାସ୍ନା ।

ଅମୃତମୟ କବିତା ହେବା
ତା'ର ଶେଷ ଇଚ୍ଛା ନୁହେଁ,
ଧାରେ ମିଠାପାଣିର ବିଶ୍ୱାସକୁ
ପହଂଚାଇବ ସେଇ ମାଟି ପାଖରେ
ସେ କେବଳ ବଂଚିରହିଚି
କାହାକୁ ବଂଚାଇ ପାରିନଥିବା ଅବସୋସକୁ
ଦୂର କରିବା ଆଶାରେ ।


♥ ପାଇକସାହି, ନାହାପଡା,
ରାମବାଗ, ଯାଜପୁର
(ମୋ) ୭୩୭୭୭୬୫୫୯୪


### ॥ ମାଟି ମୋହ ॥

**● ଖଗେଶ୍ୱର ମହାନ୍ତି**



ମାଟି ତ ସବୁବେଳେ ଏମିତି ?
ଛୁଇଁଦେଲେ ଲାଗୁଥାଏ
ସତେ ଯେମିତି କେଉଁ ଏକ
ଅଝଟ ଅମାନିଆ ନିଛାଟିଆ ପିଲାବେଳେ
ମାଆର ଲୋଚାକୋଚା ପଣତକାନିରେ
କେବେଠୁ ଛାଡ଼ିଦେଇ ଆସିଥିବା
ମୋ ଦୁଷ୍ଟାମିର ଯେତେ ସବୁ
ଅଲିଭା ଦାଗ
ଅଭୁଲା ଚିହ୍ନ ।

ନା ତାକୁ ସହଜରେ ଲିଭେଇ ହୁଏ
ଏ ଦେହ ଦେଉଳର ମୁଖଶାଳାରୁ
ନା ତାକୁ ସହଜରେ ପାଶୋରି ହୁଏ
ଏ ମନ ମନ୍ଦିରର ନାଟମଣ୍ଡପରୁ
ନା କେବେ ତାକୁ
ଦୂରେଇ ଦେଇହୁଏ
ଏ ଆତ୍ମାର ଶ୍ରୀମନ୍ଦିରରୁ
ଯେଉଁଠାକୁ ବାରମ୍ବାର ଫେରିବାକୁ ଇଚ୍ଛାହୁଏ
ଏ ଜନ୍ମରୁ ଆଉ ଗୋଟେ ଜନ୍ମ
ବର୍ଷ ମାସ ଋତୁକଳ୍ପ

ତିଥି ବାର ଲଗ୍ନ ନକ୍ଷତ୍ର
ମଧୁଶଯ୍ୟାରୁ ମଶାଣି ଉଦୟରୁ ଅସ୍ତ ।

ମାଟି ତ ସବୁବେଳେ ଏମିତି
ଯାହାର ପ୍ରତ୍ୟେକଟି ସ୍ପନ୍ଦନ ଭିତରେ
ଶବ୍ଦାୟିତ ହୋଇଥାଏ
ମୋ ଅଫେରା ଶୈଶବର ଅସ୍ତମିତ ଅସ୍ତରାଗ
ଚପଳ ତାରୁଣ୍ୟର ସ୍ୱର ଝଙ୍କାର
ଯାହାକୁ ପ୍ରତିଥର ଛୁଇଁଯାଏ
ଗୋଧୂଳିର ଗୋପନ ଲଗ୍ନରେ
ପାପପୁଣ୍ୟର ପୋହଳା ଦ୍ୱୀପରେ
କେବେକେବେ ହଜେଇ ଦେଇଥିବା
ମୋ ଦରଗଢ଼ା କବିତାର ଯେତେସବୁ
କଳା କାଳିମା କଳଙ୍କ
ନା କେବେ ତାକୁ
ସହଜରେ ମାପିହୁଏ
କେଉଁ ମାନକର ମାନଦଣ୍ଡରେ
ନା କେବେ ତାକୁ ଜୋର୍ କରି ବାନ୍ଧିହୁଏ
କେଉଁ ବନ୍ଧନର ବନ୍ଧନୀରେ
ଯେଉଁଠି ଶେଷରେ ଦିନେ ନା ଦିନେ

ଚିତାଗ୍ନି ହୋଇ ବିଲୀନ ହୋଇଯିବ
ମୋ ଶେଷ ରାତ୍ରିର ଶେଷ ରଜନୀଗନ୍ଧା,
ଶେଷ ନିଃଶ୍ୱାସର ଶେଷ ନିଶିଗନ୍ଧା
ଶେଷ କବିତାର ଶେଷ କଥନିକା
ଶେଷ ଶବ୍ଦର ଶେଷ ଶୂନ୍ୟତା
ଶେଷ ଦୃଶ୍ୟର ଶେଷ ଯବନିକା
ମୋ ପାପ ପୁଣ୍ୟର ଶେଷ ପାଉଣା
ସବୁ ଗର୍ବ ସବୁ ଅହଂକାରର
ଶେଷ ଠିକଣା ।


♥ ତାଳପଦା, ଭୀମଦାସପୁର,
ସାଲେପୁର, କଟକ
(ମୋ) ୯୯୩୭୫୧୭୦୫୨


### ॥ ଦେଶ ॥

**● ଐଶ୍ୱର୍ଯ୍ୟା ପ୍ରଧାନ**



ତୁମେ ସବୁ ଭୋକରେ
ଆଉଟୁ ପାଉଟୁ ହୋଇ ମରିଲେ ମର
ଆଉ ଥରେ ପଡ଼ିଲେ ପଡୁ ନଅଙ୍କ ଦୁର୍ଭିକ୍ଷ
ଗଣି ହେଉ ତୁମମାନଙ୍କ ପଞ୍ଜରା ହାଡ଼
ତଥାପି ଆମେ ଖାଇବୁ ଛପନ ଭୋଗ,
ଅର୍ଗାନିକ୍ ଫଳ
ଶୋଷରେ ଶୁଖିଯାଉ ଥାଉ ପଛେ
ତୁମମାନଙ୍କ ତଣ୍ଟି
ଆମେ ପିଇବୁ ବିଦେଶରୁ ମଗା ଯାଇଥିବା
ଦାମିକା ମିନେରାଲ ୱାଟର ।

ବନ୍ୟା, ବାତ୍ୟାରେ ଉଡିଯାଉ ତୁମ ଛପର
ଭାଙ୍ଗିଯାଉ ତୁମ ଝାଳନାଳ ହେଇ
ରକ୍ତରେ ସିଞ୍ଚିଥିବା ଦଦରା ଘର

ଆମେ ଆରାମରେ ରହିବୁ
ଶୀତତାପ ନିୟନ୍ତ୍ରିତ ଅଟ୍ଟାଳିକାରେ ।

ସୀମାନ୍ତରେ ଶହୀଦ୍ ହୋଇଯାଉ
କାହାର ସ୍ୱାମୀ, କାହାର ପୁଅ
କାହାର ଭାଇ ଅବା ବାପା
କିଛି ଫରକ ପଡିବ କି ଆମକୁ ?
ଆମେ ତ ତ୍ରିରଙ୍ଗାର ଦ୍ୱାହି ଦେଇ
ଦେଶର ସନ୍ତାନ ଘୋଷଣା କରିଦେବୁ
ସେ ପତ୍ନୀ, ପୁତ୍ର, କନ୍ୟା ଅଥବା
ପିତାମାତାଙ୍କ ଲୁହ ଝରୁଥାଉ
ଆମର କିଛି ଯାଏ ଆସେ ନାହିଁ
ସମସ୍ୟା ତ ଅଛି
ତଥାପି ଦେଶକୁ ତ ଆଗେଇବାକୁ ପଡ଼ିବ
ଆଉ ଟିକେ ଓଜନଦାର ହେବ ଆମ
କଳାଧନର ଟ୍ରେଜେରୀ ।

ଖେଳୁଥାଅ ତୁମେମାନେ ହିନ୍ଦୁ ମୁସଲମାନର
ରକ୍ତରେ ହୋଲି
ଆମେ ପାଲଟି ଯିବୁ ଧୃତରାଷ୍ଟ୍ର

ଅନ୍ଧ, ମୂକ, ବଧିର
ଆମକୁ ତ ସିଂହାସନର ଲୋଭ
ଆମେ ଦେଖେଇବୁ ତମମାନଙ୍କ
ନିରୀହ ଆଖିରେ ଛଳନାର ସ୍ୱପ୍ନ
ଏମିତି ଚାଲିଥିବ ଆମ ଦେଶ
ଉନ୍ନତି ପଥରେ !!


♥ ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା
କଳାହାଣ୍ଡି
ମୋ-୭୦୦୮୯୩୧୫୯୯

# କଲମଠାରୁ ଶକ୍ତିଶାଳୀ ଅସ୍ତ୍ର ପାଇନି ବୋଲି ମୁଁ ଲେଖୁଛି : ଲିପ୍ସା ପଟେଲ

**ଲିପ୍ସା ପଟେଲ** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ ଗଳ୍ପ କବିତା ଲେଖନ୍ତି ନାହିଁ ବରଂ ଉପନ୍ୟାସ ଓ ଅନୁବାଦ ଲେଖି ସମୃଦ୍ଧ କରିଛନ୍ତି ଓଡିଆ ସାହିତ୍ୟର ପରିଧିକୁ । ନିତିଦିନିଆ ସମାଜର ନିଚ୍ଛକ ଚିତ୍ର ତାଙ୍କ ସୃଜନର ଅନ୍ତଃସ୍ୱର । କଳ୍ପନାରେ ଉଡି ବୁଲିବାରେ ନୁହେଁ ବାସ୍ତବତାର ମାଟିରେ ପାଦ ଥାପି ଠିଆ ହେବାର ନିଷ୍ଠା ତାଙ୍କୁ ଦେଇଛି ଲେଖକର ପରିଚିତି । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୁଁ ଦ୍ୱିତୀୟ ଶ୍ରେଣୀରେ ପଢିଲା ବେଳେ ପ୍ରଥମେ 'ମା' ବିଷୟରେ କବିତା ଲେଖିଥିଲି ଓ ଶିଶୁଦିବସ ଅବସରରେ ପାଠ କରି ଜିଲ୍ଲାସ୍ତରୀୟ ପୁରସ୍କାର ମଧ୍ୟ ପାଇଥିଲି। ସେଇଥିଲା ମୋର ପ୍ରଥମ ସୃଜନ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ମୋର ଆଈ ସ୍ୱର୍ଗତା ରମାଦେବୀ। ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ତାଙ୍କୁ ହିଁ ଚିହ୍ନେ ଓ ସ୍ମରଣ କରେ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ସାହିତ୍ୟ ଜଗତରେ ମୋର ପ୍ରଥମ ପ୍ରକାଶିତ କବିତା 'ଭିନ୍ନ ଏକ ବିଶ୍ୱଯୁଦ୍ଧ' ଧ୍ୱନି ପ୍ରତିଧ୍ୱନି ଖବରକାଗଜରେ ହିଁ ପ୍ରକାଶିତ ହୋଇଥିଲା। ମୋର ଖୁସି କହିଲେ ନସରେ। ଅନେକ ଦିନର ସ୍ୱପ୍ନ ପୂରଣ ହେଲା ପରି ମନେହେଲା। କଲମଠାରୁ ଶକ୍ତିଶାଳୀ ଅସ୍ତ୍ର ଆଉ କିଛି ନାହିଁ ବୋଲି ମୁଁ ବିଚାର କରେ। ସେଇ କଲମକୁ ଆୟୁଧ କରି ସାହିତ୍ୟ ମାଧ୍ୟମରେ ସମାଜର ଉନ୍ନତି କରିବା ସହିତ ନିଜର ପରିଚୟଟିଏ ସୃଷ୍ଟି କରିବା ବି ମୋର ଉଦ୍ଦେଶ୍ୟ ଥିଲା।

■ କବିତା ନା ଗଳ୍ପ, କିଏ ଦେଇଛି ଅଧିକା ଆନନ୍ଦ ? କୋଉଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ? ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?

■■ କବିତା ହେଉ ବା ଗଳ୍ପ କି ଅବା ଉପନ୍ୟାସ, ସବୁଥିରେ ମୁଁ ଆନନ୍ଦ ସେତେବେଳେ ପାଏ ଯେତେବେଳେ ପାଠକୀୟ ପ୍ରତିକ୍ରିୟା ମିଳେ। କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମୁଁ ସ୍ୱାଚ୍ଛନ୍ଦ୍ୟତା ଖୋଜିପାଇନି କାରଣ ନିଜର ମନୋସ୍ଥିତି ଓ ଆବେଗକୁ ନେଇ ଗପ ଲେଖେ, କବିତା ଲେଖେ କିମ୍ୱା ଉପନ୍ୟାସ ଲେଖେ। ଏସବୁ ଲେଖିଲା ବେଳେ ଭିନ୍ନ ଭିନ୍ନ ଭାବାବେଗର ବଶୀଭୂତ ଥାଏ। ମୋ ମତରେ ଜଣେ ଉଦାର ନ ହେଲେ ସୃଜନଶୀଳ ହୋଇପାରିବନି। ବଳପୂର୍ବକ କାହାକୁ ସ୍ରଷ୍ଟା କରାଯାଇ ନପାରେ। ତେଣୁ ଉଦାରତା ହିଁ ସୃଜନଶୀଳତାର ଭିତ୍ତିଭୂମି। ଏହାର ଅଭାବ ନିଶ୍ଚୟ ବିରୋଧାଭାସ ସୃଷ୍ଟି କରିବ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?

■■ ସାହିତ୍ୟ ସମାଜର ଦର୍ପଣ। ସମୟାନୁସାରେ ବର୍ତ୍ତମାନ ମାତୃଭାଷା ପ୍ରତି ଲୋକମାନଙ୍କର ଆଗ୍ରହ କମି କମି ଯାଉଛି। ଆଧିପତ୍ୟ ହେଉ ଅବା ସାମାଜିକ ପ୍ରତିପତ୍ତି ପାଇଁ ବିଦେଶୀ ଭାଷାକୁ ଆପଣେଇ ନେବାର ସଭ୍ୟତା ଦେଖାଦେଇଛି। ଯୁବପିଢିଙ୍କୁ ସାହିତ୍ୟ ଅନୁରାଗୀ କଲେ ହିଁ ଏଇ ସଙ୍କଟରୁ ମୁକ୍ତି ମିଳିପାରିବ।

■ ସାହିତ୍ୟର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? ଗଳ୍ପ କି କବିତା ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ନିଶ୍ଚୟ ଆଶାବାଦୀ। ତେଣୁ ମୁଁ ଲେଖୁଛି। ଅନେକ ପାଠକ ଲେଖାଟିଏ ପଢି ତାଙ୍କର ଅନ୍ତର୍ମନରେ ଆଲୋଡନ ସୃଷ୍ଟି ହୁଏ ଯାହା ମୁଁ ମୋର ପାଠକୀୟ ମତାମତରୁ ଅନୁଭବ କରିଛି। ତେଣୁ ସାହିତ୍ୟ ମାଧ୍ୟମରେ ବ୍ୟକ୍ତି ବିଶେଷର ମାନସିକତା ପରିବର୍ତ୍ତନ ସମ୍ଭବ।

■ ଓଡିଆ ସାହିତ୍ୟର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?

■■ ବର୍ତ୍ତମାନ ଅନୁବାଦ ମାଧ୍ୟମରେ ପାଠକ ସଂଖ୍ୟା ବଢୁଛି। କୌଣସି ଭାଷା କେବଳ ସେଇ ରାଜ୍ୟ କିମ୍ୱା ଲୋକଙ୍କ ପରିସରଭୁକ୍ତ ହୋଇ ରହୁନି। ସାହିତ୍ୟ ଓ ପାଠକ ପରସ୍ପର ପରିପୂରକ। କେହି କାହାକୁ ଛାଡି ନିଜର ଅସ୍ତିତ୍ୱ ବଜାୟ ରଖିପାରିବେନି। ଯୁବପୀଢିଙ୍କ ମଧ୍ୟରେ ନିଜର ଭାଷା ପ୍ରତି ମମତା ସୃଷ୍ଟି କରିବା ସହିତ ସମସ୍ତ କ୍ଷେତ୍ରରେ ମାତୃଭାଷାର ଉପଯୋଗ ଦ୍ୱାରା ସାହିତ୍ୟ ସାଧାରଣ ଜନତାଙ୍କ ପାଖକୁ ପହଂଚି ପାରିବ ବୋଲି ମୁଁ ଭାବୁଛି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପାଠକୀୟ ଆଦୃତି ହିଁ ଲେଖକ ପାଇଁ ପ୍ରକୃତ ପୁରସ୍କାର। ଏତଦବ୍ୟତୀତ ଛୋଟ ପିଲାଟିଏ ଅଙ୍କ ଠିକ୍ ଲେଖିଲେ ଯଦି ଚକୋଲେଟ୍ ଆଶା ରଖେ ତେବେ ଜଣେ ସ୍ରଷ୍ଟା ନିଜର ସର୍ଜନା ଓ ପରିଶ୍ରମ ପାଇଁ ପୁରସ୍କାରଟିଏ ପାଇବାକୁ ନିଶ୍ଚୟ ଇଚ୍ଛା ରଖେ। ଏଇ ପୁରସ୍କାର କେବଳ ପରିଚୟ ସୃଷ୍ଟି କରେନି ବରଂ ଲେଖକର ଦାୟିତ୍ୱ ବଢାଇଦିଏ। ଏହା ପ୍ରେରଣା ମଧ୍ୟ ଯୋଗାଏ। ନିଜ ଭାଷାକୁ ନ ଭୁଲି ନିଜ ସଂସ୍କୃତିକୁ ମନେ ରଖିବା ପାଇଁ ସାହିତ୍ୟ ହିଁ ସାଧନ। ସମାଜର ସବୁପ୍ରକାର ଘଟଣା, ଅଘଟଣ ସବୁ କିଛି ସାହିତ୍ୟ ମାଧ୍ୟମରେ ହିଁ ପ୍ରତିଫଳିତ ହୁଏ ଯାହା ଲୋକଙ୍କର ଚିନ୍ତା ଓ ଚେତନାରେ ଆଲୋଡନ ସୃଷ୍ଟି କରେ। ♥♥



ନିଜ ପରିବାର ସହିତ ଲେଖିକା ଲିପ୍ସା ପଟେଲ...

### ■ ଅଳ୍ପରେ ଲିପ୍ସା ପଟେଲ...



ଜନ୍ମସ୍ଥାନ - ବଲାଙ୍ଗୀର
ଜନ୍ମ ତାରିଖ - ୧୮ ମଇ ୧୯୮୩
ଶିକ୍ଷାଗତ ଯୋଗ୍ୟତା - ସ୍ନାତକୋତ୍ତର
ବୃତ୍ତି - ଅଧ୍ୟାପନା
ଠିକଣା - ଇରିଗେସନ କଲୋନୀ, ଭବାନୀପାଟଣା,
ଜିଲ୍ଲା - କଳାହାଣ୍ଡି - ୭୬୬୦୦୧
(ମୋ) ୯୪୩୯୪୦୦୩୪୮

#### ■ ପ୍ରକାଶିତ ପୁସ୍ତକ ■

ନୀରବ ମୁହୂର୍ତ୍ତ (କବିତା)
ମୋକ୍ଷ ମୁହାଣ (ଗଳ୍ପ ସଙ୍କଳନ)
ଲଗ୍ନସିଦ୍ଧା (ଗଳ୍ପ ସଙ୍କଳନ)
ଭିନ୍ନ ବଳୟ (ଗଳ୍ପ ସଙ୍କଳନ)
ଶବ୍ଦମେଧ (ଗଳ୍ପ ସଙ୍କଳନ)
ଇମୋଜି (ଗଳ୍ପ ସଙ୍କଳନ)
ସ୍ୱପ୍ନନାୟକ (ଉପନ୍ୟାସ)
ରିଭ୍ୟୁଲେଟ୍ ଅଫ୍ ରିଫ୍ଲେକ୍ସନ୍ସ (ଇଂରାଜୀ ଅନୁବାଦ)
କିଛି ଶବ୍ଦର କାନଭାସ (କବିତା)
ଅଙ୍କ ଓ ଦିଗ (ଉପନ୍ୟାସିକା)
ପାପୁଲି ସନ୍ଧିରେ ଆୟୁଷ (ଗଳ୍ପ ସଙ୍କଳନ)
ଅନେଶ୍ୱତା (ଗଳ୍ପ ସଙ୍କଳନ)

### କାହିଁକି ଲେଖେ ମୁଁ....



ଏମିତିରେ ଗପ, କବିତା, ଉପନ୍ୟାସ, ପ୍ରବନ୍ଧ ସବୁ ଲେଖେ। କିନ୍ତୁ କବିତା ହିଁ ସମସ୍ତ ଲେଖକ ଲେଖିକାଙ୍କର ପ୍ରଥମ ପ୍ରେମ ବୋଲି ମୁଁ ବିଚାର କରେ। କବିତାରେ ହୁଏତ ଅଳ୍ପ ଶବ୍ଦରେ ଅନେକ କିଛି ମନର ଆବେଗକୁ ବ୍ୟାଖ୍ୟା କରାଯାଇପାରେ, ତେଣୁ କବିତାର ପାଠକ ସଂଖ୍ୟା ଅଧିକ ବୋଲି ମୁଁ ଅନୁମାନ କରିଛି। ମୋର କିଛି ପାଠକଗୋଷ୍ଠୀ ମୋ ଗପକୁ ଅପେକ୍ଷା କରିଥାନ୍ତି ବୋଲି ଗପଟିଏ ପ୍ରକାଶିତ ହେଲେ ଅନେକ ଟେଲିଫୋନ ଓ ବାର୍ତ୍ତା ମୁଁ ଗ୍ରହଣ କରେ। ଏତିକି ହିଁ ମୋ ଲେଖିବାର ସ୍ୱୀକୃତି। ପୁରସ୍କାର, ସମ୍ମାନ ହୁଏତ ସାମାଜିକ ସ୍ୱୀକୃତି ଦିଏ, କିନ୍ତୁ ଏଇ ପାଠକଙ୍କ ନିଚ୍ଛକ ଭଲପାଇବା ଆଗରେ ତା'ର ମୂଲ୍ୟ କିଛି ମାତ୍ରାରେ କମ୍ ହିଁ ଜଣାପଡେ। ନିଜ ଚାରିପଟେ ଘଟୁଥିବା ଚିତ୍ର ଓ ଚରିତ୍ରକୁ କାଗଜରେ ଶବ୍ଦର ରୂପ ଦେଇ ଉତାରି ପାରିଲେ ହିଁ ମୁଁ ଆଶ୍ୱସ୍ତ ହୁଏ। କଲମଠାରୁ ଶକ୍ତିଶାଳୀ ଅସ୍ତ୍ର ପାଇନି ବୋଲି ମୁଁ ଲେଖୁଛି। ♥



ନିଜ ପୁସ୍ତକ ଉନ୍ମୋଚନ ପର୍ବରେ ଲିପ୍ସା...



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...

## ସଂସ୍ଥା ଶସ୍ତା ନା ଲୋକ ଶସ୍ତା

ଦିପ୍ତିମୟୀ ନାୟକ

କର୍ମକୁ ଭଗବାନ ଭାବୁଥିବା ଲୋକମାନେ ଅନେକ ସମୟରେ ସେହି କର୍ମସ୍ଥଳରେ ଅନେକ ହଇରାଣ ହୋଇଥାନ୍ତି । ସେମାନେ ନିଜେ ନିଜେ ହଇରାଣ ହୋଇନଥାନ୍ତି ତାଙ୍କୁ ଜାଣି ଜାଣି ଅନ୍ୟମାନେ ହଇରାଣ କରିଥାନ୍ତି। ଆଉ ଶେଷରେ ଗୋଟେ ପ୍ରକୃତ କର୍ମଚାରୀ ତାର ପ୍ରକୃତ ସ୍ଥାନ ଛାଡି ଅନ୍ୟ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାଏ । କାହିଁକି ନା ଗୋଟେ ପ୍ରକୃତ କର୍ମଚାରୀ ପାଇଁ ଟଙ୍କା ଅପେକ୍ଷା ଆତ୍ମସମ୍ମାନ ବହୁତ ବଡ଼ ହୋଇଥାଏ । ଆଉ ଯେଉଁମାନଙ୍କର ନିଜର ଆତ୍ମସମ୍ମାନ ବୋଲି କିଛି ନଥାଏ ସେମାନେ ସବୁବେଳେ ଅନ୍ୟମାନଙ୍କ ଗୋଡ଼ ଟାଣିବାପାଇଁ ହୀନ ଚକ୍ରାନ୍ତ ଜାରି ରଖିଥାନ୍ତି । ହେଲେ ସେମାନେ ଭୁଲିଯାଇଥାନ୍ତି ଗୋଡ଼ଟଣା ଲୋକ ସବୁବେଳେ ପାଦ ତଳେ ହିଁ ରୁହନ୍ତି । ଆଉ ନିଷ୍ଠାର ସହ କାମ କରୁଥିବା ପ୍ରତ୍ୟେକଟି କର୍ମଚାରୀ ଉପରକୁ ଉଠିଚାଲିଥାନ୍ତି। କାରଣ ଏମାନଙ୍କୁ ସାଲିସ କି ମାଲିସ ପସନ୍ଦ ନୁହେଁ । ବରଂ ଏମାନଙ୍କ ଜ୍ଞାନ ହିଁ ଅସଲ ଚାବିକାଠି । ତେବେ ଆଜିକାଲି ଅନେକ ସଂସ୍ଥାରେ ଶୁଣିବାକୁ ମିଳୁଛି, ଶସ୍ତା ଲୋକଙ୍କ ସଂସ୍ଥା । ଏପରି ଶୁଣିବାର ମାନେ ହେଲା ସଂସ୍ଥା ଭଲ ହୋଇଥାଏ କିନ୍ତୁ ସେଠି କାମ କରୁଥିବା କିଛି କୁଚକ୍ରୀ କର୍ମଚାରୀଙ୍କ ପାଇଁ ଭଲ ସଂସ୍ଥାଟି ଶସ୍ତା ସଂସ୍ଥାର ପରିଚୟ ପାଇଯାଇଥାଏ । ସଂସ୍ଥା ଛୋଟ ହେଉ କି ବଡ଼ କାମ କିଭଳି ଚାଲୁଛି ତାକୁ ଅନୁଧ୍ୟାନ କରିବା ନିହାତି ଜରୁରୀ । କିନ୍ତୁ କାମକୁ ଧ୍ୟାନ ନଦେଇ ଶୁଣା କଥାକୁ ଧ୍ୟାନ ଦେଇ ଭଲ କର୍ମଚାରୀଙ୍କ ଭଲ କାମକୁ ନଦେଖି ସେହି ମିଛୁଆ ଲୋକଙ୍କ କଥାକୁ ଅନ୍ୟମାନେ ବିଶ୍ୱାସ କରି ସଂସ୍ଥା ଗୋଟେ ପ୍ରକୃତ ଦକ୍ଷ କର୍ମଚାରୀକୁ ହରାଇଥାଏ । କିନ୍ତୁ ସେହି ଦକ୍ଷ କର୍ମଚାରୀ କେବେବି କୁହେନି ସେ ତା ଦକ୍ଷତା ଆଗରେ ହାରମାନିଛି ବୋଲି ବରଂ ସେ ଏୟା କୁହେ ତା ଦକ୍ଷତାକୁ ଯେଉଁଠି ପରିଚୟ ମିଳେନି ସେଠି କିଛିଟା ଅର୍ଥ ପାଇଁ ନିଜ ଆତ୍ମସମ୍ମାନକୁ ହରେଇବାକୁ ଚାହେଁନି । ମଣିଷ ମାଡ ଗାଳି ସବୁ ସହିଯିବି କିନ୍ତୁ ନିନ୍ଦା ଅପବାଦକୁ କେବେ ସହିପାରିବନି କାରଣ ସେ କର୍ମ କରିଥାଏ ଟିକେ ପ୍ରଶଂସା ପାଇବାପାଇଁ ହେଲେ ପ୍ରଶଂସା ବଦଳରେ ଯଦି ନିନ୍ଦା ମିଳେ ତେବେ ସେ କେବେବି ଚୁପ ହୋଇ ରହିବନି । କିନ୍ତୁ ବିବେକହୀନ ଲୋକମାନେ ଅନ୍ୟର ବିବେକକୁ ଆହତ ଦେଲାଭଳି କଥା କୁହନ୍ତି ଅନ୍ୟସହ ସାଲିସ ଆଉ ମାଲିସ କଲାଭଳି ପରବୋଲକରା ଭଳି କାର୍ଯ୍ୟ କରନ୍ତି । ନିଜ କାର୍ଯ୍ୟରେ ଧ୍ୟାନ ନଦେଇ ଅନ୍ୟ କାର୍ଯ୍ୟରେ ବାଧା ଉପୁଜିଥାନ୍ତି । ନିଜକୁ ଶ୍ରେଷ୍ଠ ଜ୍ଞାନୀ ବୋଲି କହି ଅହଂକାରୀ ଭଳି କାର୍ଯ୍ୟ କରିଥାନ୍ତି । ଶେଷରେ ଏହି ଅହଂକାରୀ ମାନେ ହିଁ ସେହି ସଂସ୍ଥାର ସର୍ବେସର୍ବା ହୋଇ କିଛି ଦିନପରେ ସେହି ସଂସ୍ଥାର ସର୍ବ ଗିଳା ମଣିଷ ହୋଇଥାନ୍ତି । ତେବେ କୌଣସି ସଂସ୍ଥା ଶସ୍ତା ହୋଇନଥାଏ ଶସ୍ତା ଲୋକଙ୍କ ପାଇଁ ସଂସ୍ଥାଟି ଶସ୍ତା ହୋଇଯାଇଥାଏ । ଯଦି ପ୍ରତ୍ୟେକ କର୍ମଚାରୀ ଜଣେ ଜଣକୁ ସମର୍ଥନ କରିବେ ତେବେ ନିହାତି ଭାବରେ ଅନ୍ୟଜଣେ କର୍ମଚାରୀ ଭଲଭାବରେ ତାର କାର୍ଯ୍ୟ ତୁଲେଇ ପାରିବ । ସଂସ୍ଥାକୁ ନିଜର ଭାବି ଯଦି ସମସ୍ତେ ସଂସ୍ଥାଟି ପାଇଁ ମନ ଦେଇ କାମ କରିବେ ତେବେ ନିଶ୍ଚିନ୍ତ ଭାବରେ ସଂସ୍ଥାଟି ଆଗକୁ ଆଗେଇ ପାରିବ । ତେଣୁ ଗୋଡ଼ଟଣା ଟଣି ରାଜନୀତି ଟିକେ କମ ହେଉ ନୂଆ ପ୍ରତିଭାକୁ ଭଲ କାମ କରିବାର ଟିକେ ସୁଯୋଗ ଦିଆଯାଉ।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬



ଗାୟତ୍ରୀ ଆର୍ଯ୍ୟ

ଏଇ ଦୁଇଟି ଚିଠି ପାଇ ମୋ ମନରେ ଲେଖିବା ପାଇଁ ଯେପରି ପ୍ରେରଣା ଜାଗି ଉଠିଥିଲା । କିଏ ମୋତେ ଗାଢ଼ ନିଦ୍ରାରୁ ଉଠାଇଲା ପରି ଲାଗିଲା । ଶାନ୍ତନୁ କୁମାରଙ୍କ ଭାଷା କବିତାମୟ । ମାର୍ଜିତ ଓ ସ୍ୱଚ୍ଛ କଥାରେ ଯେଉଁ ଅନୁରୋଧ ତାହା ହୃଦୟକୁ ଛୁଇଁ ଯାଇଥିଲା । ଚିଠି ପାଇବାର କୋଡ଼ିଏ ବର୍ଷ ବିତିଗଲାଣି । ହେଲେ ଆଜି ମଧ୍ୟ ଡାଏରିରେ ସେଇ ଦୁଇଟି ପୋଷ୍ଟକାର୍ଡ ସେମିତି ଅମଳିନ ହେଇ ରହିଛି । ମୋତେ ପ୍ରେରଣା ଦଉଛି ଜାଗ୍ରତ କରୁଛି ଅହରହ। କେବେ ଦେଖିନଥିବା, ଜାଣି ନଥିବା, ଅଦେଖା ପାଠକ ମୋ ପାଇଁ କେତେ ବ୍ୟସ୍ତତା ପରିପ୍ରକାଶ କରିଥିଲେ ।

## ପ୍ରିୟ ପାଠକ-୩୬

# ପାଠକ ମନରେ ଲେଖକ ଏକ ଉତ୍କଣ୍ଠା ହେଇ ରହିଲେ ସାହିତ୍ୟ ବଞ୍ଚି ରହେ...

ଚିଠିଟିଏ ଆସିଲା ଜଣେ ପାଠକଙ୍କ ପାଖରୁ ନୂଆବର୍ଷର ଅଭିନନ୍ଦନ ପତ୍ର ହେଇ ।

୨୦୦୪ରେ
ନୂଆ ବୋଲି କିଛି ନାହିଁ ଏଠି
ଲାଗେ ସବୁ ପୁରୁଣା ପୁରୁଣା ।
ପୁରୁଣାରେ ନୂଆ ଅନ୍ୱେଷଣେ
ସଫଳ ହୁଅନ୍ତୁ ଏତିକି କାମନା ।
ସୃଜନୀରୁ ଝରୁ ଅଜସ୍ର ସନ୍ଦେଶ
ମାନବ ଜାତିର ବିପୁଳ ବନ୍ଦନା
ସୃଷ୍ଟି ମୁଗ୍ଧ
ତୁମକୁ ଦେଖିଲା ପରେ
ସାହିତ୍ୟ ଜଗତରେ
ଶାନ୍ତନୁ କୁମାର ପାତ୍ର, କୁମ୍ଭିକୋଟା ।

ନୂଆବର୍ଷର ଅଭିନନ୍ଦନ ପତ୍ର କାହିଁ କେଉଁଦିନୁ ଡାକରେ ଆସିବା ବନ୍ଦ ହେଇଯାଇଥିଲା । ଟେଲିଫୋନ୍ ମାଧ୍ୟମରେ ଅଭିନନ୍ଦନ ଜଣାଇବା ଆରମ୍ଭ ହେଇ ଯାଇଥିଲା । ଆମ ପାଖରେ ସେତେବେଳେ ନିଜର ଟେଲିଫୋନ୍ ନଥିଲା ।

ଦୁଇ ହଜାର ଚାରିରେ ମୁଁ ବାଙ୍ଗାଲୋରରେ ଥିଲି, ବଡ଼ପୁଅ ପାଖରେ । ତାର ଦେହ ଭଲ ରହୁନଥିବାରୁ ତା ପାଖରେ କିଛିଦିନ ରହିବା ପାଇଁ ଯାଇଥିଲି । ସାନଟି ଏସ୍‌ସିବି ହଷ୍ଟେଲରେ । ମଝିଆଁଟି ବାଲେଶ୍ୱରରେ କାର୍ଯ୍ୟରତ ।

ସ୍ୱାମୀ ନୟାଗଡ଼ରେ ତାଙ୍କ କାର୍ଯ୍ୟାଳୟରେ । ଏମିତି ପରିବାରର ପାଞ୍ଚଜଣଙ୍କର ଅବସ୍ଥିତି ଥିଲା । ବାଙ୍ଗାଲୋରରେ ଅଲସୁର ରୋଡରେ ମାଆପୁଅ ଉପର ମହଲାରେ ରହୁଥିଲୁ । ତଳେ ଘରବାଲା । ନିଜ ଲୋକଙ୍କୁ ଓଡ଼ିଶାରେ ଛାଡ଼ି ଆସି ଥିବାରୁ ମୁଁ ସବୁବେଳେ ଦୁଃଖୀ ରହୁଥିଲି । ପିଲାମାନେ, ନିଜ ପିତାମାତା ମନେ ପଡୁଥିଲେ ।

ଘରବାଲା ବାଙ୍ଗାଲୋରବାସୀ ହିନ୍ଦୀ ବୁଝନ୍ତି ହେଲେ କହି ପାରନ୍ତି ନାହିଁ । ଆମେ କନ୍ନଡ଼ ବୁଝି ପାରୁନଥିଲୁ କି କହି ପାରୁନଥିଲୁ । ପୁଅ ସକାଳ ସାତଟାରୁ ଯାଇ ଫେରେ ରାତି ଆଠଟାରେ । ମୋର ସମୟ ସରେନା । ଓଡ଼ିଶାରୁ ସମାଜ ଯାଏ, ସେଥିରୁ ଯାହା ସମ୍ବାଦ ମିଳୁଥିଲା । ଯାହା ପତ୍ରପତ୍ରିକା ଆଣିଥିଲି ତାକୁ ସ୍କୁଲ ଛାତ୍ରୀ ପରି ରିଭିଜନ୍ କରି ସାରିଥାଏ । ସମୟ କଟେନା... ଭାରି ଅସ୍ୱସ୍ତି ଲାଗୁଥିଲା । ଲେଖିବା ପାଇଁ ସ୍ପୃହା ନଥାଏ । ବାଲ୍‌କୋନୀରେ ବସି ପୁଅର ବାଟ ଚାହିଁ ରହୁଥିଲି । ଡାକବାଲା ଦୁଇଦିନର ପୁରୁଣା ସମାଜ ଆଣି ଦଉଥିଲା । କେବେ କେବେ ଚିଠି ଆସୁଥିଲା ଆର୍ଯ୍ୟବାବୁଙ୍କ ଠାରୁ । ସେଠାକାର ପରିବେଶ, ପରିପାଟୀ ମୋ ମନରେ କିଛି ପ୍ରଭାବ ପକାଇ ପାରୁନଥିଲା। ନ ଲେଖିବାର ଯନ୍ତ୍ରଣା କେତେ ତାହା ଅନୁଭବି ହିଁ ବୁଝି ପାରିବେ । ଅହରହ ଚେଷ୍ଟା କରି ମଧ୍ୟ ଧାଡ଼ିଏ ଲେଖି ପାରୁନଥିଲି । ସବୁ ଖାଲି ଖାଲି ଲାଗୁଥିଲା ।

ଏତିକି ବେଳେ ଶାନ୍ତନୁ କୁମାର ପାତ୍ରଙ୍କ ଚିଠି ଆସିଲା ନୂଆବର୍ଷକୁ ସଙ୍ଖୋଳି । କାହିଁକି କେଜାଣି ସେ ଚିଠିଟି ପଢ଼ି ମୁଁ ଖୁବ୍ ଖୁସି ହେଇ ଯାଇଥିଲି । ଖୁବ୍ ଶୀଘ୍ର ତାର ଉତ୍ତର ଫେରାଇ ଥିଲି । ହେଲେ ତାଙ୍କଠାରୁ ପାଲଟା ଉତ୍ତର ପାଇନଥିଲି ଅନେକ ଦିନ ଅପେକ୍ଷା କରି ।

ପ୍ରାୟ ସବୁବେଳେ ଡାକବାଲାକୁ ପଚାରି ପଚାରି ତାକୁ ବ୍ୟସ୍ତ କରିଦେଇଥିଲି । 'ନୋ ଲେଟର ଆମ୍ମା' କହି ସେ ଚାଲି ଯାଇଥିଲା ।

ମନ ମୋର କେଉଁ ଅଜଣା ଦୁଃଖରେ ବିଗଳିତ ହେଇଗଲା । ତା'ପରେ ଖାତା ଧରି ମୁଁ ଲେଖି ଚାଲିଲି । ହଁ ଗପଟିଏ ଉତୁରିଲା । ଗପର ଶୀର୍ଷକ ଥିଲା 'ଚିଠି' ।

ସେଥିରେ ଚିଠି ନପାଇବା ଯନ୍ତ୍ରଣାର ରୂପରେଖର ବର୍ଣ୍ଣନା ଥିଲା । ଗପଟି ପରବର୍ତ୍ତୀ ସମୟରେ 'ଝଙ୍କାର'ରେ ପତ୍ରିକାରେ ସ୍ଥାନିତ ହେଇଥିଲା । ତା' ପରେ ତାଙ୍କ ଚିଠିକୁ ଅପେକ୍ଷା କରିବା ଛାଡ଼ିଦେଇଥିଲି । ଅଗଣିତ ପାଠକ ଖଣ୍ଡିଏ ଚିଠି ଦେଇ ଭୁଲିଗଲା ପରି ସେ ବୋଧେ ଭୁଲିଗଲେ। ଜାନୁଆରୀ ମାସ ବିତିଗଲା । ଫେବୃଆରୀ ପ୍ରଥମ ସପ୍ତାହରେ ପୁଅ ଓ ମୁଁ ଓଡ଼ିଶା ଆସି ପୁଣି ବାଙ୍ଗାଲୋର ଫେରିଗଲୁ । କିଛିଦିନ ବିତିଗଲା। ଘର ମାଲିକଙ୍କଠାରୁ ଆମ ଚିଠି ପତ୍ର ଓ ସମାଜ ସଂଗ୍ରହ କଲୁ ହେଲେ ତା ଭିତରେ ଶାନ୍ତନୁଙ୍କ ପତ୍ର ନଥିଲା । କିଛିଦିନ ପରେ ଘର ମାଲିକ ଆଣି ଚିଠିଟିଏ ଦେଲା । କେଉଁଠି ରଖି ଦେଇ ଭୁଲି ଯାଇଥିଲା ବୋଲି କ୍ଷମା ମାଗିଲା ।

ଚିଠିଟି ଥିଲା ଶାନ୍ତନୁ କୁମାର ପାତ୍ରଙ୍କଠାରୁ ।

ନମସ୍ୟ ମହାଶୟା,

ପ୍ରଣାମ ।

ଆପଣଙ୍କ ଜାନୁୟାରୀ ଛବିଶର ପତ୍ର ବିଳମ୍ବରେ ପାଇଲି । ବିଭିନ୍ନ ସାମାଜିକ ସମସ୍ୟାର ସନ୍ତୁଳନ ଭିତରେ ପ୍ରତ୍ୟୁତ୍ତରରେ ବିଳମ୍ବ ଘଟିଛି । ମୋ ସମ୍ପର୍କରେ ପଚାରିଛନ୍ତି । କଣ ଜଣାଇପାରେ ? ବୃତ୍ତିରେ ଶିକ୍ଷକ, ବିଦ୍ୟା ସ୍ନାତକ, ପ୍ରଶିକ୍ଷିତ, ବିବାହିତ, ଦୁଇ ପୁଅର ଛୋଟିଆ ସଂସାର । ମନକୁ ବୁଝାଇବା ପାଇଁ ସାହିତ୍ୟ ଜଗତେ ବେଳେବେଳେ କାଟେ ମୁଁ ଚକ୍‌କର । ଦୁଃଖକୁ ସାଉଁଟିବା ପାଇଁ କବିତା ଲେଖେ । ସନ୍ତାପ ଭୁଲିବାକୁ ଗଳ୍ପର ଝରକା ଖୋଲେ । ଆଉ ବେଦନାକୁ ପାଶୋରିବା ପାଇଁ କୃଷ୍ଣଚୂଡ଼ାର ଅମୁକୁଳା କଢ଼ ପରି ହସେ । ଏଇ ମୋ ଜୀବନ ।

ଲେଖିବେ ନିଜ ସମ୍ପର୍କରେ। ସ୍ଥିତି ପ୍ରଗତି, ବୃତ୍ତି ପରିବେଶ ସେଠି କେମିତି ଆପଣଙ୍କୁ ଆମୋଦିତ କରେ । ଆଜିକାଲି କାହିଁ ନୀରବି ଯାଉଛନ୍ତି । ପତ୍ରପତ୍ରିକାରେ ଦେଖିବାକୁ ପାଉ ନାହିଁ ଆପଣଙ୍କ ଔଜଲ୍ୟ ଓ କାନ୍ତି।

ପୁନଃ ପ୍ରଣାମାନ୍ତେ ପ୍ରତ୍ୟୁତ୍ତର ପ୍ରତୀକ୍ଷାରେ

ମୁଁ ଶାନ୍ତନୁ କୁମାର, କୁମ୍ଭିକୋଟା, ଛବିଶି ଫେବୃୟାରୀ । ଚିଠିଟି ପାଇ ପରମ ସନ୍ତୋଷରେ ମନ ପୂର୍ଣ୍ଣ ହୋଇଗଲା । ଅନେକ ଦିନ ଅପେକ୍ଷା ପରେ ଚିଠିଟି ଆସିଥିଲା । କେତେଥର ଚିଠିଟି ପଢ଼ିଲି ।

ଶ୍ରଦ୍ଧେୟ ଅରବିନ୍ଦ ଧଳ, ଶିବପ୍ରସାଦ ଗନ୍ତାୟତ, ଦେବାଶିଷ ଚକ୍ରବର୍ତ୍ତୀ, ବ୍ରଜ କିଶୋର ମହାରଣା, ଗାୟତ୍ରୀ ସରାଫ, ମଞ୍ଜୁ ଶର୍ମା ଦାସ ମହାପାତ୍ର, ସନ୍ତୋଷ କୁମାର ରଥ, କ୍ଷୀରୋଦ କୁମାର ଦାସଙ୍କ ଠାରୁ ଚିଠି ପାଇଥିଲି । ଅରବିନ୍ଦ ଓ ଶିବ ପ୍ରସାଦ, ଦେବାଶିଷ ଲେଖାଟିଏ ପଢ଼ିଲେ ନିଶ୍ଚୟ ଚିଠି ଦଉଥିଲେ । ସେମାନଙ୍କର ଅନେକ ଚିଠି ମୋ ପାଖରେ ରହିଛି ।

ତା' ପରେ ବାଙ୍ଗାଲୋର ରହଣି ବେଳେ ମୋ ଲେଖନୀରୁ ଅନେକ ଗପର ସୃଷ୍ଟି ହେଇଥିଲା। ସେ ସବୁ ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନିତ ହେଇଥିଲା ।

ଲେଖନୀରେ ଯେଉଁ ସ୍ଥାଣୁତା ଆସିଥିଲା ତାହା ଦୂରେଇ ଯାଇଥିଲା । ଆଉ ପଛକୁ ଫେରି ଚାହିଁନି ।

ଏଇ ଦୁଇଟି ଚିଠି ପାଇ ମୋ ମନରେ ଲେଖିବା ପାଇଁ ଯେପରି ପ୍ରେରଣା ଜାଗି ଉଠିଥିଲା । କିଏ ମୋତେ ଗାଢ଼ ନିଦ୍ରାରୁ ଉଠାଇଲା ପରି ଲାଗିଲା ।

ଶାନ୍ତନୁ କୁମାରଙ୍କ ଭାଷା କବିତାମୟ । ମାର୍ଜିତ ଓ ସ୍ୱଚ୍ଛ କଥାରେ ଯେଉଁ ଅନୁରୋଧ ତାହା ହୃଦୟକୁ ଛୁଇଁ ଯାଇଥିଲା । ଚିଠି ପାଇବାର କୋଡ଼ିଏ ବର୍ଷ ବିତିଗଲାଣି ।

ହେଲେ ଆଜି ମଧ୍ୟ ଡାଏରିରେ ସେଇ ଦୁଇଟି ପୋଷ୍ଟକାର୍ଡ ସେମିତି ଅମଳିନ ହେଇ ରହିଛି । ମୋତେ ପ୍ରେରଣା ଦଉଛି ଜାଗ୍ରତ କରୁଛି ଅହରହ। କେବେ ଦେଖିନଥିବା, ଜାଣି ନଥିବା, ଅଦେଖା ପାଠକ ମୋ ପାଇଁ କେତେ ବ୍ୟସ୍ତତା ପରିପ୍ରକାଶ କରିଥିଲେ । ପତ୍ରିକାରେ ମୋତେ ଖୋଜି ପାଇ ନଥିଲେ । ଲାଗୁଥିଲା ମୋତେ ସେ ବିଭିନ୍ନ ପତ୍ରିକାରେ ଭେଟିଥିଲେ । ପାଠକ ମନରେ ଲେଖକ ଏକ ଉତ୍କଣ୍ଠା ହେଇ ରହିଲେ ସାହିତ୍ୟ ବଞ୍ଚି ରହେ ।

ମୁଁ ମାଟିର ମଣିଷ । ଗାଁ, ନଈ, ନାଳ, ପୋଖରୀ, କଇଁଫୁଲ, କାଦୁଅ, ଧାନକେଣ୍ଡା, ଗାଈ, ବାଛୁରୀ, ଛେଳି ମେଣ୍ଢା କୁମାର ପୂର୍ଣ୍ଣିମା, ଦାଣ୍ଡ ପହଁରା ଓଷାରେ ମୋର ପିଲାଦିନ କଟିଛି । ମୋର ସବୁ ଗପ ସେଇ ମାଟିର ମଣିଷ ଓ ପରିବେଶକୁ ନେଇ ଲିଖିତ ।

ଥରେ ଜଣେ କବି କହିଥିଲେ ଆପଣଙ୍କ ଲେଖା ସବୁ ଗାଉଁଲିଆ ଗାଉଁଲିଆ ଲାଗୁଛି । ହଁ ସେ କହିଥିଲେ ଖୁସି ଲାଗିଥାନ୍ତା ଯେ ଆପଣ ଜଣେ ମାଟିମନସ୍କ ସ୍ରଷ୍ଟା । ନିଜେ ଦେଖିଥିବା ଅଙ୍ଗେ ଲିଭେଇଥିବା ଘଟଣା ମୋ ଚାରିପାଖରେ ଥିବା ବ୍ୟକ୍ତି ବିଶେଷ ମୋତେ ଅହରହ ବ୍ୟସ୍ତ ବିବ୍ରତ କରନ୍ତି । ସେଇମାନଙ୍କ କଥାକୁ ମୁଁ ଲେଖନୀରେ ନ ଉତ୍ତାରିବା ଯା ଏ ମୋତେ ନିଦ ହୁଏ ନାହିଁ ।

ଝଙ୍କାର ପୃଷ୍ଠାରେ ସ୍ଥାନିତ 'ଫୁଲ ଫୁଟିଥିଲା' ଗପ ପାଇଁ ସବୁଠାରୁ ଅଧିକ ଚିଠି ପାଇଥିଲି । ସେତେବେଳେ ଚିଠିର ଆଦାନ ପ୍ରଦାନ ଚାଲିଥିଲା । ଅନେକେ ପରୋକ୍ଷରେ ଆର୍ଯ୍ୟ ଯଜ୍ଞଦତ୍ତଙ୍କ ପାଖକୁ ଚିଠି ଲେଖିଥିଲେ,। ମୋ ଗପକୁ ନେଇ । ମୋର ଠିକଣା ଆର୍ଯ୍ୟ ଯଜ୍ଞଦତ୍ତ ନାଁ ।

ତାଙ୍କ ବିନା ମୋ ଲେଖକୀୟ ସତ୍ତାର ଉତ୍ତରଣ ଅସମ୍ଭବ ଥିଲା । ତାଙ୍କ ତାଡ଼ନା, ମିଠା ଗାଳି ଅଧିକରୁ ଅଧିକ ମୋ ଲେଖନୀକୁ ସମୃଦ୍ଧ କରିଥିଲା। (ତାଡ଼ନା- ହେଃ ହେଲା ନାହିଁ) ମୋ ଗାଳ୍ପିକା ଜୀବନରେ ତାଙ୍କ ଶ୍ରେୟ ଅନେକ ।

ଶ୍ରଦ୍ଧେୟ କାଶୀନାଥ ନନ୍ଦୀ ମୋର ପ୍ରତ୍ୟେକ ଗପର ଜଣେ ମନଯୋଗୀ ପାଠକ । ସେ କେବେ ପ୍ରଶଂସା କରନ୍ତି ତ କେବେ ଖୁଣ୍ଟି ନାଣ୍ଟି ଅବିଗୁଣ ବାହାର କରନ୍ତି । ହେଲେ ପ୍ରଶଂସା ଅଧିକ ଥାଏ ଚିଠିରେ । ଆଗରୁ ପ୍ରାୟ ସବୁ ଗପ କବିତା, ଅନୁବାଦ ପଢ଼ି ମତାମତ ଦଉଥିଲେ ଚିଠି ମାଧ୍ୟମରେ। ଏବେ ସେଇ ଚିଠିର ଭାଷା ସବୁ ଟେଲିଫୋନ୍‌ର ଭାଷା ହେଇ ଯାଇଛି ।

ବାଙ୍ଗାଲୋର୍‌ରେ ଥିଲାବେଳେ ଲେଖିଥିବା ଅନେକ ଗପରୁ 'ଆକାଶ ପୋଖରୀ' ଗପଟିକୁ ପଢ଼ି ଶ୍ରଦ୍ଧେୟ ତପନ କୁମାର ମହାପାତ୍ର ଅଭିଭୂତ ହେଇଥିଲେ । ମୋର ଆଉ ଯେତେ ଗଳ୍ପ ପତ୍ରିକାରେ ବାହାରେ, ସେ ପଢୁଥିଲେ ହେଲେ ତାଙ୍କର ମନ୍ତବ୍ୟ, 'ଆକାଶ ପୋଖରୀ' ପରି କଣ ଏ ଗପ ହେଇ ପାରିବ ?

ମୋର 'ତରଙ୍ଗ' ଗପଟି ତାଙ୍କୁ ଏତେ ଭଲ ଲାଗିଥିଲା ଯେ ସେ ତାର କିୟଦଂଶ ନିଜର ଏକ ଗପରେ ନେଇଥିଲେ । ଅହୋ ଭାଗ୍ୟ..

ପାଠକଙ୍କ ଚିଠି ଲେଖକଙ୍କୁ ସଞ୍ଜିବନୀ ଯୋଗାଏ ।

ତାଙ୍କ ଶାଣିତ ମନ୍ତବ୍ୟରେ ଲେଖକ ରକ୍ତାକ୍ତ ହେଉ ପଛେ ତା ପରେ ନିଜକୁ ସଜାଡ଼ି ଆହୁରି ଅନୁପମ ସୃଷ୍ଟି ରଚନା କରେ ।



ପ୍ରିୟ ପାଠକ

ଶ୍ରଦ୍ଧେୟ ଅରବିନ୍ଦ ଧଳ, ଶିବପ୍ରସାଦ ଗନ୍ତାୟତ, ଦେବାଶିଷ ଚକ୍ରବର୍ତ୍ତୀ, ବ୍ରଜ କିଶୋର ମହାରଣା, ଗାୟତ୍ରୀ ସରାଫ, ମଞ୍ଜୁ ଶର୍ମା ଦାସ ମହାପାତ୍ର, ସନ୍ତୋଷ କୁମାର ରଥ, କ୍ଷୀରୋଦ କୁମାର ଦାସଙ୍କ ଠାରୁ ଚିଠି ପାଇଥିଲି। ଅରବିନ୍ଦ ଓ ଶିବ ପ୍ରସାଦ, ଦେବାଶିଷ ଲେଖାଟିଏ ପଢ଼ିଲେ ନିଶ୍ଚୟ ଚିଠି ଦଉଥିଲେ । ସେମାନଙ୍କର ଅନେକ ଚିଠି ମୋ ପାଖରେ ରହିଛି ।

କବି ଦୀପକ ମିଶ୍ର ମୋ ଗଳ୍ପର ଜଣେ ମୁଗ୍ଧ ପାଠକ । ତାଙ୍କର ସେ ମତାମତ ସେ ଆର୍ଯ୍ୟ ବାବୁଙ୍କୁ ଜଣାଉଥିଲେ । ଶ୍ରୀ ରାମଚନ୍ଦ୍ର ବେହେରା ମୋର କବିତା 'ଶୁଖିଲା ନଈ ଓ ଧଡ଼ି' ପଢ଼ି ଏତେ ଅଭିଭୂତ ହେଇଥିଲ ଯେ ଆଜି ପର୍ଯ୍ୟନ୍ତ ମନେ ରଖିଛନ୍ତି । ଯେବେ ସଭାସମିତି କି ମାଙ୍ଗଳିକ କାର୍ଯ୍ୟରେ ଦେଖା ହୁଅନ୍ତି ସେ ନିଶ୍ଚୟ ସେହି କବିତା କଥା କହିବେ ।

ଝଙ୍କାରରୁ 'ଶୁଖିଲା ନଈ' କବିତା ପଢ଼ି ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍କାଳିନ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କୁ ଏତେ ଭଲ ଲାଗିଲା ଯେ ଏକାଡେମୀର କବିତା ସଂକଳନ ବହିରେ ପତ୍ରସ୍ଥ କଲେ।

ଚିଠିର ଆନନ୍ଦ ନିଆରା, ସେଥିରେ ଲେଖକର ଆତ୍ମା ପୂରି ଉଠେ। ଆସନ୍ତୁନା ଏବେ ପୁଣି ଥରେ ପରସ୍ପରକୁ ଚିଠି ଦିଆନିଆ ହେବା ! ଲେଖକ ଅପେକ୍ଷା କରିବ ଡାକବାଲାକୁ । ପାଠକମାନେ ପୁଣି ନିଜ ମନକଥା କହିବେ ଚିଠିରେ, ଅଗଣିତ ପାଠକଙ୍କ ଭିତରୁ ଆମେ ଆମର ପ୍ରିୟ ପାଠକ ଖୋଜି ପାଇ ପାରିବା !! ❤

## ପଢ଼ିଲା ପରେ...

# ମୁକ୍ତି କାଇଁ ?



ଜୀବନ ଥିଲା ଯାଏଁ ଜଂଜାଳ ବାନ୍ଧେ । ଦେହ ଥିଲା ଯାଏଁ ଦୁଃଖ ବାନ୍ଧେ । କରୁଣା ଥିଲା ଯାଏଁ କୋହ, ମମତା ଥିଲା ଯାଏଁ ମୋହ ବାନ୍ଧେ । ଏବେ ଆପଣ ମୋହକୁ ମାୟା କହିବେ କି ଅନ୍ଧାର ପାହିଲା ପରେ ଝରିଥିବା କାକରକୁ କ୍ଷତାକ୍ତ ରାତିର ସ୍ମୃତି କହିବେ ସେଇଟା ଆପଣଙ୍କ ଉପରେ ନିର୍ଭର କରେ । କବି କିନ୍ତୁ ସ୍ମୃତି କହିଛନ୍ତି, କାକରକୁ ସଜେଇଛନ୍ତି ରାତିରେ, ମୋହରେ, ମମତାରେ।

ଏବେ ଆପଣ କବିଙ୍କୁ ଓ ତାଙ୍କ କବିତା ସଂକଳନକୁ ମାୟା ବି ଭାବି ପାରନ୍ତି । କିନ୍ତୁ ମାୟାଠୁ ବି ମୁକ୍ତି କାଇଁ ଯେ ?

ନାରୀକବି ସଂଘମିତ୍ରା ରାଏଗୁରୁଙ୍କ କବିତା ସଂକଳନ 'ଟୋପେ କାକରର ମୋହ' ପ୍ରଥମ ପ୍ରକାଶ କାଳ ୨୦୨୧, ପ୍ରକାଶକ ପଶ୍ଚିମା ଦ୍ୱାରା ପ୍ରକାଶିତ । ମୋଟ ୪୪ଟି କବିତା ଓ ୧୩୬ପୃଷ୍ଠାର କଳେବର ନେଇ ଉକ୍ତ ସଂକଳନଟି ପ୍ରକାଶିତ । କବିତାକୁ ପ୍ରବେଶ କରିବା ଅପେକ୍ଷା କବିତା ପାଇଁ କବିଙ୍କ ମନଦଶା, ଭାବ ବଳୟ ଓ ତାଙ୍କ ଜୀବନ ଟି ମୁଖ୍ୟ ; ନହେଲେ କବି ବିନା ଶବ୍ଦମାନଙ୍କ ନିଜସ୍ୱ ଅର୍ଥ, ପ୍ରାଣ, ସ୍ପନ୍ଦନ କିଛି ଥାଏ କି ?

ଯେଉଁଠି କଥା ସ୍ପନ୍ଦନର, ପ୍ରାଣର, ଅର୍ଥର ସେଇଠି କବି ଜୀବନକୁ କେମିତି ବୁଝନ୍ତି !!

'କହି ହୁଏନା କଥାରେ / ଲେଖି ହୁଏନା ଶବ୍ଦରେ / ଭୋଗ୍ୟର ଭୋଗ / ଯୋଗ୍ୟର ଯୋଗ / ଦୁନିଆର ପ୍ରତିଟି ଦୁର୍ଲଭ କ୍ଷଣ / ଚହଟେ ନିଶବ୍ଦ ବେଳାରେ, କେହି ଜଣେ କହିଥିଲା/ ଡ଼ିମିରି ଫୁଲକୁ ଫୁଟିବା / ଦେଖି ହେଲାନି ଏଯାଏଁ / ଏଡ଼େ ଶସ୍ତା ବଜାରରେ' ( ପୃ : ୧୩୦/ମୁଁ ତୁମକୁ ଭଲ ପାଏ )

ଯେଉଁଠି କହି ହୁଏନି କଥା, କିମ୍ବା କହିଲା ପରେ ବି ବାକି ରୁହେ କଥା, ବଳି ପଡେ ବ୍ୟଥା ସେଠି କଣ ବୁଝି ହୁଏ ଜୀବନକୁ ??

କବି ବହୁତ ଆଶାବାଦୀ, ବହୁ ସମ୍ଭାବନାର ଅପେକ୍ଷା ରଖନ୍ତି ଜୀବନରୁ, ଦୁନିଆରୁ ଏଇ ପୃଥିବୀରୁ । ହ୍ରାସ ହେଉଥିବା ମାନବିକତା, ଲୋପ ପାଉଥିବା ସମ୍ବେଦନଶୀଳତା ଓ ଦେହରୁ ସରି ଆସୁଥିବା ଜୀବନକୁ କ୍ରମଶଃ ବଢ଼ି ବଢ଼ି ଯାଉଥିବା ଯନ୍ତ୍ରମୟତାରେ କବି ଛଡା ଆଉ କିଏ ବା ରଖିବ ଆଶା, କିଏ ଦେଖିବ ସ୍ୱପ୍ନ, କିଏ କହିବ ବର୍ଷାକୁ ଓଃ, କାଗଜ ଡ଼ଙ୍ଗାକୁ ଉହୁଁ ?

'ଆସ ବର୍ଷା ସହ ବର୍ଷା ହୋଇଯିବା / ରଫ ଖାତାକୁ କାଗଜ ଡ଼ଙ୍ଗା କରି ନଈ ପାର ହେବା / ଏ କୁଳରୁ ସେ କୁଳ କେତେ ଅବା ଦୂର ସାଥିରେ ମାପିବା, ଯଦି ସଜାଡି ହୁଏ ଅସଜଡ଼ା ସମ୍ପର୍କରେ ଖିଅ / ତେବେ ଆସ ଥରେ ନିଶ୍ଚୟ ଭେଟିବା ।' ( ପୃ : ୨୪/ ଅକାଶ ସେପାଖେ )

ପ୍ରସ୍ତାବ ବର୍ଷା ସହ ବର୍ଷା ହେବାର, ଇଚ୍ଛା କାଗଜ ଡ଼ଙ୍ଗାରେ ନଦୀ ପାରି ହେବାର, ଇଚ୍ଛା ଅସଜଡ଼ା ସମ୍ପର୍କର ଖିଅ ସଜାଡି ଦେବାର ଓ ଅପେକ୍ଷା ଅକାଶ ସେପାଖେ ଭେଟିବାର । ସତରେ ଏ କୋହ କେତେ କରୁଣ, ଏ ମୋହ କେତେ ମର୍ମସ୍ପର୍ଶୀ । ଯଦିଓ କବିଙ୍କ କବିତାରେ ପ୍ରେମର ଅନୁପସ୍ଥିତିରେ, ପ୍ରେମର ଫୁଲ ଫୁଟି ଉଠିଛି ତଥାପି ଜୀବନର ବାସ୍ତବତା ପ୍ରତି କବିଙ୍କ ବିଦ୍ରୋହ ବି ଖୁବ ମଧୁର, ଛଳ ଛଳ, ତରଳ । ଖଣ୍ଡିଉଡା ଦେଉଥିବା ପକ୍ଷୀର ଡେଣାରୁ ଝରି ପଡିଥିବା ପର ଯେମିତି କୁହେ ମୁଁ ଅକାଶର ସେମିତି କବି କହିଛନ୍ତି ମାଟି ମୋର ବିଶ୍ରାମ କିନ୍ତୁ ମୁଁ ମାଟିର ନୁହେଁ ।

'ନା.. କେହି ଯାଚନା, ମୁଁ ଚାହେଁନା ମଲମ / ପୋଡିବା -ଜଳିବା- ଉଖାରିବା କିଛି ଘା'ଙ୍କର ଭାଗ୍ୟ, ପ୍ରେମ ତ ଚିରକାଳ ଅଜାଗା ଘା'ଟିଏ / ନଦେଖେଇଲେ ଭୋଗ୍ୟ / ଦେଖେଇ ଦେଲେ ଯୋଗ ।'

(ପୃ : ୭୩/ଅଜାଗା ଘା )

କବିଙ୍କ କବିତାରେ ପ୍ରେମ, ମିଳନ, ବିରହର ମୋତି, ଶ୍ରଦ୍ଧାର ସାଗର, ଲୁହର ଲହରୀକୁ ଭାବନାର ବେଳାଭୂମିରେ ଅନେକ ସ୍ମୃତିର ବାଲି ଘର, କିଛି ଧ୍ୱସ୍ତ ଆଉ କିଛି ଅଧା ଅଧୁରା ହୋଇ ରହିଥିବା ସହ ଧାଡିରେ ବସିଛନ୍ତି ଅନେକ ନୌକା । ନୌକା ଖୋଜୁଛି ନୂଆ କୂଳ କିମ୍ବା ନକାରୁଛି ନିଜକୁ ଓ ନକାରିବାରେ ରହିଛି ବିଦ୍ରୋହ ।

ନାରୀକବି ସଂଘମିତ୍ରା ରାଏଗୁରୁ କୌଣସି ପରିଚୟ, କିମ୍ବା ପ୍ରଶଂସାର ଅପେକ୍ଷା ରଖନ୍ତି ନାହିଁ । ତାଙ୍କ କବିତା ସବୁ ପ୍ରଶଂସା ଓ ପରିଚୟର ଉର୍ଦ୍ଧ୍ୱରେ ବହୁଆୟାମୀ । ପବନରେ ବାଉଁଶବଣରୁ ବଂଶୀ ଶୁଭେ ।

ସେ ବଂଶୀ କାହା ନାମ ଧରେ ତାହା କହିବା ମୁସ୍କିଲ, କାରଣ ସେ ବଂଶୀର କଥା ଓ ଡାକ ପାଇଁ ଆମକୁ ଅକାଶ କିମ୍ବା ବାଉଁଶ ବଣର ଅନ୍ଧାର ହେବାକୁ ପଡିବ, ନହେଲେ ସେ ବଂଶୀର କଥା ସେ କହିବ ଯାହା ନାଁ ବଂଶୀ ଧରିଛି ଯାହାକୁ ଡାକିଛି ।

ଯେଉଁଠି କଣ୍ଟା ସେଇଠି ଫୁଲ, ଯେଉଁଠି ଉଡାଣ ସେଇଠି ବି ହଜେଇ ଦେବାର ଭୟ ତଥାପି କବିଙ୍କ ଉଡାଣ ଆକାଶରୁ ଆକାଶ ଯାଏଁ, ଶୂନ୍ୟରୁ ଶୂନ୍ୟ ଯାଏଁ । କବିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

'ଏଠି ଶୂନ୍ୟତାରୁ ଖିଏ, ସେଠି ବି ଶୂନ୍ୟତାର ଖିଅ, ନା, ଏଇ ଶୂନ୍ୟତାର ମୁହଁ ଜମା ଏକା ପରି ନୁହେଁ ।'

ଏ ବହି ଆହୁରି ପଢା ହେଉ, ଶୂନ୍ୟତାର ମୁହଁ ଅଙ୍କା ହେଉଥାଉ ।❤



ଆଲେଖ୍ୟ : ପ୍ରଣୟ ସୁଧା
ଚେରାମୁହାଁ, ଧର୍ମଶାଳା, ଯାଜପୁର
ମୋ : ୮୩୩୯୮୧୮୪୧୧

## ପଢ଼ିଲା ପରେ...

# ଆଞ୍ଜୁଳାଏ ସୁଗନ୍ଧରାଜ



ପ୍ରେମ ଅପ୍ରକାଶ୍ୟ। ତା'ର କୌଣସି ଭାଷା ନାହିଁ କି ଲିପି ନାହିଁ। ମାତ୍ର ବୁଝିବା ଆଉ ବୁଝେଇବା ପ୍ରେମର ଭାଷା ଭାବରେ ଅଶ୍ରୁକୁ ନିଆଯାଇପାରେ। ଏ କଥା କୁହନ୍ତି ଶ୍ରୀରାମ କଥାର ବିଶିଷ୍ଟ ପ୍ରବଚକ ତଥା ଆଧ୍ୟାତ୍ମିକ ଗୁରୁ ମୋରାରି ବାପୁ। ଆମ ସମୟର ଅନ୍ୟତମ ବିଶିଷ୍ଟ ଯୁବ ସ୍ୱର ପ୍ରଜ୍ଞା ପରିମିତାଙ୍କ ଗଳ୍ପ ସଂକଳନ ଆଞ୍ଜୁଳାଏ ସୁଗନ୍ଧରାଜର ପ୍ରଥମ ତଥା ଶୀର୍ଷକ ଗପରେ ପ୍ରେମର ପରିଭାଷା ଠିକ୍ ଏମିତି। ହାଇସ୍କୁଲ୍ ଜୀବନରେ ବି ସ୍କୁଲ ସହପାଠୀ ସହ ନିର୍ଭେଜାଲ ପ୍ରେମ ହୋଇପାରେ ଆଉ ଉପହାର ଦିଆଯାଇପାରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଆଉ ଆଞ୍ଜୁଳେ ଫୁଲ। ଏଠି ପ୍ରେମର ଲକ୍ଷ୍ୟ ସିନ୍ଦୂର, ବିବାହ ନୁହେଁ ବରଂ ବନ୍ଧୁତା ପରି ଗୋଟିଏ ପବିତ୍ର ସମ୍ପର୍କରେ ସାରା ଜୀବନ ଯୋଡ଼ି ହୋଇ ରହିବା ହିଁ ପ୍ରେମ ଛ ନୈସର୍ଗିକ ପ୍ରେମର ବାସ୍ନାରେ ପ୍ରଥମ ଗଳ୍ପଟି ମହକି ଉଠିଛି ଆଞ୍ଜୁଳେ ସୁଗନ୍ଧରାଜ ପରି। ଏଥିରେ ଶତରୂପା ଆଉ ଅଶ୍ୱିନୀ ଦୁଇଟି ଆଦର୍ଶ ଚରିତ୍ର।

ଦୁଃଖ ବାଣ୍ଟିବାର ଛଳନାକରି ନିରୀହ ଗ୍ରାମ୍ୟ କିଶୋରୀ ମଧୁସ୍ମିତାକୁ ଫସେଇ ତା'ର ସର୍ବସ୍ୱ ଲୁଟ କରିଥିବା ଛଦ୍ମବେଶୀ ଫେରିବାଲା ସଦାନନ୍ଦ ତ୍ରିପାଠୀ ଓରଫ୍ ସୟିଦ ଅହମ୍ମଦ ପରି ଅମଣିଷର କାହାଣୀ 'ନୀଳ ନିମନ୍ତ୍ରଣ'। ଜୀବନରେ କୌଣସି ଦୋଷ ନକରି ନିଜ ସରଳ ବିଶ୍ୱାସ ପାଇଁ ଠକି ଯାଇଥିବା ଗୋଟିଏ ନିରୀହ ଝିଅର ଅଶ୍ରୁଳ କାହାଣୀ ପାଠକଙ୍କୁ ଭିଜେଇବ। ଟାଉନ ବସ୍‌ରେ ନିଜର ପୂର୍ବ ପ୍ରେମିକାକୁ ଭେଟିଥିବା ଅବିବାହିତ ପ୍ରେମିକ ମନରେ ପୁଣିଥରେ ସ୍ୱପ୍ନର ବୀଜ ଅଙ୍କୁରୋଦଗମ୍ ହୋଇଛି। ସେ ପୁଣି ସ୍ୱପ୍ନରେ ବିଭୋର ହଉଚି। ଏମିତି ଏକ ପ୍ରେମ କାହାଣୀ 'ମୁଠାଏ ସପନ'। ପରିବ୍ୟାପ୍ତ ବାତ୍ସଲ୍ୟରେ ସନ୍ତାନହୀନା ଆରାଧନାଙ୍କର ଅନାଥ ଆଶ୍ରମରେ ରହିଥିବା ଅସଂଖ୍ୟ ପିଲାଙ୍କ ପ୍ରତିଥିବା ଗଭୀର ପ୍ରେମର ଚମତ୍କାର ବର୍ଣ୍ଣନା ରହିଛି। ଗୋଟିଏ ସାଧାରଣ ଟିଣଟ୍ରଙ୍କ୍ ବି କାହା ପାଇଁ ପୁଣ୍ୟର ସିନ୍ଦୁକଟିଏ ହୋଇଥାଏ, ଯଦି ତାହା ବୋଉର ହୋଇଥାଏ। ଗୋଟିଏ ଝିଅକୁ ତା ହଜିଲା କୈଶୋର ଫେରେଇ ଆଣିବା ପରି ଗଳ୍ପ 'ଗହଣା ବାକ୍ସ'। ନିଜ ଜୀବନରେ ପ୍ରେମକୁ ହରେଇ ଦେଇଥିବା ଝିଅଟିଏ ସହ ସାକ୍ଷାତ ହୁଏ ତା ପ୍ରେମିକର ଝିଅ ସହ। ସେ ମୁହାଁମୁହିଁ ହୁଏ ପୁଣି ପ୍ରେମିକ ସହ ଏକ 'ଭିନ୍ନ ମୋଡ଼ 'ରେ। ମାତ୍ର ସମୟ ପଛକୁ ଫେରେନି। ଫେରେ ଆଖିକୁ କିଛି ଲୁହ।

'କାଂଚନ' ଗୋଟିଏ ସଂଘର୍ଷ କରୁଥିବା ଝିଅର କାହାଣୀ ଯିଏକି ଟ୍ରଲି ଚଲାଏ। ଭାଇର ଅକାଳ ମୃତ୍ୟୁ, ଘରେ ରୋଗିଣା ବାପା ଆଉ ବୁଢ଼ୀ ମା ଆଉ ପ୍ରେମରେ ହାରିଯାଇ ଜୀବନ ଯୁଦ୍ଧରେ ବଞ୍ଚିବା ପାଇଁ ଲଢ଼େଇ କରୁଥିବା ଝିଅର କାହାଣୀ କାଞ୍ଚନ। ଷ୍ଟାଣ୍ଡାର୍ଡ ଟୁରେ ପଢୁଥିବା ମାତୃହରା କୁନି ଝିଅ ନିଲ କମଲ ଆଉ ତିରିଶ ଟପିଥିବା ଅବିବାହିତ ଝିଅ ନୀଲୁ ଭିତରେ ଗଢ଼ି ଉଠିଛି ନିଆରା ସମ୍ପର୍କ। କୁନି ଝିଅର ପ୍ରେମରେ ପଡ଼ିଥିବା ନୀଲୁ ଦିନେ ତା ଦୁର୍ଘଟଣା ଖବର ପାଏ ଆଉ ପାଗଳୀ ହୋଇଉଠେ। ଶେଷରେ ଆଦୌ ବାହା ନହେବାର ଶପଥ ନେଇଥିବା ଝିଅଟିଏ ଗୋଟିଏ ଝିଅର ମା ହୋଇ ବଞ୍ଚିବାର ଶପଥ ନିଏ। 'ନୀଲୁ' ଏକ ଚମତ୍କାର ଗଳ୍ପ। ନାତି ସ୍କୁଲରେ ପ୍ରଥମକରି ଆଡମିଶନ ନେଇ ଘରକୁ ନୂଆ ବହି ସବୁ ଫେରିବା ବେଳେ ଜେଜୀ ମା ସେ ନୂଆ ବହି ବାସ୍ନାରେ ବିଭୋର ହୋଉଛନ୍ତି ଆଉ ଅତୀତରେ ହଜୁଛନ୍ତି। ଚାରି ଚାରିଟି ଛୁଆଙ୍କୁ ମଣିଷ କରିବା ପାଇଁ ସ୍ୱପ୍ନ ଦେଖି କେମିତି ନୂଆ ବହି କିଣିବା ଆଶା ତାଙ୍କର ଆଶାରେ ରହିଯାଏ ତାକୁ ଝୁରି ହୋଇଛନ୍ତି। 'ନୂଆ ବହିର ବାସ୍ନା' ପାଠକଙ୍କୁ ପିଲାଦିନକୁ ଫେରେଇ ନେବ।

'ପ୍ରାଚୀର' ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରର କାହାଣୀ। ମୁଖ୍ୟ ଚରିତ୍ର ଅମ୍ଳାନ ଯେତେବେଳେ କୌଣସି ବାହାଘର, ଜନ୍ମଦିନ କି ବ୍ରତଘରକୁ ଯାଏଁ ପ୍ରଥମେ ଗେଟ ପାଖରେ ଅଭିବାଦନ କରିବାକୁ ଠିଆ ହୋଇଥିବା ଜୋକର ରୂପୀ ମଣିଷ ସହ ବହୁତ ମିଶେ। କିନ୍ତୁ ପତ୍ନୀ ଅପର୍ଣ୍ଣା ଏ ସବୁ ପସନ୍ଦ କରେନି। ଦିନେ ଘଟଣାକ୍ରମେ ଜଣାଯାଏ ଯେ ଅପର୍ଣ୍ଣାଙ୍କ ଶଶୁର ହିଁ ଜୋକର ଭୂମିକା କରି ଅମ୍ଳାନକୁ ମଣିଷ କରିଛନ୍ତି। ପିଲାମାନଙ୍କୁ ମଣିଷ କରିବା ପାଇଁ ଜଣେ ବାପାର କରୁଣ କାହାଣୀ ପାଠକଙ୍କୁ ଛୁଇଁବ ନିଶ୍ଚୟ। 'ସୁନାର କାନଫୁଲ' ଗୋଟିଏ ଗୁପଚୁପ ବିକୁଥିବା ବାପାର କାହାଣୀ ଯିଏକି ନିଜ ଝିଅକୁ ସୁନାର କାନଫୁଲ ପିନ୍ଧେଇବ ବୋଲି ସ୍ୱପ୍ନ ଦେଖେ ଆଉ ସେ ସ୍ୱପ୍ନ ପ୍ରତିବର୍ଷ ଘୁଂଚି ଘୁଂଚି ଯାଉଥାଏ।

ସଂକଳନଟିରେ ଘର, ହୀରାମୁଦି, ସର୍ତ୍ତ, ପ୍ରେମର ହସ୍ତାକ୍ଷର ପରି ଅନେକ ସୁନ୍ଦର ସୁନ୍ଦର ଗପ ରହିଛି ଯାହା ପାଠକଙ୍କୁ ଛୁଇଁବ। ଶେଷ ଗଳ୍ପ 'ଅଜ୍ଞାତବାସ' ଗୋଟିଏ ବିବାହିତା ନାରୀର ସଂଘର୍ଷପୂର୍ଣ୍ଣ କଥା। ମନୋରମା ଉଚ୍ଚ ଶିକ୍ଷିତା ଏବଂ ଜଣେ ପ୍ରତିଷ୍ଠିତ ଓକିଲଙ୍କ ପତ୍ନୀ। ଉଭୟ ପରସ୍ପରକୁ ଭଲ ପାଆନ୍ତି। ମାତ୍ର ପ୍ରଥମ ଗର୍ଭ କନ୍ୟା ହେବା ଜାଣିପାରି ତାକୁ ହତ୍ୟା କରିଦେବା ମନୋରମାକୁ ଖୁବ କଷ୍ଟ ହୁଏ। ଦ୍ୱିତୀୟ ଗର୍ଭ କନ୍ୟା ଜାଣିପାରି ସେ ତାକୁ ବଂଚେଇବାକୁ ଚାହିଁ ଘରୁ ଲୁଚି ପଳାଏ। ତା'ର ବିଶ୍ୱାସ ଝିଅ ବଡ଼ ହେଲେ ତା ପରିବାର ତାକୁ ଗ୍ରହଣ କରିନେବ। ମାତ୍ର ସବୁ ଓଲଟ ପାଲଟ ହୋଇଯାଏ। ତା ନିଖୋଜ ହୋଇଯିବା ସ୍ୱାମୀକୁ ଦ୍ୱିତୀୟ ବିବାହ କରିବାର ସୁଯୋଗ ଦିଏ। ସାରା ଜୀବନ ଅଜ୍ଞାତବାସରେ ରହିଯାଏ ମନୋରମା।

ପ୍ରଜ୍ଞାଙ୍କ ପ୍ରକାଶ ଭଙ୍ଗୀ ବେଶ୍ ଅକପଟ। ସମାଜରେ ନିତ୍ୟ, ପ୍ରତିଦିନ ଘଟୁଥିବା ଘଟଣା ହିଁ ତାଙ୍କ ଗଳ୍ପର ପୁଞ୍ଜି। ବର୍ଣ୍ଣନାରେ ଅଯଥା ଚାତୁରୀ ନାହିଁ କି ଦୀର୍ଘତା ନାହିଁ। ବରଂ ଯାହା କହିବାକୁ ଚାହିଁଛନ୍ତି କହିଛନ୍ତି ସିଧା ସିଧା। ତାଙ୍କ ପରି ତାଙ୍କ ଗଳ୍ପର ଚରିତ୍ର ସ୍ପଷ୍ଟବାଦୀ ଆଉ ଆଦର୍ଶ। ଯେହେତୁ ଲେଖିକା ଜଣେ ନାରୀ ତେଣୁ ଅଧିକାଂଶ ଗଳ୍ପରେ ନାରୀ ଜୀବନର ପ୍ରେମ, ବିରହ ଆଉ ସଂଘର୍ଷର କଥା ରହିଛି। ମଣିଷ ମଣିଷ ପ୍ରତି ସମ୍ବେଦନଶୀଳ ହେବା ଉଚିତ ଏହାହିଁ ତାଙ୍କ ଗଳ୍ପର ବାର୍ତ୍ତା। କଟକର ପ୍ରାଚୀନ ପ୍ରକାଶନ ସଂସ୍ଥା ଓଡିଶା ବୁକ୍ ଏମ୍ପୋରିୟମ ଦ୍ୱାରା ପ୍ରକାଶିତ ଗାଳ୍ପିକାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ ଆଦୃତ ହେବାର ଆଶା କରାଯାଏ।❤



ଆଲେଖ୍ୟ : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ଚେତନାର ଦର୍ପଣ - ୪୬

# ଆତ୍ମାର ଆଲୋକ



## ♥ ଲଳିତ ମୋହନ ମିଶ୍ର

ମନ ଓ ହୃଦୟ ବିଷୟକୁ ଜଣାଉଥିବା ଜ୍ଞାନାତ୍ମକ ସତ୍ତା ହିଁ ଆତ୍ମା । ଏହା କେବେ ବିନାଶ ହୁଏ ନାହିଁ । ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ । ସଂସାର ଏହିପରି ଭାବରେ ହିଁ ଚାଲିଛି । ସେଥିପାଇଁ ଶାସ୍ତ୍ରରେ ମୃତ୍ୟୁକୁ ଏକ ପରିବର୍ତ୍ତନଶୀଳ ସତ୍ୟ କୁହାଯାଏ । ଆତ୍ମାର ମୃତ୍ୟୁ ନାହିଁ କି ଅନ୍ତ ବି ନାହିଁ। ମୃତ୍ୟୁ ପରେ ଆତ୍ମା ଅନ୍ୟ ଶରୀରରେ ପ୍ରବେଶ କରେ ଏବଂ ନୂଆ ରୂପ ଧାରଣ କରେ । ତେବେ ଏହାକୁ ନେଇ ବୈଜ୍ଞାନିକଙ୍କ ମତ କିଛି ଅଲଗା । କିଛି ବର୍ଷ ପୂର୍ବେ ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ସଚନ୍ କାରୋଲ କହିଥିଲେ - ଆତ୍ମା ବୋଲି କିଛି ନାହିଁ । ଯଦି ଜଣେ ବ୍ୟକ୍ତିର ମୃତ୍ୟୁ ହୁଏ, ତେବେ ତାର ଚେତନା ଏହି ବ୍ରହ୍ମାଣ୍ଡରେ ରହିପାରିବ ନାହିଁ । କିନ୍ତୁ ମୋ ମତରେ ଆତ୍ମାର ସତ୍ତା ରହିଛି । ଜଣେ ଯୁବ ସାଧୁ ଥିଲେ । ତାଙ୍କର ସଂସାର ସହିତ କୌଣସି ସମ୍ପର୍କ ନଥିଲା। ସେ ସର୍ବଦା ଭଗବାନଙ୍କୁ ଜପ ତପ ଧ୍ୟାନ କରୁଥିଲେ । ଦିନେ ଜଣେ ରାଜକୁମାରୀ ତାଙ୍କର ଉପରେ ଆକର୍ଷିତ ହେଲେ । ସେ ତାଙ୍କୁ ପାଇବା ପାଇଁ ଖାଇବା ପିଇବା ବନ୍ଦ କରିଦେଲେ । ରାଜା ଏ ବିଷୟରେ ଅବଗତ ହେଲେ । ରାଜା ସାଧୁଙ୍କୁ ରାଜପ୍ରାସାଦକୁ ଡକାଇଲେ । ରାଜା ସାଧୁଙ୍କୁ ନିର୍ଦ୍ଦେଶ ଦେଲେ, ରାଜକୁମାରୀଙ୍କୁ ବିବାହ କରିବାକୁ... କିନ୍ତୁ ସାଧୁ ବିଜ୍ଞ ଓ ଜ୍ଞାନୀ । ସେ କହିଲେ, 'ମୁଁ ତ ଏଠାରେ ନାହିଁ, ବିବାହ କିଏ କରିବ ?' ସାଧୁଙ୍କ ଠାରୁ ଏଭଳି କଥା ଶୁଣି ରାଜା ନିଜକୁ ଅପମାନିତ ବୋଧ କଲେ । ସେ ସୈନିକମାନଙ୍କୁ ଆଦେଶ ଦେଲେ - ସାଧୁଙ୍କ ଶୀର ଛେଦନ କର ! ! ! ସାଧୁ କହିଲେ, ମୁଁ ତ ପ୍ରଥମରୁ ହିଁ କହିଛି - ଆପଣ ଯାହାକୁ ମୋର ଶୀର କହୁଛନ୍ତି ତାହା ଶରୀର ସହିତ ମୋର କୌଣସି ସମ୍ପର୍କ ନାହିଁ। ଆପଣଙ୍କର ଖଡ୍ଗ କି ଭିନ୍ନ କରିବ ? ଯେମିତି ବସନ୍ତ ପବନ ଦ୍ୱାରା ଗଛରୁ ଫୁଲ ପଡୁଛି, ଆପଣ ସେମିତି ମୋ ଶୀରକୁ କାଟିବାକୁ ନିମନ୍ତ୍ରଣ କରୁଛନ୍ତି । ଋତୁ ବସନ୍ତ ଥିଲା ଏବଂ ବୃକ୍ଷରୁ ସ୍ୱତଃ ଫୁଲ ପଡୁଥିଲା । ରାଜା ସେହି ଫୁଲଗୁଡ଼ିକୁ ଦେଖି ଦେଖିଲେ.. ମୃତ୍ୟୁଶୀଳ ଜାଣି ସୁଦ୍ଧା ସେହି ସାଧୁଙ୍କ ଆଖିରେ ଆନନ୍ଦମୟ ଆତ୍ମାର ଆଲୋକ ରହିଛି । ସେ ମୁହୂର୍ତ୍ତ ପାଇଁ ଭାବିଲେ, 'ଯିଏ ମୃତ୍ୟୁକୁ ଭୟ କରେ ନାହିଁ ଏବଂ ଯିଏ ମୃତ୍ୟୁକୁ ଜୀବନ ଭାବରେ ଗ୍ରହଣ କରେ... ତାକୁ ମାରିବା ବ୍ୟର୍ଥ । ତାଙ୍କୁ ତ ମୃତ୍ୟୁ ମାରିପାରିବ ନାହିଁ। ରାଜା ସଙ୍ଗେ ସଙ୍ଗେ ନିଜର ଆଦେଶ ପ୍ରତ୍ୟାହାର କଲେ । ଆତ୍ମାର ଆଲୋକକୁ ଅବଲୋକନ କଲେ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ମୁଁ ବିବର୍ତ୍ତନ

## ଶ୍ରୀବତ୍ସ ନାୟକ

କିଏ କୁହେ ମୋତେ ସମୟ ତ ପୁଣି କିଏ କୁହେ କାଳ । କେବେ ମୁଁ ଇଚ୍ଛାଧାରୀ ତ କେବେ ପୁଣି ଅହଙ୍କାରୀ । ମୁଁ ସ୍ୱାଧୀନ,ମୁଁ ହିଁ ପରାଧୀନ। କେବେ ମୁଁ ବିକାଶରେ ଭାଗିଦାରୀ ହୁଏ ତ କେବେ ପୁଣି ବିନାଶର କାରଣ ହୁଏ। ମୁଁ ସମସ୍ୟା ସୃଷ୍ଟିକରେ ଏବଂ ସମାଧାନର ରାସ୍ତା ମଧ୍ୟ ବାହାର କରେ । ମୋର ଆକାର ନାହିଁ। ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ବଞ୍ଚେ। ସୃଷ୍ଟିର ଆଦ୍ୟରେ ଥିଲି,ଅଧୁନା ଅଛି ଏବଂ ସୃଷ୍ଟିର ଅନ୍ତରେ ମଧ୍ୟ ଥିବି। ମୁଁ ସୃଷ୍ଟିର ମହାଜାଗତିକ ନିୟମ। ଜୀବଜଗତକୁ ଚଳମାନ କରେ। ମୁଁ ହିଁ ବିବର୍ତ୍ତନ। ମୋ ଯୋଗୁଁ ଦିଗନ୍ତ ବିସ୍ତାରି ପ୍ରକୃତି ଷଡଋତୁ ଲୀଳାରେ ପୃଥିବୀ ପୃଷ୍ଠରେ ଜୟଗାନ କରିଥାଏ ଯାହାର ନୟନାଭିରାମ ଦୃଶ୍ୟ ବେଶ୍ ମନମୁଗ୍ଧକର ହୋଇଥାଏ । ବିଶ୍ୱର ଉତ୍ପତ୍ତିଠାରୁ ଆଜି ପର୍ଯ୍ୟନ୍ତ ମୁଁ ସର୍ବଦା ଚଳଚଞ୍ଚଳ। ଜଣେ ପ୍ରକୃତିବାଦୀ ଭାବରେ ମୋର ଧୀରମନ୍ଥର ଗତି ପାଇଁ ମୁଁ ବେଶ୍ ପରିଚିତ ଥିଲି କିନ୍ତୁ ସାମ୍ପ୍ରତିକ ସମୟରେ ମୋର ଗତିରେ ଦୃତ ଅଭିବୃଦ୍ଧି ଘଟିଛି ।

ପ୍ରକୃତି କୋଳରେ ଜୀବଜଗତର ଅଭ୍ୟୁଦୟ ସଂଘଟିତ ହୋଇ ଭୂତାତ୍ତ୍ୱିକ ସମୟକ୍ରମରେ ଜୀବମାନେ ଅନେକ ଜାତି ପ୍ରଜାତିରେ ରୂପାନ୍ତରିତ ହୋଇଥିଲେ ମଧ୍ୟ ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ କୃତି ହେଉଛି ମନୁଷ୍ୟ ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ ସ୍ୱରୂପ ହେଉଛି ପରିବର୍ତ୍ତନ। ଗର୍ଭ ସଞ୍ଚାରଣ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପ୍ରତ୍ୟେକ ଜୀବମାନଙ୍କର ଶାରିରୀକ ଏବଂ ମାନସିକ କ୍ରିୟା ଆନୁବଂଶିକ ଉପ୍ତାଦମାନଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥାଏ। ବିଶ୍ୱନିୟନ୍ତା ମନୁଷ୍ୟକୁ ଷଷ୍ଠ ଇନ୍ଦ୍ରିୟ ଭାବେ ଚେତନାର ଇନ୍ଦ୍ରିୟ ଦେଇ ଶ୍ରେଷ୍ଠ ଜୀବର ଆଖ୍ୟାଦେଲେ। ଏହି ଚେତନାର ଇନ୍ଦ୍ରିୟ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଭୁଲ୍ ଠିକର ବିଚାର କରେ,ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ, ଭଗବାନଙ୍କର ସତ୍ତାକୁ ଅନୁଭବ କରେ, ନିଜ ଚେତନାର ପରିଧିକୁ ବୃହତ୍ତର ଆଡ଼କୁ ଅଗ୍ରସର କରେ,ସମଗ୍ର ଜୀବଜଗତକୁ ସୁରକ୍ଷା ଦିଏ ଓ ଜ୍ଞାନ-ବୁଦ୍ଧି-ବିବେକର ଉପଯୁକ୍ତ ପ୍ରୟୋଗ କରିଥାଏ । ଏତେ ସବୁ ଦାୟିତ୍ୱ ମନୁଷ୍ୟ ଉପରେ ନ୍ୟସ୍ତ ଥିଲେ ମଧ୍ୟ ମନୁଷ୍ୟ ତାର ବିପରୀତ ଦିଗରେ କାର୍ଯ୍ୟ କରେ । ଆଧୁନିକତାର ଦ୍ୱାହି ଦେଇ ଆଜିର ମନୁଷ୍ୟ ବିକାଶ ଆଳରେ ନିଜ ବିନାଶକୁ ନିମନ୍ତ୍ରଣ କରୁଛି। ମୁଁ ପ୍ରକୃତିବାଦୀ ହେଲେ ମଧ୍ୟ ମନୁଷ୍ୟ ସମାଜର ଦୈନନ୍ଦିନ କାର୍ଯ୍ୟକଳାପ ତଥା ପ୍ରକୃତି ଉପରେ ମାତ୍ରାଧିକ ହସ୍ତକ୍ଷେପ କାରଣରୁ ମୋର ଗତିରେ ଦୃତ ଅଭିବୃଦ୍ଧି ଘଟୁଛି ଯାହାକୁ ବିପରୀତ ବିବର୍ତ୍ତନ ବୋଲି ଧରାଯାଉଛି। ଜନସଂଖ୍ୟା ବିସ୍ଫୋରଣ, କଳକାରଖାନାର ଦୃତ ଅଭିବୃଦ୍ଧି,ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର ବ୍ୟବହାର, ଗାଡ଼ି ମୋଟର ବହୁଳ ବ୍ୟବହାର, ଜଙ୍ଗଲକ୍ଷୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ବ୍ୟବହାର,ଅତ୍ୟଧିକ ରସାୟନ ଯୁକ୍ତ ପ୍ରକିୟାକରଣ ଖାଦ୍ୟ ସେବନ, ଟେଲିଫୋନ ଟାୱାରର ବହୁଳ ବ୍ୟବହାର କରି ପ୍ରତ୍ୟେକ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ମନୁଷ୍ୟ ସମାଜ ପରିବେଶକୁ ନଷ୍ଟ କରୁଛି । ପୃଥିବୀ ପୃଷ୍ଠରେ ସମଗ୍ର ଜୀବଜଗତଙ୍କର ବଞ୍ଚିବାର ଅଧିକାର ଅଛି । କିନ୍ତୁ ଜ୍ଞାନୀ ମନୁଷ୍ୟ ନିଜ ଜ୍ଞାନ ଓ ବିବେକକୁ ବଳି ଦେଇ ସମଗ୍ର ପ୍ରକୃତିକୁ ଧ୍ୱଂସ କରୁଛି । ସେଥିପାଇଁ ତ ମଣିଷମାନଙ୍କ ମଧ୍ୟରେ ଅମଣିଷ ଥାଇପାରନ୍ତି କିନ୍ତୁ ପଶୁମାନଙ୍କ ମଧ୍ୟରେ ଅପଶୁ କିମ୍ବା ପକ୍ଷୀମାନଙ୍କ ମଧ୍ୟରେ ଅପକ୍ଷୀ କେହି ନଥାନ୍ତି କାରଣ ପଶୁ ଓ ପକ୍ଷୀମାନେ ଯାହା କରିବା କଥା ଠିକ୍ ସେଇଆ ହିଁ କରିଥାନ୍ତି କିନ୍ତୁ ମନୁଷ୍ୟ ଯାହା ନକରିବା କଥା ତାହା ହିଁ କରିଥାଏ । ମନୁଷ୍ୟ ପ୍ରକୃତିର ବିବିଧତାକୁ ନଷ୍ଟ କରିବା ଯୋଗୁଁ ପୃଥିବୀ ପୃଷ୍ଠରେ ଗଚ୍ଛିତ ବରଫ ତରଳୁଛି, ବନାଗ୍ନି ହେଉଛି, ସମୁଦ୍ର ଜଳ ଅଧିକ ଅମ୍ଳଯୁକ୍ତ ଯୋଗୁଁ ଜୀବ ମାନଙ୍କର ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହେଉଛି, ଖାଦ୍ୟର ପ୍ରକ୍ରିୟାକରଣ ଯୋଗୁଁ ଜୀବନ କ୍ଷଣସ୍ଥାୟୀ ହେଉଛି,ଉଦ୍ଭିଦମାନଙ୍କର ଋତୁକାଳୀନ ଚେହେରାରେ ପରିବର୍ତ୍ତନ ଆସୁଛି। ଅନିୟମିତତା ବୃଷ୍ଟିପାତ,ରୌଦ୍ରତାପ, ଭୂସ୍ଖଳନ,ହିମଝଡ଼, ଭୂମିକମ୍ପ, ସୁନାମି,ମନୁଷ୍ୟକୃତ ଯୁଦ୍ଧ ବିଭୀଷିକା ଆଦିରେ ଯୁଝି ହେଉଛି ମନୁଷ୍ୟ। ପ୍ରକୃତି ତାଣ୍ଡବ ରଚିବା ଯୋଗୁଁ ଜୀବନ ଦୁର୍ବିସହ ହୋଇପଡିଛି । ପଞ୍ଚଭୂତ ଆଦିରେ ଭରି ରହିଛି ଅନେକ ବିଷ । ଏଠି ଜଳ ପ୍ରଦୂଷିତ,ବାୟୁରେ ଅଙ୍ଗାରକାମ୍ଳର ପରିମାଣ ମାତ୍ରାଧିକ,ଦିନକୁ ଦିନ ଓଜୋନ ସ୍ତରରେ ରନ୍ଧ୍ର ସୃଷ୍ଟି ହେବାର ଲାଗିଛି ଓ ଅଜଣା ରୋଗରେ ଅନେକ ଜୀବନ ଚାଲିଯାଉଛି । ଏତାଦୃଶ୍ୟ ଅବସ୍ଥା ପାଇଁ ପ୍ରତ୍ୟେକ୍ଷ ଭାବେ ମନୁଷ୍ୟ ଦାୟୀ ହେଲେ ମଧ୍ୟ ପରିଣାମ ଭୋଗୁଛି ସମଗ୍ର ଜୀବଜଗତ । ଏହିଭଳି କାର୍ଯ୍ୟକଳାପ ଯୋଗୁଁ ମୁଁ ଦୃତ ଗତିଶୀଳ ହୋଇ ବିପରୀତ ଦିଗରେ ଗତି କରୁଛି । ଏହିଭଳି ଦୃତ ବିବର୍ତ୍ତନ ଯୋଗୁଁ ଅନେକ ନିରୀହ ଜୀବମାନେ ଜୀବନ ଧାରଣ କରିବା ନିମନ୍ତେ ଯୁଗାନ୍ତକାରୀ ନିର୍ଣ୍ଣାୟକ ଲଢେଇରେ ତିଷ୍ଠି ପାରୁନାହାନ୍ତି । ଏଠି ତିଷ୍ଠି ରହିବା ପାଇଁ ସଙ୍ଘର୍ଷ କରିବାକୁ ପଡୁଛି । ପ୍ରକୃତି ସହ ପ୍ରତିଯୋଗିତା କରିବା ପାଇଁ ପଡୁଛି । ମୋର ଉଦ୍ଦେଶ୍ୟ ଯଦିଓ ଜୀବଜଗତକୁ ବିଲୁପ୍ତ କରିବା ନୁହେଁ ତଥାପି ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ମନୁଷ୍ୟ ସମାଜ ଯାହା କରୁଛି ତାହାକୁ ମୁଁ ଆଦୌ ଗ୍ରହଣ କରିପାରୁନାହିଁ । ପରିବେଶ ଓ ପରିସ୍ଥିତି ବିଗିଡି ଯିବା ଦ୍ୱାରା ଅନେକ ଜୀବ ଯଥା ବାଇଚଢେଇ, ଶାଗୁଣା, ଘର ଚଟିଆ, ଚିଲ, ଡାଇନୋସର, ଟ୍ରାଇନୋସର, ମାମାଥ, ବଜ୍ରକାପ୍ତା, ଡୋଡୋ, ଚିଲ, ଶୃଗାଳ ଭଳି କେତେକ ପ୍ରଜାତିର ଜୀବମାନେ ପରିବେଶ ସହ ଖାପ ନଖୁଆଇପାରି ନିଶ୍ଚିହ୍ନ ହୋଇଗଲେଣି । ସରୀସୃପମାନଙ୍କ କ୍ଷେତ୍ରରେ ଲିଙ୍ଗ ଅନୁପାତରେ ବିଷମତା ଘଟି ପ୍ରଜାତି ଦିନକୁ ଦିନ ଲୋପ ପାଇବାକୁ ଲାଗିଲାଣି । ଅନୁରୂପ ଭାବେ ଉଦ୍ଭିଦ ମାନଙ୍କର ଅଙ୍ଗୀୟ ବୃଦ୍ଧି ସମୟରେ ପ୍ରଜନନ କ୍ଷମତା ଆସିଯିବାରୁ ମଧ୍ୟ ଉତ୍ପାଦନ କ୍ଷମତା ହ୍ରାସ ହେଲାଣି । ମୁଁ ବିବର୍ତ୍ତନରୁ ବିପରୀତ ବିବର୍ତ୍ତନ ଆଡ଼କୁ ଗତି କରି ଜୀବଜଗତକୁ ଧ୍ୱଂସାଭିମୁଖୀ ଆଡ଼କୁ ନେଉଛି । ଏହାକୁ ନେଇ ମୁଁ ଖୁବ୍ ଅନୁତପ୍ତ ହେଲେ ମଧ୍ୟ ନିରୁପାୟ । ସଂପ୍ରତି ମାନବ ସଭ୍ୟତା ଇତସ୍ତତଃ ଅବସ୍ଥାରେ କସ୍ତୁରୀ ମୃଗ ସମ ଉହଳ ବିକଳ ହୋଇ ଅଫେରା ଅମୁହାଁ ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପଶ୍ଚାତଧାବନ୍ କରି ପ୍ରାକୃତିକ ପରିସଂସ୍ଥାରେ ନାନାବିଧ ବିଭ୍ରାଟ ସୃଷ୍ଟି କରୁଛି । ନାନା ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ମାନବ ସଭ୍ୟତାର ଚିନ୍ତା ଓ ଚେତନାର ପରିସ୍ଫୁଟନ ଘଟୁନାହିଁ । ସେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ସମୟ ଆସିଛି ମୁଁ (ବିବର୍ତ୍ତନ)ସମଗ୍ର ମାନବ ସମାଜକୁ ଆହ୍ୱାନ କରୁଛି ଏଥିରୁ ବିରତି ନେବା ପାଇଁ ନଚେତ୍ ବିପରୀତ ବିବର୍ତ୍ତନ ଘଟି ଏହିଭଳି ବିଲୁପ୍ତ ହେବ ଯେ ଯାହାକୁ ଦେଖିବାକୁ ମାନବ ସଭ୍ୟତା ଏ ପୃଥିବୀ ପୃଷ୍ଠରେ ନଥିବ । ମନୁଷ୍ୟ ଆଜି ବିବର୍ତ୍ତନ ଓ ବିକାଶର ଯେଉଁ ସ୍ତରରେ ପହଂଚି ପାରିଛି, ତା'ର କାରଣ କେବଳ ନିଜସ୍ୱ ପୁରୁଷାର୍ଥ ନୁହେଁ; ଏଥିରେ ଏକ ସ୍ୱୟଂସମ୍ପୂର୍ଣ୍ଣ ସତ୍ତାର ଇଚ୍ଛା ନିହିତ ରହିଛି । ସେହି ସତ୍ତାର କରୁଣା ଊଣା ହେଲେ ଏକ କ୍ଷୁଦ୍ରାଦପି କ୍ଷୁଦ୍ର ଭୂତାଣୁ ମଧ୍ୟ ଏକବିଂଶ ଶତାବ୍ଦୀର ଚରମ-ବିକଶିତ ମାନବ-ସଭ୍ୟତାର ଗତିକୁ ସମ୍ପୂର୍ଣ୍ଣ ପ୍ରତିହତ କରି ଦେଇପାରେ ଏଥିରେ ସନ୍ଦେହ ନାହିଁ ।

♥ ଅଧ୍ୟାପକ,ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୪୫)
### ଶ୍ରୀଜଗନ୍ନାଥ ମହିଳା ମହାବିଦ୍ୟାଳୟରେ ଅଧାପନା

ମୁଁ ଜଳେଶ୍ୱର ବଡ ବଜାରରେ ଭଡାଘରେ ରହୁଥାଏଁ । ସୁବିଧା ମିଳିଲେ, ବଡବଜାର ଛକରେ ଥିବା ଡାଃ ଅତୁଲ ଚନ୍ଦ୍ର ପାତ୍ରଙ୍କ ଚେମ୍ବାରରେ ପ୍ରାୟତଃ ବସୁଥାଏ । ରୋଗୀମାନଙ୍କୁ ବାଦ୍ ଦେଲେ, ସେଠାରେ ଏକତ୍ରିତ ହେଉଥିବା ଲୋକମାନେ ବିଭିନ୍ନ ରାଜନୈତିକ ଦଳର ହୋଇଥିବାବେଳେ ସେମାନେ ସାଧାରଣତଃ ଜଳେଶ୍ୱରର ସର୍ବାଙ୍ଗୀନ ଉନ୍ନତି ସଂପର୍କରେ ଆଲୋଚନା କରନ୍ତି । ମତ ବିରୋଧ ବି ହୁଏ । ଏପରିକି ଡାଃ ପାତ୍ରଙ୍କ ଚେମ୍ବାରରେ ବସିକି ତାଙ୍କୁ ସମାଲୋଚନା କରିବାକୁ ବି କେହି ଦ୍ୱିଧା କରନ୍ତିନି ।

ପୂର୍ବରୁ ଆଲୋଚନା କରିଛି ଯେ ଡାଃ ପାତ୍ରଙ୍କ ଉଭୟ ଅର୍ଥ ଓ ଭୂସମ୍ପତ୍ତି ଦାନରେ ଜଳେଶ୍ୱର ଶ୍ରୀ ଜଗନ୍ନାଥ ମହିଳା ମହାବିଦ୍ୟାଳୟ(+୨ କଲେଜ) ପ୍ରତିଷ୍ଠା କରାଗଲା, ତାପରେ, ଜଗନ୍ନାଥ ମହାବିଦ୍ୟାଳୟ (ଡିଗ୍ରୀ ବା +୩ କଲେଜ)। ସେ ନିଜର ବା ନିଜର କୌଣସି ଆତ୍ମୀୟଙ୍କ ନାମରେ ଏ ମହାବିଦ୍ୟାଳୟ ନାମିତ ନକରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ନାମିତ କରିଥିଲେ। ସେ କେତେ ବିଶାଳ ହୃଦୟର ଅଧିକାରୀଥିଲେ, ତାହା ଏଇଥିରୁ ଜଣାଯାଏ ।

କଲେଜ ନୂଆ ନୂଆ ଖୋଲିଥାଏ । କଲେଜର ସ୍ଥାୟୀଗୃହ ନଥିବାରୁ ଜଳେଶ୍ୱରର ରାମକୃଷ୍ଣ ବାଳିକା ଉଚ୍ଚବିଦ୍ୟାଳୟ (ଏବେ ତାହା 'ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ' ନାମରେ ପରିଚିତ) ପରିସରରେ ଶନିବାର ବ୍ୟତୀତ ଅନ୍ୟଦିନେ, ସକାଳ ଓଳି କଲେଜର ଶିକ୍ଷାଦାନ କାର୍ଯ୍ୟ ହେଉଥାଏ । ଶନିବାର ଦିନ ଉପର ଓଳି ପଢାଯାଏ । ଦୁଇଟି ମହିଳା କଲେଜ ଖୋଲିଥିବାରୁ ଉଭୟ ଅଧାପିକା/ଅଧାପକ ଓ ଛାତ୍ରୀମାନଙ୍କର ଅଭାବ ରହିଥାଏ। ସ୍ଥାୟୀ ଗୃହବି ନିର୍ମାଣ କରାଯାଇ ନଥିଲା ।

ସେଦିନ ମୁଁ ବଡବଜାର ଛକରୁ ବସରେ କଲେଜ ଯିବା ଉଦ୍ଦେଶ୍ୟରେ ଡାଃ.ପାତ୍ରଙ୍କ ଚେମ୍ବାରରେ ଯାଇବସିଲି । ବସକୁ ଅପେକ୍ଷା କରିଥାଏ । ମୋ ପୂର୍ବରୁ ଡା.ପାତ୍ର,କେଶବ ଚନ୍ଦ୍ର କର, ବସନ୍ତ ସେନାପତି ଏବଂ ଜୟନାରାୟଣ ମହାନ୍ତି ପ୍ରଭୃତି ବସି କଣ ଆଲୋଚନା କରୁଥାନ୍ତି। ମୋତେ ଦେଖି ହଠାତ୍ ଡାଃପାତ୍ର ତାଙ୍କ କଲେଜର ଅର୍ଥନୀତି ବିଭାଗରେ ଅଧାପକ ନଥିବାରୁ ଛାତ୍ରୀମାନେ ଠିକ୍ ଭାବରେ ଶିକ୍ଷାଲାଭ କରିପାରୁ ନଥିବାର ସୂଚନାଦେଲେ ଓ ମୋତେ ସେମାନଙ୍କୁ ଅର୍ଥଶାସ୍ତ୍ର ଶିକ୍ଷାଦେବା ନିମନ୍ତେ ଅନୁରୋଧ କଲେ । ହଠାତ୍ କୌଣସି ଉତ୍ତର ଦେଇ ପାରିଲିନି। କେଶବ ବାବୁ,ବାସନ୍ତବାବୁ ଏବଂ ଜୟ ନାରାୟଣ ବାବୁବି ସେଇ ଏକା ଅନୁରୋଧକରି ମୋ ଉପରେ ମନସ୍ତାତ୍ତିକ ଚାପ ସୃଷ୍ଟିକଲେ । ଏତେ ଲୋକଙ୍କର ଅନୁରୋଧକୁ ଏଡାଇ ନପାରି ମୋର ସମ୍ମତି ଜଣାଇଲି । (ଏହା ଅବୈତନିକ ଥିଲା)। ବିଶେଷ ଅସୁବିଧା ନଥିଲେ ନିୟମିତ ଭାବରେ କ୍ଲାସ ନେଉଥିଲି । ଛାତ୍ରୀ ସଂଖ୍ୟା ଅଳ୍ପ ଥିବାରୁ ପ୍ରଥମେ ପ୍ରଥମେ ଭଲ ଲାଗୁ ନଥିଲା । ପରେ ଅଭ୍ୟାସରେ ପରିଣତ ହେଲା । ପ୍ରାୟ, ଦେଢବର୍ଷ ଶିକ୍ଷାଦାନ କଲାପରେ ତାଙ୍କର ନିଜସ୍ୱ ଅଧାପକ ନିଯୁକ୍ତ ହେଲେ ଓ ମୁଁ ଶିକ୍ଷାଦାନ କାର୍ଯ୍ୟରୁ ଅବ୍ୟାହତି ନେଲି ।

ତେବେ, ସେ କଲେଜ ପ୍ରତି ମୋର ମମତା ବଢି ଯାଇଥାଏ । କଲେଜ ପରିଚାଳନା ସମିତି ମୋତେ ଜଣେ ସଭ୍ୟ ଭାବରେ ଗ୍ରହଣ କରିବାର ତାହା ଅଧିକ ଦୃଢ ହେଲା । (୧୩ ଫେବୃୟାରୀ , ୧୯୮୫ ତାରିଖର ପତ୍ର) ତେଣୁ , ତାର ଉନ୍ନତିରେ ଯଥାଶକ୍ତି ସହାୟତା କରିଛି ।

ପରିଚାଳନା ସମିତିରେ (ଏ.ଇ.) ଡା.ଅତୁଲ.ଚନ୍ଦ୍ର ପାତ୍ର, ସଭାପତି ଓ ଜୟ ନାରାୟଣ ମହାନ୍ତି , ସଂପାଦକ ଏବଂ ଆବଶ୍ୟକ ସଂଖ୍ୟକ ସଭ୍ୟ ଥିବାବେଳେ ଅ.ରାଜେଶ୍ୱରୀ ପାଣିଗ୍ରାହୀ ପ୍ରଥମ ଅଧକ୍ଷ ଭାବରେ କାର୍ଯ୍ୟ କରୁଥିଲେ ।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଗଳ୍ପ

# ସ୍ୱପ୍ନର ଲୁହ

## ରାଜେଶ କୁମାର ବାରିକ୍



ରାମୁ ଦାଦନ ଖଟିବାକୁ ଥଳିଆ ଧରି ବାହାରିଥାଏ। କିନ୍ତୁ ସ୍ତ୍ରୀ ମାଳ ତା'କୁ ବାଟୋଇ ଦେବା ପରିବର୍ତ୍ତେ ରାଉ ରାଉ ହୋଇ କହୁଥାଏ। ଆଖିକୁ ଦେଖା ଯାଉନି ଗୁରୁପ ସାର ଆସି ଘରେ ବସିଛନ୍ତି, ତୁମେ ଦି ଦିନ କମ୍ ଛୁଟି ମାରିଥିଲେ ଚଳିନଥାନ୍ତା । ତୁମର ଗାଁ ପେରେମ ଉଛୁଳି ପଡୁଛି । କହିଲେ କ'ଣ ନା ମୁଁ ଗାଁରେ ଟିକେ ଅଧିକ ସମୟ ରହିକି ଯିବି ! ଏବେ କେଉଁଠୁ ଆଣିକି ପଇସା ଦିଅ । ପଇସା ଦେଲେ ଯାଇ ଏଇ ଗୁରୁପୁ ସାର ଯିବ ନହେଲେ ଏଇଠି ବସିଥିବ ସଞ୍ଜ ଯାଏଁ ।

ପୁଣି ରାମୁର ନୀରବତା ଦେଖି ...... ତୁମକୁ ଲାଜ ସରମ ଅଛିକି ନାହିଁ ! ପରପୁରୁଷଟା ଦାଣ୍ଡ ଦ୍ୱାର ମୁହଁରେ ବସିବ ଘର ପୁରୁଷଟା ଥଳିଆ ଧରି ବାହାରକୁ ବାହାରି ଯିବ ! ମୁହଁକୁ ଲାଜ ନାହିଁ . . . . ଯୁଆଡେ ଯାଉଛ ଯାଅ ପଇସାଟା ଦେଇକି ଯାଅ ।

ରାମୁର ଓଠରେ କିଛି ଭାଷା ନଥିଲା । ଖାଲି ମନେ ମନେ ଭାବୁଥିଲା ମୁଁ ଭୁଲ କରିଦେଲି କେଉଁଠି ? ଏଇଭଳି ସ୍ତ୍ରୀକୁ ବିବାହ କରି ନା' ଗ୍ରୁପ୍‌ରୁ ପଇସା ଆଣି । ମୁଣ୍ଡ ଭିତରେ ଥିବା ମାନସିକ ପ୍ରେସର ବେଳେ ବେଳେ ମଣିଷକୁ ନୀରବ କରିଦିଏ। ଥଳିଆ କାଢ଼ି ଜିନିଷ ପତ୍ର ସବୁକୁ ତନ୍ନ ତନ୍ନ କରି ଦେଖିଲା । ଟ୍ରେନ୍ ଟିକେଟ ବି ହୋଇସାରିଛି, ବାକି ରାସ୍ତା ଖର୍ଚ୍ଚ, ଯାଇ ରୁମ୍‌ରେ ରହିବା ଖାଇବା ଖର୍ଚ୍ଚ ବଞ୍ଚିଛି । ହୁଁ .....ପୁଣି ଉଧାରି କରିବାକୁ ହେବ! ଯାହା ସବୁ ଟଙ୍କା ଥିଲା ପକେଟରୁ କାଢ଼ି ପିଣ୍ଡାରେ ଥୋଇ ଦେଇ ରାଗରେ ଦୁମୁ ଦୁମୁ ହୋଇ ଚାଲିଗଲା ରାମୁ ।

ଦୂରରୁ ମାଳ କହି ହେଉଥାଏ ତୁମେ ଏଇ ରାଗ କାହା ଉପରେ ଦେଖେଇ ହେଉଛ ମ ! ପଇସା ଆଣିଛ ପଇସା ଦେବ, ସେଥିରେ ପୁଣି ଏତେ ବହପ। ଏଇମାସର ତ ଦେଇଦେଲ ଆର ମାସକୁ ଯେପରି ମାଗିବାକୁ ନପଡ଼େ । ନହେଲେ ଜାଣିଛ କଥା ଖରାପ ହେବ .. ଆରେ..ହଁ....

ବିଚରା ରାମୁ କିଛି ଭାବିପାରୁନଥାଏ। ସବୁ ଭୁଲ ତ ନିଜେ କରିଛି, ସେ ନିଜେ ଭୋଗିବନି ତ ଆଉ କିଏ ଭୋଗିବ? ହାତରେ ହାତ ଛନ୍ଦି ବିସ୍ତୃତ ବେଳାଭୂମିରେ ହାଇ ହିଲ ପିନ୍ଧାଇ ବୁଲାଇବାର ପ୍ରତିଶ୍ରୁତି ଦେଇଥିଲା ଯେ । ଯେତେବେଳେ ତା' ପକେଟରେ ଚାରଣିଟିଏ ନଥିଲା, ସେ ସେତେବେଳେ ଆକାରେ ଜହ୍ନକୁ ତୋଳି ଆଣି ଦେବାର କଥା କହିଥିଲା ଯେ, ହଁ ...... ଏମିତି ସବୁ ପ୍ରେମିକ ମାନେ କରନ୍ତିତ ସେଥିରେ ତା'ର ବା କି ଭୁଲ ରହିଲା। ଗୋଟିଏ ଜହ୍ନକୁ କୋଟିଏ ପ୍ରେମିକା ବିଚରା ଜହ୍ନ କାହାର ବା ହେବ ! ଆଖିଆଗରେ ଭାସି ବୁଲୁଥାଏ ସେଇ ସ୍ମୃତି ଗୁଡାକ କେତେ ଭଲଥିଲା।

କିଟିମିଟିଆ ସଞ୍ଜ ବେଳଟାରେ ସାଇକେଲଟାକୁ ତାଟି ପାଖରେ ଥୋଇଦେଇ। ବୀର ଦର୍ପରେ ପଶିଯାଇଥିଲା ମାଳ ଘରକୁ । ମାଳ ରାମକୁ ଦେଖି ଲୁଚିଗଲା ଆଉ ସାମ୍ନାରେ ମାଳର ମାଆକୁ ଦେଖି ସାହାସ ବାନ୍ଧି ଗୋଟିଏ ନିଶ୍ୱାସ କହି ଯାଇଥିଲା

ମୁଁ ମାଳକୁ ଭଲପାଏ, ମୁଁ ତା'କୁ ବିବାହ କରିବାକୁ ଚାହେଁ । ତୁମେ ଯଦି ମାଳକୁ ମୋ ସହ ବିବାହ ନ କରାଇବ ମୁଁ ମାଳକୁ ନେଇ ସୁରଟ କି ବାଙ୍ଗାଲୋର ପଳାଇବି । ତୁମେ ମୋର କିଛି କରିପାରିବନି । ଭଲ ହେବ ତୁମେ ଆମ ବାହାଘର କରାଇ ଦିଅ।

ଭାଗ୍ୟ ଭଲକୁ ମାଳର ବାପା ଘରେ ନଥିଲା, ନହେଲେ ଆଜି ରାମୁର କି ଅବସ୍ଥା ହୋଇଥାନ୍ତା ସେ ଜାଣି ନଥାନ୍ତା । ମାଳର ମାଆ ଖାଲି ରାମୁକୁ ଘଉଡାଇ ଦେଇ କହୁଥିଲା ତୁମେ ତୁମ ଘର ଲୋକଙ୍କୁ ପଠାଇବ ଆମେ କଥା ହେବା। ତୁମେ ଏଠି ଝାମେଲା କରନି ଆମ ସାହି ପଡୋଶୀ ଶୁଣିବେ ତୁମେ ଏଠୁ ଯାଅ ...... ଓ ଶାଶୁ ମାଆ ରାଜି ହୋଇଛନ୍ତି ଭାବି ଖୁସିରେ ସାଇକେଲର ପେଡାଲ ମାରୁ ମାରୁ ଶୁଣିପାରୁଥିଲା।

ସବୁ ଦୋଷ ତ ଆମ ଝିଅର ନହେଲେ ଏ ଟୋକାର ଏମିତି ସାହାସ କେମିତି ହୋଇଥାନ୍ତା। ଘର ଡ଼ିଙ୍କି ପରା କୁମ୍ଭୀର କରିବୁ କାହାକୁ ? ନ ହେଲେ ଘରକୁ ଆସି ଝିଅକୁ ଭଗେଇ ନେବାର ଧମକି ଦେଇଥାନ୍ତା କିପରି !

ରାମୁର ମନ ଭାଙ୍ଗିଗଲା, କିନ୍ତୁ ପ୍ରେମିକ ତ ଗୋଟିଏ ଅଲାଜୁକ ପ୍ରାଣୀ, ସେଥିରୁ ସେ ବାଦ ପଡନ୍ତା କିପରି । ବାହାଘର ପରେ ଯେତେବେଳେ ମାଳ ରାମୁ ଘରକୁ ଆସିଲା ଘର ପରିବେଶ ଦେଖି ଏକଦମ ଚିଡ଼ିଗଲା କହିବାକୁ ଲାଗିଲା ମୁଁ ସ୍ୱପ୍ନରେ ସୁଦ୍ଧା କେବେବି ଭାବି ନଥିଲି ତୁମର ଘର ଏପରି ହେବ ବୋଲି । ଏଇଟା ଗୋଟିଏ ଘର ? ଆଗରୁ ଜାଣିଥିଲେ କଦାପି ତୁମସହ ଆସିନଥାନ୍ତି । ଏବେ ଦେଖାଅ ତୁମର ସେଇ ଫେନ୍‌ସି ଡ୍ରେସ୍ ତୁମେ ମୋତେ ଇମ୍ପ୍ରେସ କରିବା ପାଇଁ ଯେଉଁଟା ପିନ୍ଧିଥିଲ, କାଇଁ ତୁମ ରେସିଂ ସାଇକେଲ, କାହିଁ ତୁମ ଦାମୀ ପରଫ୍ୟୁମ? କାଇଁ ସେସବୁ ପରା ତୁମ ଘରେ ଦେଖିବାକୁ ପାଉନି ! ଭଡାରେ ଆଣୁଥିଲ ନା ମାଗି କରି ଆଣୁଥିଲ ଏସବୁ ? ସୁନ୍ଦର ସୁନ୍ଦର ପୋଷାକ ପିନ୍ଧି ନିଜକୁ ସୁନ୍ଦର ଦେଖାଉଥିବା ପ୍ରେମୀର ପ୍ରେମ କୁଆଡେ ଗଲା। ଜାଣିଥାଅ ..... ମୋତେ ଏସବୁ ମୋର ଦରକାର ନହେଲେ ତୁମେ ତୁମ ଘରେ ରହିବ। ସ୍ତ୍ରୀକୁ ସ୍ୱପ୍ନ ଦେଖାଇବା ଭଲ କଥା କିନ୍ତୁ ସ୍ତ୍ରୀର ସ୍ୱପ୍ନକୁ ଭାଙ୍ଗିବା ପୁରା ଭୟଙ୍କର କଥା ।

ରାମୁ ମାଳକୁ ତୁନି କରିବାକୁ ଯାଇ କହିଲା..... ଦେଖ ଯାହା ହେବା କଥା ହୋଇଗଲାଣି ଏସବୁ ଏବେ ଆଲୋଚନା କରିଲେ କିଛି ହେବନି । ପ୍ରେମିକଟିଏ ନିଜ ପ୍ରେମକୁ ପାଇବା ପାଇଁ ଅନେକ କିଛି ମିଛର ସାହାରା ନିଏ ତା' ବୋଲି ତାକୁ ଭୁଲ କହିବ ? ତୁମକୁ ବି ଥରେ ପରଖିବାର ଥିଲା, ପ୍ରେମ ଅନ୍ଧ କିନ୍ତୁ ସ୍ତ୍ରୀ ତ ସବୁ କିଛି ଦେଖିପାରେ । ତୁମେ ଯେତେବେଳେ ସ୍ତ୍ରୀ ହେବାକୁ ଭାବିଲ ଏସବୁକୁ ଜାଣିବାର ଥିଲା । ଛାଡ ସେ କଥା ଏବେ କେମିତି କିଛି କରିଲେ ଏସବୁ ସମସ୍ୟା ସମାଧାନ ହୋଇପାରିବ ତୁମେ କୁହ ! ତୁମେ ଏବେ କିଛି ବି କରିଲେ ବଦନାମ ତୁମେ ହେବ ମୋର କିଛି ହେବନି । ତୁମର ସେଠି ଲୋକେ କହିବେ ମାଳ ନିଜ ପସନ୍ଦରେ ବିବାହ କରିଲା ଯେ କେତେ ଅସୁବିଧାରେ ଭୋଗୁଛି। ବୋଧୁଏ ମାଳ ସେଠାରେ ନିଜକୁ ଆଡଜଷ୍ଟ କରିପାରୁନି । ଆଉ ଆମ ଗାଁ ଲୋକ କହିବେ ବୋହୂଟା ଖରାପ ଆମ ରାମୁ ଭାରି ଭଲ ପିଲା। ତୁମେ ଯାହା କଲେ ତୁମକୁ ହିଁ ଶୁଣିବାକୁ ପଡ଼ିବ। ତେବେ ତୁମେ ଭାବ କଣ ସବୁ କରିପାରିବା ଆମେ ଦୁହେଁ ମିଶି ।

ମୁଁ ଏକାକୀ ଏ ଅସୁବିଧାର ସମ୍ମୁଖୀନ କାହିଁକି ହେବି ତୁମେ ମଧ୍ୟ ଏହାର ଭାଗିଦାରୀ ହୁଅ । ତୁମେ ମୋ ମାଆକୁ ସେଦିନ ଯେଉଁ କଥା କହିଥିଲ ସେ କାମ ଏବେ କର । ତୁମେ ଏବେ ସୁରଟ କି ବାଙ୍ଗାଲୋର ଯାଅ ମୋତେ ପଇସା ଦିଅ । ମୁଁ ସିନା ଏଇଠୁ ଗଲେ ମୋର ବଦନାମ କିନ୍ତୁ ତୁମେ ଘର ଛାଡ଼ିଲେ ମୁଁ ସ୍ୱାମୀ ବିନା ଏକାକୀ ଘରେ ରହୁଛି । ମୁଁ ପାଲଟି ଯିବି ଧୈର୍ଯ୍ୟବାନ ମହିଳା । ଆଜିଠୁ ତୁମେ ଏଇ ଘରେ ରହିପାରିବ ନାହିଁ । ମୁଁ ମୋର ସବୁ ଆଶା ଆକାଂକ୍ଷାକୁ ପୁରା କରିବା ପାଇଁ ମୁଁ ସାହିରୁ ଭାଇରୁ ଗ୍ରୁପରୁ ବ୍ୟାଙ୍କରୁ ଉଧାରୀ କରି ପୂରା କରିବି ଆଉ ତୁମେ ରୋଜଗାର କରି ମୋତେ ପଇସା ଦେଉଥିବ । ମୁଁ ଉଧାରୀ ପଇସା ସୁଝି ଚାଲିଥିବି । ତୁମେ ଘରକୁ ଫେରିବା ବେଳକୁ ତୁମର ଘର, ଗାଡ଼ି ଅଳଙ୍କାର ସବୁ ହୋଇ ସାରିଥିବ ।

ଟ୍ରେନ୍‌ରେ ଚାଏ ....... ଚାଏ ....... ଚାଏ ...ନେବ ଡାକରେ ରାମୁର ନିଦ ଭାଙ୍ଗିଗଲା। ଥଳିଆଟାକୁ ମୁଣ୍ଡ ତଳୁ କାଢ଼ି ରୁମ୍‌ରେ ପହଞ୍ଚିଲା। ତିନିଦିନ ହେଲା ଅଖିଆ ଅପିଆରେ ଦେହ ପୁରା ଦୁର୍ବଳ ହୋଇଯାଇଥାଏ। ମନ ଖୁସିରେ ହାଣ୍ଡିରୁ ଭାତ ଦୁଇଟା ଖାଇ ଗାମୁଛା ମେଲାଇ ଉପର ମୁହା ହୋଇ ସୋଇ ପଡ଼ିଲା । ଆଖିକୁ ନିଦ ଆସୁନଥାଏ, ପଙ୍ଖାର ଗତିକୁ ଲକ୍ଷ୍ୟ କରୁଥାଏ । ଜୀବନର ଗତି ପରି ବୁଲୁଛି ହେଲେ ଏଇ ପଙ୍ଖା ପରି ଜୀବନ କିନ୍ତୁ ପ୍ରଶ୍ନ କରି ହେଉନି କି ଧିରେ କରି ହେଉନି ଏଇ ଜୀବନକୁ ।

ଠିକ୍ ବେଳକୁ ଘରୁ ଫୋନ୍ ଆସିଲା ....... ଗ୍ରୃପ୍ ସାର ଆସି ଘରେ ପହଞ୍ଚିଛନ୍ତି ପଇସା ପଠାଅ, ତାଙ୍କ ଗୁଗୁଲ ପେ ନମ୍ବର ପଠାଇ ଦେଇଛି । ତୁମେ ପଇସା ଦେଲେ ସେ ଏଇଠୁ ଯିବେ !

ରାମୁ ବିରକ୍ତ ହୋଇ ପ୍ରତି ଉତ୍ତରରେ କହୁଥାଏ ପଇସା ପରା ଦେଇକି ଆସିଥିଲି । ଏବେ ପୁଣି କେଉଁ ପଇସା, କେଉଁ ଗ୍ରୁପ୍ ?

ତୁମେ ଯେଉଁ ଗ୍ରୁପ୍‌ର ପଇସା ଦେଇଥିଲ ସେଇଟା ମାସିକ ଏବେ ଯେଉଁ ପଇସା ଦେବ ସେଇଟା ହେଉଛି ସାପ୍ତାହିକ ଗ୍ରୁପ୍ ପଇସା ।

ତୁମେ ଏତେ ସବୁ ପଇସା ଆଣି କରିଲ କ'ଣ? ଆଉ ପଇସା ଆଣିବା ପୂର୍ବରୁ ଥରେ ମୋର ପରାମର୍ଶ ନେଲନାହିଁ କାହିଁକି? ଏବେ ମୋ ପାଖରେ ପଇସା ନାହିଁ ମୁଁ ଦେଇ ପାରିବି ନାହିଁ ।

ଦେଖ ମୁଁ କହି ଦେଉଛି ମୋ ମୁଣ୍ଡକୁ ଗରମ କରିନି । ମୁଁ ପଇସା ଆଣି ଖାଇଦେଇନି କି କାହାକୁ ଦେଇ ଦେଉନି ମ। ସବୁ ତୁମ ଘରେ ଅଛି । ତୁମେ ଦେଖେଇଥିବା ଟିଭି, ଫ୍ରିଜ୍ , କୁଲର, ଟେବୁଲ, ସୋଫା କେଉଁଠୁ ଆସିଲା। ତୁମେ ମୋତେ ଦେଇଥିଲ ? ନା' ଏସବୁ ଦେବାପାଇଁ ତୁମର ଔକାତ ହିଁ ନାହିଁ, ମୁଁ ଏସବୁ ଲୋନ ଧାର କରି କିଣିନେଇଛି । ତୁମେ ପଇସା ଦେବନି ତ କୁଆଡେ ଯିବ, ମୋ ରାଗ ଭୁଲି ଗଲଣି ବୋଧେ।

ରାମୁ ନୀରବରେ କିଛି ସମୟ ରହିବା ପରେ ଗୋଟିଏ ଦିର୍ଘ ନିଶ୍ୱାସ ନେଲା, ମୁଣ୍ଡକୁ କିଛି ବୁଦ୍ଧିବାଟ ଦିଶୁନଥାଏ ଗାମୁଛ ଟା'କୁ ହାତରେ ଧରି କାନ୍ଥକୁ ଆଉଜି ବସିଲା । ଆଖିରୁ ଅନବରତ ଅଶ୍ରୁଧାର ବୋହିଯାଉଥାଏ। ଖାଲି ଆଖିଆଗରେ ଭାସି ବୁଲୁଥାଏ କିପରି ଖୁସିର ମୂହୂର୍ତ୍ତର ଛବି ଗୁଡିକ ଧିରେ ଧିରେ କିପରି ଲୋନ୍‌ର ପାହାଡ ତଳେ ଚାପି ହୋଇ ତା'କୁ ଅଣ ନିଶ୍ୱାସୀ କରି ଦେଉଛି । ଆଉ ଡେରି କଲା ନାହିଁ , ନାଁ ରହିବ ବାଉଁଶ ନାଁ ଆଉ ବାଜିବ ବଇଁଶୀ । ଶେଷ କରିଦେଲେ ସବୁ ଶାନ୍ତି । ପତ୍ରେ୍ୟକ ମୂହୁର୍ତ୍ତ ମରିବା ଅପେକ୍ଷା ନିଜକୁ ଶେଷ କରିଦେବା ବହୁତ ଭୟ ।

ଷ୍ଟୁଲ ପକାଇ ଷ୍ଟୁଲ ଉପରେ ଛିଡା ହେଲା, ପଙ୍ଖାରେ ଗାମୁଛା ବାନ୍ଧି ଝୁଲିପଡ଼ିଲା। କେହି ତା'କୁ ଦେଖିବା ପୂର୍ବରୁ ତା' ପାଦ ଦୁଇଟି ଝୁଲି ସାରିଥିଲା ।

ଗୋଟିଏ ଯୁଗକୁ ଅନ୍ତ କରି , ଖୁସିକୁ ଖୁସି କରାଉ କରାଉ କେତେବେଳେ ସେ ଦୁଃଖର ପାହାଡ଼ ଉପରେ ଚଢ଼ି ଯାଇଥିଲା ସେ ନିଜେ ଜାଣିନଥିଲା ।

♥ ଦେବେନ୍ଦ୍ରପୁର, ଅଭଣା
ବାଲେଶ୍ୱର
ମୋ: ୯୯୯୮୬୨୨୩୩୬

# ଜାମବଣି ସରପଞ୍ଚ ଅନାସ୍ଥା ଭୋଟରେ ହାରିଲେ



କପ୍ତିପଦା, ୦୨/୧୧ (ନି.ପ୍ର): କପ୍ତିପଦା ବ୍ଲକ୍ ଜାମବଣି ପଞ୍ଚାୟତର ସରପଞ୍ଚ ବିଭିନ୍ନ ଅନିୟମିତତା କାମରେ ସଂଶ୍ଳିଷ୍ଟ ରହୁଥିବାର ଦର୍ଶାଇ 'ଲରେ ଉକ୍ତ ପଂଚାୟତର ୧୧ଟି ୱାର୍ଡରୁ ୯ ଜଣ ୱାର୍ଡ ମେମ୍ବର ଗତ ଅକ୍ଟୋବର ୨୩ ତାରିଖରେ ତାଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ପାଇଁ କପ୍ତିପଦା ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗକୁ ଭିତି କରି ଆଜି ଉକ୍ତ ପଂଚାୟତରେ ଅନସ୍ଥା ପ୍ରସ୍ତାବ ପାଇଁ ଭୋଟିଂ ହୋଇଥିଲା । ।ଜିଷ୍ଟ୍ରେଟ ଦାୟିତ୍ୱରେ ଉଦଳା ବି.ଡି.ଓ ତୃପ୍ତି ବରିହା ଉପସ୍ଥିତ ରହି ଉକ୍ତ ପଂଚାୟତର ଭୋଟିଂ ପ୍ରକ୍ରିୟା ଆରମ୍ଭ କରିଥିଲେ । ୧୧ଜଣ ୱାର୍ଡ଼ମେମ୍ବରଙ୍କ ମଧ୍ୟରୁ ୧୦ଜଣ ୱାର୍ଡ଼ମେମ୍ବର ଉପସ୍ଥିତ ରହିଥିଲେ ଏବଂ ଅନାସ୍ଥା ସପକ୍ଷରେ ୯ଜଣ ଭୋଟ ଦେଇଥିବାବେଳେ ବିପକ୍ଷରେ ଜଣେ ମାତ୍ର ଭୋଟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ବିଡ଼ିଓ ସିଦ୍ଧେଶ୍ୱର ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚାନ୍ଦ, କପ୍ତିପଦା, ଉଦଳା ଜିପିଇଓ ପ୍ରମୋଦ ରଂଜନ ନାଏକ, ଉପେନ୍ଦ୍ରନାଥ ସୋରେନ୍, ପିଇଓ ଲୋପାମୁଦ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ପାଇଁ କପ୍ତିପଦା ପୋଲିସ ମଧ୍ୟ ଘଟଣାସ୍ଥଳରେ ମୁତୟନ ଥିଲେ । ପ୍ରକାଶ ଥାଉକି, କପ୍ତିପଦା ବ୍ଲକ୍ ଜାମବଣି ପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଓଡ଼ିଶା ହାଇକୋର୍ଟରେ ଖାରଜ ହୋଇଯାଇଛି । ଉଚ୍ଚ ନ୍ୟାୟାଳୟରେ କରାଯାଇଥିବା ଆବେଦନ ଅନୁଯାୟୀ ରିଟ୍ ପିଟିସନ୍ ୪୪୯୧୮/୨୦୨୪ ଦାଖଲ ହୋଇଥିବା ସହିତ ଅନାସ୍ଥା ପ୍ରସ୍ତାବ ସିଦ୍ଧ ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟରେ ସିଦ୍ଧ ହୋଇଥିଲା । ସବୁ ଯୁକ୍ତି ବହୁ ସମୟ ଧରି ଚାଲିବା ପରେ ଅନାସ୍ଥା ପ୍ରସ୍ତାବ ଉପରେ ରହିତାଦେଶ କରାଯିବା ପାଇଁ ଆବେଦନକାରୀ ସରପଞ୍ଚ ପିଙ୍କି ମାଝୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ । ମାତ୍ର ଅନାସ୍ଥା ପ୍ରସ୍ତାବ ଉପରେ ରହିତାଦେଶ ଲାଗିପାରିବ ନାହିଁ ବୋଲି ପ୍ରତିପକ୍ଷଙ୍କ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ ଅଭିଷେକ ଦାଶ ଯୁକ୍ତି ବାଢ଼ିବା ସହ ଶୁଣାଣି ଶେଷ କରିବା ସହିତ ଏହି ମାମଲାକୁ ଖାରଜ କରିବାକୁ ମଧ୍ୟ ୯ଜଣ ସଦସ୍ୟଙ୍କ ପକ୍ଷରୁ ଯୁକ୍ତି ବାଢ଼ିଥିଲେ । ଶେଷରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓକିଲ ଅଭିଷେକ ଦାଶଙ୍କ ଯୁକ୍ତିକୁ ଗ୍ରହଣ କରି ଗତ ୨୯ତାରିଖରେ ମାମଲାକୁ ଖାରଜ କରିଛନ୍ତି । ଏହି କେସ୍ ଗୋଟିଏ ଦିନରେ ଉଚ୍ଚ ନ୍ୟାୟାଳୟରେ ଶୁଣାଣି ଏକ ଯୁଗାନ୍ତକାରୀ ରାୟ । ଏହି ମାମଲା ଖାରଜ ହେବାପରେ ପିଙ୍କି ମାଝୀଙ୍କୁ ନିରାଶ ହେବାକୁ ପଡ଼ିଥିବାବେଳେ ତାଙ୍କ ବିରୋଧରେ ଆଜି ଭୋଟିଂର ରାସ୍ତା ସଫା ହୋଇଯାଇଛି । ହାଇକୋର୍ଟରେ ଆବେଦନକାରୀଙ୍କ ପକ୍ଷରୁ ସପ୍ନିଲ ରାୟ ଓ ଏସ୍ ଶତପଥୀ ମାମଲା ପରିଚାଳନା କରିଥିବାବେଳେ ପ୍ରତିପକ୍ଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ଦାଶ ଯୁକ୍ତି ଉପସ୍ଥାପନ କରିଥିଲେ ।

# ପେଟ୍ରୋଲ ପମ୍ପ ଗୁଡ଼ିକରେ ମାପ ଓଜନରେ ବ୍ୟାପକ ଠକେଇ ଅଭିଯୋଗ

ରାଉରକେଲା, ୦୨/୧୧ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ମାପ ଓଜନରେ ପେଟ୍ରୋଲ ଡିଜେଲ ବିକ୍ରୀରେ ବ୍ୟାପକ ଠକେଇ ହେଉଥିବା ଅଭିଯୋଗ ହେଉଛି । ବିଭାଗୀୟ ବାବୁ ମାନେ ନିରବତାର ସହ ଦେଖଣାହାରୀ ହୋଇଥିବାରୁ ଏହି ଠକେଇ ଦିନକୁ ଦିନ ବଢିବାରେ ଲାଗିଛି । ଅଭିଯୋଗରୁ ଜଣାପଡିଛି, ପେଟ୍ରୋଲ ପମ୍ପ ଗୁଡିକରେ ଲାଗିଥିବା ମେସିନରେ ତେଲ ଦେବା ପୂର୍ବରୁ ଜିରୋ କରାଯାଉଛି, ପରେ ତେଲ ଦେବା ଆରମ୍ଭ ହେବା କ୍ଷଣି ମିଟର ୫/୭/୧୦ରୁ ଆରମ୍ଭ ହେଉଛି । ମିଟର ରେ ୨/୩ /୪ ସଂଖ୍ୟା ଆଦୌ ଦେଖିବାକୁ ମିଳୁନି । ଏନେଇ ତେଲ ଟାଙ୍କିରେ ଥିବା କର୍ମଚାରୀ ମାନଙ୍କୁ କହିଲେ କିଛି ଉତର ମିଳୁନି । ରାଉରକେଲା, ରାଜଗାଙ୍ଗପୁର, ସୁନ୍ଦରଗଡ, ବଣେଇ, ଲହୁଣୀପଡା ଓ ରାଜା ମୁଣ୍ଡା ଯେଉଁଠି ଦେଖିଲେ ଏହି ସମସ୍ୟା ଓ ଠକେଇ ଚାଲିଥିବା ଦେଖାଯାଉଛି । ଯଦି ସରକାରୀ ବ୍ୟବସ୍ଥାକୁ ଦେଖାଯାଏ ତେବେ ସରକାର ଏସବୁ ଦେଖିବା ଲାଗି ଥିବା ଅଧିକାରୀ ମାନଙ୍କ ପଦବୀରେ ଉନ୍ନତି ଆଣିବା ସହ ଏମାନଙ୍କୁ ଅଧିକ ଦରମା ଓ ସୁବିଧା ସୁଯୋଗ ଦେଇଛନ୍ତି । ପୂର୍ବରୁ ଥିବା ଏରିଆ ଇନ୍ସପେକ୍ଟର ମାନଙ୍କୁ ସିନିଅର ଇନ୍ସପେକ୍ଟର ଓ ଆସିସଷ୍ଟାଂଟ କନଟ୍ରୋଲର ପଦକୁ ପଦୋନ୍ନତି ଦେବା ସହ ଜିଲ୍ଲା ଦାୟିତ୍ୱରେ ଥିବା ବାବୁ ମାନଙ୍କୁ ଆସିଷ୍ଟାଂଟ କନଟ୍ରୋଲର ବଦଳରେ ଜୟେଂଟ କଂଟ୍ରୋଲର ପଦବୀକୁ ପଦୋନ୍ନତି ଦେଇଛନ୍ତି । ଲୋକ ସଂଖ୍ୟା କମ ଥିବାରୁ ଜଣକୁ ୨/୩ଟି ଏରିଆ ମଧ ଦିଆଯାଇଛି । ହେଲେ ବାବୁ ମାନେ ଫାଇଲ ଚାଷ କରି ନିଜ ଡ୍ୟୁଟି କରୁଛନ୍ତି । ସାଧାରଣ ମାଛ, ମାଂଶ, ପରିବା ଠାରୁ ଆରମ୍ଭ କରି ଚାଉଳ ଡାଲି, ସୁନା, ପରିବା ,କପଡା ପତ୍ର, ଲୁଗାପଟା ଯାହା ଲୋକେ ବଜାରରୁ କିଣୁଛନ୍ତି ସେଥିରେ ଠକେଇ ହେଉଛି, କଳକାରଖାନା ଓ ଅନ୍ୟାନ୍ୟ ଯାଗା ଅଲଗା । ଏହି ବିଭାଗର କାମ ଅନେକ କିନ୍ତୁ ଏମାନେ ଆଜିକାଲି କେତେବେଳେ କେମିତି କିଛି ଦୋକାନୀଙ୍କୁ ଫାଇନ କରିଦେଇ ନିଜର ପ୍ରଚାର କରିଦେଇ ଚୁପ ହୋଇ ବସୁଛନ୍ତି। କମ ଓଜନ ଦେଉଥିବା ବେପାରୀଙ୍କ ବିରୋଧରେ ଆଉ ଆଜିକାଲି ମାମଲା କରାଯାଉନାହିଁ । ରାଉରକେଲା ବାବୁଙ୍କୁ କେହି ଦେଖା କରି ଏନେଇ କହିବାକୁ ଗଲେ ସେ ଲୁଚୁଛନ୍ତି ବୋଲି ଅଭିଯୋଗ ହେଉଛି । ବିଭାଗର ରାଜ୍ୟ ମୁଖ୍ୟ କଂଟ୍ରୋଲର ପଦବୀ ମଧ ଦୀର୍ଘ ଏକ ବର୍ଷ ହେଲା ଖାଲି ପଡିଛି, ଯୋଗାଣ ବିଭାଗର ଜଣେ ଆଡିଶନାଲ ସଚିବ ଏହି ଦାୟିତ୍ୱରେ ଅଛନ୍ତି ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳିତ




ବାଲେଶ୍ୱର, ୦୨/୧୧ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ଘ. ୧୧ ଟା ସମୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ-୨୦୨୪ ର ଉଦଯାପନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସମାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଡ. ସତ୍ୟଜିତ ନାୟକ, ପୋଲିସ ଉପ-ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଯୋଗ ଦେଇଥିବା ବେଳେ ଶ୍ରୀ ରାଜ ପ୍ରସାଦ, ଆରକ୍ଷୀ ଅଧିକ୍ଷକ, ଶ୍ରୀ ଖୁଶୱନ୍ତ ସିଂ, ମଣ୍ଡଳୀୟ ବନ ଅଧିକାରୀ, ଶ୍ରୀ ରାହୁଲ ପି.ଆର, ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ଓ ଏଥି ସହିତ ବରେଣ୍ୟ ଅତିଥି ଭାବେ ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ଓ ଶ୍ରୀ ବିଶ୍ୱରଞ୍ଜନ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ମଞ୍ଚାସୀନ ଥିଲେ ଓ ପଂକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଶ୍ରୀଯୁକ୍ତ ଭାସ୍କର ବେହେରା ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ସଂସ୍କୃତି ପୋଲିସ ଲାଇନ ରିଜର୍ଭ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ପରିବେଷିତ ହୋଇଥିଲା ଓ ଉକ୍ତ ସଭାରେ ମଞ୍ଚସ୍ଥ ଅତିଥିମାନେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦବୋଧନ ଦେବା ସହିତ ଦୁର୍ନୀତିକୁ କିପରି ତୃଣମୂଳ ସ୍ତରରେ ରୋକା ଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ସଭାରେ ଏକ ଦୁର୍ନୀତିମୁକ୍ତ ଦେଶ ଗଠନ ଏବଂ ସ୍ୱଚ୍ଛ ଜନସେବା ସୁନିଶ୍ଚିତ କରିବା ଦିଗରେ ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଥିଲା । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କିଭଳି ସୁଶାସନର ମୂଳଦୁଆକୁ ସୁଦୃଢ଼ କରିଥାଏ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରିଥାଏ ତାହା ଉପରେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ବ୍ୟାପକ ସମର୍ଥନ କରିବାରେ ସହାୟକ ହେବ ବୋଲି ଅତିଥମାନେ ଦୃଢୋକ୍ତି ପ୍ରକାଶ କରିଥିଲେ ଓ ବର୍ଷସାରା ସତର୍କତା ଓ ସ୍ୱଚ୍ଛତା ବଜାୟ ରଖିବାରେ ଜନଭାଗିଦାରୀ ଜାରି ରଖିବା ଉପରେ ମତ ପ୍ରକାଶ କରିବା ସହିତ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତିଭୂମି' ପ୍ରସଙ୍ଗରେ ମୁଖ୍ୟ ବକ୍ତା ଶ୍ରୀ ବେହେରା ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସୂଚନା ଥାଉକି, ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ କନଫେରେନ୍ସ ମାଧମରେ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ଦୁର୍ନୀତି ନିବାରଣ ବିଭାଗ ଏସ୍.ପି. ଶ୍ରୀ ରାହୁଲ ପି.ଆର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ସଭା ପରିଚାଳନା କରିଥିଲେ । ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନେ ମଞ୍ଚସ୍ଥ ଅତିଥିମାନଙ୍କୁ 'ଦୁର୍ନୀତି ନିବାରଣ ରାକ୍ଷୀ' ପିନ୍ଧାଇ ଥିଲେ ଓ ସଭାରେ ବରେଣ୍ୟ ବ୍ୟକ୍ତିବିଶେଷ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ତଥା ଗଣମାଧମର ପ୍ରତିନିଧିଗଣ ଯୋଗ ଦେଇଥିଲେ ।




# ପ୍ରଜାପତି ବ୍ରହ୍ମା କୁମାରୀ ପକ୍ଷରୁ ଦୀପାବଳି ଉତ୍ସବ



ବାସୁଦେବପୁର, ୦୨/୧୧ (ନି.ପ୍ର): ବାସୁଦେବପୁର ସହର ରେ ପ୍ରତିଷ୍ଠା ହୋଇଥିବା ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱ ରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପବିତ୍ର ଦୀପାବଳି ଉତ୍ସବ ପାଳନ ହୋଇ ଯାଇଛି । ଏହି ଉତ୍ସବରେ ବ୍ରହ୍ମା କୁମାରୀ ପ୍ରତିମା ଭଉଣୀ, ବ୍ରହ୍ମା କୁମାରୀ ସନ୍ଧ୍ୟା ଭଉଣୀ, ବ୍ରହ୍ମା କୁମାରୀ ପୂର୍ଣ୍ଣିମା ଭଉଣୀ, ବ୍ରହ୍ମା କୁମାର ଗଦାଧର ଭାଇ, ବ୍ରହ୍ମା କୁମାରୀ ଜ୍ୟୋସ୍ନା ଭଉଣୀ, ଲକ୍ଷ୍ମୀ ଭଉଣୀ,ବ୍ରହ୍ମା କୁମାର ହିମାଂଶୁ ଭାଇ, ବ୍ରହ୍ମା କୁମାର ପରେଶ ଭାଇ, ରତିକାନ୍ତ ଭାଇ, ସୁରେଶ ଭାଇ, ଅମର ଭାଇ ଓ ଅନେକ ଭାଇ ଓ ଭଉଣୀ ଏହି ଉତ୍ସବରେ ଯୋଗ ଦେଇ ଥିଲେ । ସମସ୍ତେ ଦୀପ ଜଳାଇଥିଲେ ଓ ଭଗବାନ ଙ୍କୁ ପ୍ରାର୍ଥନା କରିଥିଲେ । ଏହି ଉତ୍ସବରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା । ସମସ୍ତେ ପରସ୍ପର ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇ ଥିଲେ । ପ୍ରତି ବର୍ଷ ପରି ଏବର୍ଷ ଏକ ସୁନ୍ଦର ପରିବେଶ ମଧ୍ୟରେ ଏହି ଉତ୍ସବ ପାଳିତ ହୋଇ ଯାଇଛି । ଶେଷରେ ସମସ୍ତ ଭାଇ ଭଉଣୀ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରିୟ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନ କରିଥିଲେ । ଏହି ଉତ୍ସବରେ ବ୍ରହ୍ମା କୁମାରୀ ଉର୍ମିଳା ଓ ବ୍ରହ୍ମା କୁମାରୀ ଶେଶାଦ୍ରି ମଧ୍ୟ ଯୋଗ ଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କମିଲା ନବୀନଙ୍କ ସୁରକ୍ଷା...

ପାୱାରଫୁଲ ଆଇପିଏସ ଡିଏସ୍ କୁଟ୍ଟେ, ଯାହାଙ୍କୁ ଏବେ ସରକାର ଗୃହ ବିଭାଗର ଓଏସ୍?ଡି ଭାବେ ନିଯୁକ୍ତ କରିଛନ୍ତି, ତାଙ୍କ ୟୁନିଟ-୧ ସ୍ଥିତ କ୍ୱାର୍ଟରକୁ ୪ ସୁରକ୍ଷା କର୍ମୀଙ୍କ ସହ ୨ ହୋମଗାର୍ଡ ଜଗୁଥିଲେ । ସମସ୍ତଙ୍କୁ ସରକାର ପ୍ରତ୍ୟାହାର କରିନେଇଥିବା କୁହାଯାଉଛି । ତେଣେ ନବୀନଙ୍କ ସୁରକ୍ଷା କମିବା ପରେ ଚିହିଁକି ଉଠିଛି ବିଜେଡି । ଅମର ପଟ୍ଟନାୟକଙ୍କ ପରେ ଦଳର ନେତା ସଞ୍ଜୟ ଦାସବର୍ମା ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ବିଜେପି ସରକାରଙ୍କ ଆଚରଣ ଆଚମ୍ବିତ କରିଛି । ନବୀନଙ୍କ ସୁରକ୍ଷାରେ ତ୍ରୁଟି ହେଲେ ତା'ର ଉତ୍ତର ଦାୟିତ୍ୱ ସରକାର ନେବେ । ଯାହାକୁ କାଉଣ୍ଟର କରି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସରକାରୀ ନିୟମ ଅନୁଯାୟୀ କାମ ହେଉଛି । ମୁଁ ବିରୋଧୀ ଦଳରେ ଥିବା ବେଳେ ଚଞଙ ନେଉ ନଥିଲି । ଶାସନ କାଳରେ କରିଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର ପାଇଁ ସେମାନଙ୍କୁ ଭୟ ଘାରି ଥିବାରୁ ଅଧିକ ସୁରକ୍ଷା ମାଗୁଛନ୍ତି ବୋଲି ଜୟନାରାୟଣ କହିଛନ୍ତି । ମୁଖ୍ୟମନ୍ତ୍ରୀମାନଙ୍କୁ ସାଧାରଣତଃ ଜେଡ + କାଟାଗୋରୀ ସୁରକ୍ଷା ମିଳେ । ଯେଉଁଥିରେ ୧୦ ଜଣ କମାଣ୍ଡୋଙ୍କ ସହ ୫୫ ଜଣ ସୁରକ୍ଷା କର୍ମୀ ରହିଥାନ୍ତି । ଏମାନେ ତିନି ସିଫ୍ଟରେ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦେଇଥାନ୍ତି । ମାତ୍ର ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ସର୍ବାଧିକ ୨୬୮ ଜଣ ସୁରକ୍ଷା କର୍ମୀ ନିୟୋଜିତ ହେଉଥିଲେ । ସେହିପରି ବିଜେଡି ସରକାର ସମୟରେ ଚାକିରିରୁ ଅବସର ପରେ ପାଣ୍ଡିଆନଙ୍କୁ ଦିଆଯାଉଥିଲା ସୁରକ୍ଷା କର୍ମୀ । ୫ଟ୍ଟ ଅଧକ୍ଷ ଭାବେ ପାଣ୍ଡିଆନ ଯେତେବେଳେ ବେଶ୍ ପାୱାରଫୁଲ୍ ଥିଲେ, ତାଙ୍କୁ ଘେରି ରହୁଥିଲା କଡ଼ା ସୁରକ୍ଷା ବଳୟ ।

## ନଭେମ୍ବର ଶେଷ ...

ଜମି ଆଧାରରେ ଯେଉଁମାନଙ୍କର ଆବେଦନ ଖାରଜ ହୋଇଛି, ତହସିଲଦାର ଓ ଆରଆଇଙ୍କ ଦ୍ୱାରା ଆଉ ଥରେ ଯାଞ୍ଚ କରାଯିବ । ନଭେମ୍ବର ଶେଷ ସୁଦ୍ଧା ମିଳିବ 'ସୁଭଦ୍ରା' ତୃତୀୟ ପର୍ଯ୍ୟାୟ ଟଙ୍କା । ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ମିଳିବ ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଖାରଜ ଆବେଦନ ମଧ୍ୟରୁ ଜମି ଆଧାରରେ ଖାରଜ ସଂଖ୍ୟା ଅଧିକ । ଗତକାଲି ସୁଭଦ୍ରା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଏସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ଗତକାଲି ଅଯୋଗ୍ୟ ହିତାଧିକାରୀ କିପରି ସୁଭଦ୍ରା ଯୋଜନାରେ ସାମିଲ ହେବେ ସେନେଇ ମୋଡାଲିଟି ପ୍ରସ୍ତୁତ କରି ନୂଆ ଗାଇଡ ଲାଇନ୍ ଅଣାଯିବ ବୋଲି କହିଥିଲେ ଉପ-ମୁଖ୍ୟମନ୍ତ୍ରୀ । ଯୋଜନାରୁ ବାଦ ପଡିଥିବା ମହିଳାଙ୍କ ପାଇଁ ନୂଆ ଗାଇଡଲାଇନ ଆଣୁଛନ୍ତି ସରକାର । ବାଦ୍ ପଡିଥିବା ୨ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ପାଇଁ ପ୍ରସ୍ତୁତ ହେଉଛି ମୋଡାଲିଟି । ଅଯୋଗ୍ୟ ହିତାଧିକାରୀ କେମିତି ଯୋଜନାରେ ସାମିଲ ହେବେ ସେନେଇ ଚିନ୍ତା କରୁଛନ୍ତି ସରକାର । କେଉଁ ଆଧାରରେ, କେମିତି ସେମାନଙ୍କର ଭେରିଫାଏ କରାଯିବ, ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହେବା ପରେ ଗାଇଡଲାଇନ ଜାରି ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ସେପଟେମ୍ବର ୧୭ରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ମୋଦିଙ୍କ ହାତରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କ ଖାତାକୁ ଯାଇଥିଲା ୫ ହଜାର ଲେଖାଏଁ ଟଙ୍କା । ଦୁର୍ଗାପୂଜା ପୂର୍ବରୁ ଡିବିଟି ମାଧମରେ ୩୫ ଲକ୍ଷ ଯୋଗ୍ୟ ମିହିଳାଙ୍କ ଖାତାକୁ ଯାଇଥିଲା ଦ୍ୱିତୀୟ କିସ୍ତି । ଏବେ ସୁଦ୍ଧା ୧ କୋଟିରୁ ଅଧିକ ମହିଳା ଆବେଦନ କରିଥିବା ବେଳେ ୬୦ ଲକ୍ଷ ଟଙ୍କା ପାଇ ସାରିଲେଣି ।

## ଆମ୍ବ ଟାକୁଆଜନିତ...

ପରେ ଏବେ ବିତର୍କର କାଠଗଡ଼ାରେ ଆଦିବାସୀଙ୍କ ପାରମ୍ପାରିକ ଖାଦ୍ୟ । ତଥାପି ଛାଡ଼ିପାରୁନାହାଁନ୍ତି ଅଖାଦ୍ୟ ଅଭ୍ୟାସକୁ । ଆଜି ବି ମାଣ୍ଡିପଙ୍ଗାରେ ଘରେ ଘରେ ଗଛିତ ଅଛି ଆମ୍ବଟାକୁଆ ଜାଉ । କହିଛନ୍ତି,ଏମିତି ଜାଉ କରି ଖାଇବା ସେମାନଙ୍କର ଅଭ୍ୟାସ । ଜଙ୍ଗଲରୁ କେବେ ଆମ୍ବ ଟାକୁଆ ଆଣି ତ ଆଉ କେବେ ଜଙ୍ଗଲୀ ଜନ୍ଦା, କରଡ଼ି, ଛତୁ ଓ ଶାଗ ସଂଗ୍ରହ କରି ଖାଦ୍ୟ ପ୍ରସ୍ତୁତ କରିବା ସହ ଦୀର୍ଘଦିନ ଧରି ସାଇତି ରଖନ୍ତି । ଯେବେ ଘରେ ଚାଉଳ କିମ୍ବା ଅନ୍ୟ ଖାଦ୍ୟ ସାମଗ୍ରୀ ସରିଯାଏ, ସେହି ସମୟରେ ଭୋକ ମେଣ୍ଟାଏ ଏସବୁ ଖାଦ୍ୟ । କେବଳ ଗଜପତି ନୁହେଁ, କନ୍ଧମାଳରୁ କୋରାପୁଟ, ରାୟଗଡ଼ାରୁ ନବରଙ୍ଗପୁର । ଆଦିବାସୀ ବହୁଳ ଏସବୁ ଜିଲ୍ଲାର ଉପାନ୍ତ ଇଲାକାରେ ଏଭଳି ଅଣଚାଷ ଖାଦ୍ୟ ପାଲଟିଛି ସାହା ଭରସା । ଆମ୍ବଟାକୁଆକୁ ଶୁଖାଇ ଏହାକୁ କିଏ ପିଠା କରିଖାଆନ୍ତି ତ ଆଉ କିଏ ଜାଉ କରି ବି ପିଅନ୍ତି । ପ୍ରକୃତି ପ୍ରଦତ୍ତ ଏସବୁ ଖାଦ୍ୟ ବିଷାକ୍ତ ନୁହେଁ, କିନ୍ତୁ ଖାଦ୍ୟ ପ୍ରକ୍ରିୟାକରଣ ସହ ରକ୍ଷଣାବେକ୍ଷଣରେ ସମସ୍ୟା ଯୋଗୁ ଘାତକ ସାଜୁଛି । ସବୁରି ମୂଳରେ ରହିଛି ସଚେତନତାର ଅଭାବ । ଉପାନ୍ତର ଜନଜାତିଙ୍କ ଚାଲିଚଳନ ଓ ଖାଦ୍ୟପେୟର ଅଭ୍ୟାସରେ ସୁଧାର ପାଇଁ ୧୯୮୬ରୁ କାର୍ଯ୍ୟ କରୁଛି ସରକାରଙ୍କ ସ୍ୱତନ୍ତ୍ର ବିଭାଗ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା-ଡକଡଇ । ଏପରିକି କୁଟିଆ କନ୍ଧ ଉନ୍ନୟନ ପରିଷଦ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଲାଇଭଲିହୁଡ୍ ମିଶନ ଭଳି ଅନେକ ପ୍ରକଳ୍ପ ଜାରି ରହିଛି । ତେବେ କେଉଁଠି ରହୁଛି ଭୁଲ୍ ? ବାରମ୍ବାର ଅଘଟଣ ପରେ ବି ଖାଦ୍ୟ ନିରାପତ୍ତା କ୍ଷେତ୍ରରେ କାହିଁକି ସୃଷ୍ଟି କରାଯାଉନି ସଚେତନତା ? ସରକାର ଓ ଘଏଙଗୁଡ଼ିକର ରହୁଛି କି ଆନ୍ତରିକତାର ଅଭାବ ? ଏସବୁ ଭିତରେ ମାଣ୍ଡିପଙ୍ଗା ଆମ୍ବଟାକୁଆ ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇଛି । ପ୍ରାଥମିକ ତଦନ୍ତରୁ ଏହା ଫୁଡ୍ ପଏଜନିଂ ଏବଂ ଏହାର ରିପୋର୍ଟ ୭୨ ଘଣ୍ଟା ଭିତରେ ଆସିବ ବୋଲି କୁହାଯାଇଛି । ତେଣେ ଗକଉଏରେ ୬ ଜଣଙ୍କ ଚିକିତ୍ସା ଚାଲିଥିବା କହିଛି ସ୍ୱାସ୍ଥ୍ୟ ବିଭାଗ ।

## ମଧ୍ୟାହ୍ନ ଭୋଜନରେ...

ଅନେକ ସମୟରେ ମଧ୍ୟାହ୍ନ ଭୋଜନରେ କେବଳ ବିସ୍କୁଟ ଖାଇବାକୁ ଦିଆଯାଉଛି ତ କେବେକେବେ ମଧ୍ୟାହ୍ନ ଭୋଜନ ରୋଷେଇ ମଧ ହେଉ ନ ଥିବା ଛାତ୍ରଛାତ୍ରୀ କହିଛନ୍ତି । ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଛାଡି ଖେଳଛୁଟି ରେ ଘରକୁ ଚାଲିଯାଉଛନ୍ତି । ଅନ୍ୟପଟେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମନ୍ତ କୁମାର ଦେହୁରୀ ମନମାନି କରୁଥିବା ବେଳେ ଅଧିକାଂଶ ସମୟ ବିଦ୍ୟାଳୟକୁ ଆସୁ ନଥିବା ଅଭିଯୋଗ ହୋଇଥିଲା । ଗତକାଲିର ଘଟଣା ନେଇ ଅଭିଭାବକଙ୍କଠାରୁ ଖବର ପାଇବା ପରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଓ ସି.ଆର.ସି.ସି ବିଦ୍ୟାଳୟରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ । ଏହାର ତଦନ୍ତ କରାଯିବା ପରେ ସରକାରୀ ନିୟମ ଅନୁଯାୟୀ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ । ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି ।

## ନଭେମ୍ବରରେ ପୁଣି ...

ବର୍ଷା ନେଇ ଆଜି ପାଇଁ କୌଣସି ୱାର୍ଣ୍ଣିଂ ନଥିବା ସ୍ପଷ୍ଟ କରିଛି ପାଣିପାଗ ବିଭାଗ । ସେପଟେ ଟ୍ୱିନ୍ ସିଟିରେ ବାୟୁ ପ୍ରଦୂଷଣର ଭୟଙ୍କର ସ୍ଥିତି । ଭୁବନେଶ୍ୱର ଓ କଟକରେ ଯୁଆଡ଼େ ଚାହିଁବେ, ଖାଲି ଧୂଆଁ ଆଉ ଧୂଆଁ । ବିଗିଡ଼ିଯାଇଛି ପରିବେଶ, ପୁଣି ପ୍ରଦୂଷିତ ହୋଇଛି ଟ୍ୱିନ ସିଟିର ବାୟୁ ମଣ୍ଡଳ । ଦୁଇ ଦିନ ଧରି ଦୀପାବଳି ପାଳନ ବେଳେ ବାଣ ଫୁଟାଇବା ପରେ ବିଗିଡ଼ିଯାଇଛି ପୁରା ପରିବେଶ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ଫୁ କରି ଉଡ଼ାଇ ଦେଇଛନ୍ତି ଟ୍ୱିନ୍ ସିଟି ବାସିନ୍ଦା । ରାତି ୯ ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶନାମା ଜାରୀ ହୋଇଥିବା ବେଳେ ଏହି ନିୟମକୁ ଖୋଲାଖୋଲି ଉଲଂଘନ ହୋଇଥିବା ଦେଖିବାକୁ ମିଳିଛି । ଫଳରେ ଧୂଆଁମୟ ପରିବେଶ ଭିତରେ ଲୋକେ ଅଣନିଶ୍ୱାସୀ ଅନୁଭବ କରିଛନ୍ତି । ଏମିତିକି ଗତକାଲି ସନ୍ଧ୍ୟା ପରଠୁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇଥିଲା । ଗାଡି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଦୀପାବଳୀରେ ଫୁଟିଥିବା ବାଣର ପ୍ରଭାବ ଅନେକ ଥିବାରୁ ୬୦ରୁ ୭୦ ଭିତରେ ଥିବା ଭୁବନେଶ୍ୱରର ଏୟାର କ୍ୱାଲିଟି ଇଣ୍ଡେକ୍ସ ବଢି ୨ ଶହକୁ ଟପିଛି । ଗତକାଲି ସକାଳ ଯଦିଓ ଭୁବନେଶ୍ୱରର କିଛି ଅଞ୍ଚଳରେ ବର୍ଷା ହୋଇଥିଲା, କିନ୍ତୁ ରାତିରେ ପୁଣି ଥରେ ବାଣ ଫୁଟାଇବା ଫଳରେ ପ୍ରଦୂଷଣ ଆକାଶ ଛୁଇଁଛି ।

## 'ଆତଙ୍କବାଦୀ ଆକ୍ରମଣ...

ଆକ୍ରମଣ ସମ୍ପର୍କରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଫାରୁକ ଅବଦୁଲ୍ଲା କହିଛନ୍ତି, 'ଏହାର ତଦନ୍ତ କରାଯିବା ଉଚିତ । ଏଠାରେ ସରକାର ଗଠନ ହେବା ପରେ ପରେ ଏସବୁ ଘଟୁଛି । ମୁଁ ସନ୍ଦେହ କରୁଛି ଯେ ଆମ ସରକାରକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ଏଜେନ୍ସି ଏହା ପଛରେ ଥାଇପାରେ । ପୂର୍ବରୁ ଏସବୁ ବନ୍ଦ ଥିବାବେଳେ ଏବେ କଣ ପାଇଁ ଏମିତି ଘଟୁଛି ? ଏସବୁ କେବଳ ରାଜ୍ୟ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର । ଏହି ଆକ୍ରମଣକାରୀଙ୍କୁ ନମାରି, ସେମାନଙ୍କୁ ଧରାଯିବା ଉଚିତ ।' ସେମାନଙ୍କୁ ଧରି ଏହା ପଛରେ କିଏ ଅଛି ବୋଲି ତଦନ୍ତ ହେଉ ବୋଲି ଦାବି କରିଛନ୍ତି ଫାରୁକ ଅବଦୁଲ୍ଲା । ଫାରୁକ୍ ଅବଦୁଲ୍ଲାଙ୍କର ଏଭଳି ଅଭିଯୋଗ ପରେ ଏହାକୁ ତୁରନ୍ତ ସମର୍ଥନ କରିଛନ୍ତି ଏନସିପି(ଏସସିପି) ମୁଖ୍ୟ ଶରଦ ପାୱାର । ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଶରଦ ପାୱାର କହିଛନ୍ତି, 'ଫାରୁକ୍ ଅବଦୁଲ୍ଲା ଜମ୍ମୁ-କାଶ୍ମୀରର ଉଚ୍ଚତମ ବ୍ୟକ୍ତିତ୍ୱ । ସେ ପୂରା ଜୀବନ ଜମ୍ମୁ-କାଶ୍ମୀର ଲୋକଙ୍କ ସେବାରେ ବିତାଇଛନ୍ତି । ତାଙ୍କର ଦେଶଭକ୍ତି ଏବଂ ସଚ୍ଚୋଟତା ଉପରେ ମୋର କୌଣସି ସନ୍ଦେହ ନାହିଁ ।

## ବାଘୁଣୀ 'ରୂପା' ଜନ୍ମ...

ତା' ନାଁ ହିମାଂଶୀ । ତାକୁ ଚଳିତ ବର୍ଷ ଜୁଲାଇ ମାସରେ ଭଗବାନ ବିର୍ସା ମୁଣ୍ଡା ବାୟୋଲୋଜିକାଲ ପାର୍କକୁ ପ୍ରାଣୀ ଅଦଳବଦଳ କାର୍ଯ୍ୟକ୍ରମ ଅଧୀନରେ ପଠାଇ ଦିଆଯାଇଛି । ଏହା ପରେ ୨୦୨୩ ଜାନୁଆରୀ ମାସରେ ୨ଟି ଶାବକଙ୍କୁ ଜନ୍ମ ଦେଇଥିଲା ରୂପା । ବାଘ ରାଜେଶ ସହିତ ମିଳନରୁ ବାଘୁଣୀ ରୂପା ଏହି ଦୁଇ ଶାବକଙ୍କୁ ଜନ୍ମ ଦେଇଥିଲେ । ସେମାନଙ୍କ ନାଁ ଅମୃତା ଓ ଶିବା । ସେମାନେ ଏବେ ନନ୍ଦନକାନନରେ ଅଛନ୍ତି । ଆଉ ଆଜି ରୂପା ୪ଟି ଶାବକଙ୍କୁ ଜନ୍ମ ଦେଇଥିବା ବେଳେ ସମସ୍ତେ ସୁସ୍ଥ ଅଛନ୍ତି । ରୂପା ଓ କଳା ବାଘ କୃଷ୍ଣର ମିଳନରୁ ଏହି ୪ ଶାବକ ଜନ୍ମ ହୋଇଛନ୍ତି ।

## ପିଟିବା ପରେ ବିଷ...

ଗତକାଲି ରାତିରେ ମଧ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ରୁଦ୍ର ତାଙ୍କୁ ପିଟିଥିଲେ । ତା'ପରେ ସେ ପଙ୍କଜିନୀଙ୍କୁ ବିଷ ପିଆଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଆଜି ସକାଳେ ପଙ୍କଜିନୀ ଘରୁ ବାହାରି ନଥିଲେ । ଏଣୁ ପଡ଼ୋଶୀଙ୍କର ସନ୍ଦେହ ହୋଇଥିଲା । ସେମାନେ ପଙ୍କଜିନୀଙ୍କ ଘରକୁ ଯାଇ ଦେଖିଲା ବେଳକୁ ତାଙ୍କ ମୃତଦେହ ପଡ଼ିଥିଲା । ଖବର ପାଇ କିସିଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି । ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପଙ୍କଜିନୀ ଓ ରୁଦ୍ରଙ୍କ ୩ ପୁଅଝିଅ ଅଛନ୍ତି । ସେମାନେ ଅନ୍ୟ ସ୍ଥାନରେ ରହନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଅଖଣ୍ଡ ଭାରତର ପ୍ରତିଟି କୋଣରେ ଦୃଶ୍ୟମାନ ହୁଏ 'ଦୀପାବଳି'ର ଝଲକ

ଉଦଳା , ୦୨/୧୧ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଇନରହୁଇଲ କ୍ଲବ ଉଦଳା ଶାଖା ତରଫରୁ ଆନନ୍ଦଉଲ୍ଲାସ ମଧ୍ୟରେ 'ଦୀପାବଳି' ପାଳିତ ହୋଇଯାଇଛି । ଏହି ଅବସରରେ ଆଲୋଚନାଚକ୍ର, ପ୍ରଦୀପ ପ୍ରଜ୍ୱଳନ ଓ ମିଷ୍ଟାନ୍ନ ବଂଟନର ପର୍ବ ଅନୁଷ୍ଠିତ ହୋଇଥିଲା ପ୍ରଭାତରେ କ୍ଲବର ସମସ୍ତ ସଦସ୍ୟା ଉଦଳା ସହର ନିକଟକୁ ଲାଗିକରିଥିବା ଟଣକାସାହି ଠାରେ ପହଂଚି ଗ୍ରାମବାସୀଙ୍କୁ ଏକତ୍ରିତ କରାଇବା ସହ ସଫେଇକାର୍ଯ୍ୟ କରିଥିଲେ । ଏହାପରେ ଅନୁଷ୍ଠିତ ଆଲୋଚନାଚକ୍ରରେ କ୍ଲବର ସଭାପତି ଗୀତାଶ୍ରୀ ରାୟ ଅଧକ୍ଷତା କରିବା ସହ ୧୪ ବର୍ଷ ବନବାସ ସାରି ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କ ସହ ସହଧର୍ମିଣୀ ସୀତା ଓ ଭାଇ ଲକ୍ଷ୍ମଣ କିପରି ଠିକ୍ ଆଜିର ଦିନରେ ଅଯୋଧ୍ୟାକୁ ଫେରି ଆସିଥିଲେ ଏବଂ ଏହି ଘଟଣାଟି ଅଯୋଧ୍ୟାବାସୀଙ୍କ ସମେତ ଭାରତବର୍ଷର ସବୁସ୍ଥାନରେ କିପରି ଆନନ୍ଦର ମାହୋଲ ଖେଳାଇଦେଇଥିଲା ବିସ୍ତୃତ ବର୍ଣ୍ଣନା କରିବା ସହ ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଏହି ଉତ୍ସବଟି ଦୀପାବଳି ନାମରେ କିପରି ସବୁଠି ପାଳିତ ହୋଇ ଆସୁଛି ବ୍ୟକ୍ତ କରିଥିଲେ । କ୍ଲବର ପୂର୍ବତନ ସଭାପତି ଜୟନ୍ତି ପଟ୍ଟନାୟକ ଏହି ଉତ୍ସବର ମାହୋଲ ଆଜିବି ଅଖଣ୍ଡ ଭାରତର ପ୍ରତିଟି ସ୍ଥାନରେ କେଉଁଠି କିଭଳି ଢ଼ଙ୍ଗରେ ଦେଖିବାକୁ ମିଳୁଛି ବ୍ୟକ୍ତ କରିବା ସହ ଏହି ପର୍ବପର୍ବାଣୀ ହିଁ ଆମକୁ ଆମର ପୂର୍ବ ଇତିହାସ ମନେପକାଇ ଦେଇଥାଏ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ସୁବାସିନି ବେହେରା, ସୁଭଦ୍ରା ରାଉତ, ମିନାକ୍ଷୀ ମହାନ୍ତି, ମମତା ମହାନ୍ତି, ପ୍ରମୋଦିନି ମହାପାତ୍ର, ଅନ୍ନପୂର୍ଣ୍ଣା ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ସନ୍ଧ୍ୟାରେ ସମସ୍ତେ ମିଳିମିଶି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଜୟ ମହାମନ୍ତ୍ର – (ଜୟ ରାମ – ଶ୍ରୀରାମ- ରାମ-ରାମ-ରାମ-ଓଁ) ବୋଲିଥିଲେ । କ୍ଲବର ସଂପାଦିକା ମମତା ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିବା ପରେ ମିଷ୍ଟାନ୍ନ ବଂଟନର ପର୍ବ ଆରମ୍ଭ ହୋଇଥିଲା ।

# ବଣସୀମା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଗଡ଼ଜାତ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି, ୦୨/୧୧ (ନି.ପ୍ର): ବଣସୀମା ଆଞ୍ଚଳିକ ବିକାଶପରିଷଦ ଆନୁକୁଲ୍ୟରେ ଶନିବାର ଅପରାହ୍ନ ୩ଘଟିକା ସମୟରେ ଗଡ଼ଜାତ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ତାଳବଣୀ ସ୍ଥିତ କମିଟି ସମ୍ପାଦକ ଅମରେନ୍ଦ୍ର ନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ସୁରେଶ ଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଭ୍ୟ ମାନସ ମିଶ୍ର, ସଂଜିପ ସ, ମାନବେନ୍ଦ୍ର ନାୟକ, ଅମରେନ୍ଦ୍ର ନାୟକ, ପ୍ରମେୟ ମହାନ୍ତି, ସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ରଞ୍ଜିତା ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଗଡ଼ଜାତ ମିଶ୍ରଣ ଦିବସ ପାଳନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ତାରିଖ ସମ୍ପର୍କରେ ଆଲୋଚନା ହେବା ସହିତ ଏହି ଦିବସ ପାଳନର ଉଦେଶ୍ୟ ଏବଂ ନୀଳଗିରି ମାଟିର ବରପୁତ୍ର ମାନଙ୍କର ଅବଦାନର ଅମରଗାଥାକୁ ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ମତବ୍ୟକ୍ତ କରିଥିଲେ। ଶେଷରେ କମିଟିର ସହସମ୍ପାଦକ ସଞ୍ଜିପ ସ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତଃ କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ



ଲଙ୍ଗଳେଶ୍ୱର,୨/୧୧ (ନିପ୍ର) ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅଧିନସ୍ଥ ପଞ୍ଚରୁଖି ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଶ୍ରାଦ୍ଧାବାର୍ଷିକୀରେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ନାମ ସଂକୀର୍ତ୍ତନ ମହୋତ୍ସବରେ ଯୋଗଦେଇ ଗୌରାଙ୍ଗ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରଭୁଙ୍କ ଠାରେ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଏଥିସହ ସ୍ୱର୍ଗତଃ କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ସପନ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ମାହାଳିକ, ଶମ୍ଭୁନାଥ କାମିଲା ପ୍ରମୁଖ ବହୁ ବ୍ୟକ୍ତି ସମେତ, ଗ୍ରାମବାସୀ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ଏବଂ ପରିବାର ବର୍ଗ ଉପସ୍ଥିତ ରହି ସ୍ୱର୍ଗତଃ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ ତମ ପ୍ରତିଷ୍ଠା ଦିବସ ପାଳନ




ବେତନଟୀ, ୦୨/୧୧ (ନି.ପ୍ର): କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ଅଧକ୍ଷା ଡ. ମନ୍ଦାକିନୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସରେନ, ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ଅଧକ୍ଷ ଡ. ରମାକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ଯୋଗେନ୍ଦ୍ରନାଥ ମହାନ୍ତ, ବିଜେପିର ମୟୂରଭଞ୍ଜ ଜିଲ୍ଲା ଉପସଭାପତି ତଥା ଲଙ୍ଗଳକଟା ଜିମ୍ନାସିୟମର ନିର୍ଦ୍ଦେଶକ ପରେଶ ଚନ୍ଦ୍ର ମହାନ୍ତ, ପ୍ରାକ୍ତନ ଅଧକ୍ଷା ସୁଶାନ୍ତି ପ୍ରଧାନ ପ୍ରମୁଖ ଅତିଥି ଗଣ ଯୋଗ ଦେଇଥିଲେ । ଅଧାପକ ଶେଖାଓ୍ୱତ ଅଲ୍ଲୀଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଗଣ ପ୍ରଦୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ମଞ୍ଚାସୀନ ଅତିଥି ଗଣ ଗ୍ରାମାଞ୍ଚଳରେ ଶିକ୍ଷା ପ୍ରଦାନରେ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ର ଛାତ୍ରୀ ମାନେ ପାଠ ପଢି ଭବିଷ୍ୟତରେ ଉତ୍ତମ ଚରିତ୍ର ବାନ ବ୍ୟକ୍ତି ହେବା ପାଇଁ ଅତିଥି ମାନେ ଉପଦେଶ ପ୍ରଦାନ କରିଥିଲେ । ପାଠ ପଢା ସହିତ କ୍ରୀଡା କ୍ଷେତ୍ରରେ ମଧ ଛାତ୍ରଛାତ୍ରୀ ମାନେ ନିଜର ପାରଦର୍ଶୀତା ହାସଲ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ପ୍ରତିଷ୍ଠା ଦିବସ ଅବସରରେ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଇବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅଧାପକ ଶ୍ରୀକାନ୍ତ ଦାସ, ଭରତ ଚନ୍ଦ୍ର, ଜାମିନୀ କାନ୍ତ ଗିରି, ଅଭୟକୁମାର ସେନାପତି, ସଞ୍ଜିତ କୁମାର ଦାସ, ଭୂପାଳ ଚନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ପ୍ରସାଦ ବେହେରା, ଭବେନ୍ଦ୍ର କୁମାର ଦେ, ଅଜିତ କୁମାର ବେହେରା, ପ୍ରକାଶ ଚନ୍ଦ୍ର ରାଜ, ମନହର ବେହେରା, ବସନ୍ତ ବାରିକ, ଉମାକାନ୍ତ ବେହେରା, ଭବାନୀ ଶଙ୍କର ମହାନ୍ତ, ତପତି ତପସ୍ୱିନୀ ଆଚାର୍ଯ୍ୟ, ବିଷ୍ଣୁ ନାରାୟଣ ଜେନା, ବୈଲୋଚନ ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ସିମନ ପିଟର, ଲଳିତ ନାରାୟଣ ମହାନ୍ତ, ବିନତୀ ମହାନ୍ତ, ସର୍ବେଶ୍ୱର ପରିଡା, ମନମୋହନ ମହାନ୍ତ ପ୍ରମୁଖ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ଅଧାପିକା ଓ କର୍ମଚାରୀ ଗଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶମ୍ଭୁ ବର୍ଡରରେ ଧାରଣା ଦେଉଥିବା ଚାଷୀଙ୍କ ମୃତ୍ୟୁ

ଚଣ୍ଡିଗଡ, ୦୨/୧୧ (ନି.ପ୍ର): କେନ୍ଦ୍ର ସରକାର ବିରୁଦ୍ଧରେ ପଂଜାବ-ହରିୟାଣାର ଶମ୍ଭୁ ବର୍ଡରରେ ଗତ ୮ମାସରୁ ଧାରଣା ଦେଉଥିବା ଚାଷୀଙ୍କର ଗତକାଲି ରାତିରେ ମୃତ୍ୟୁ ହୋଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ଏହାପରେ କ୍ରୋଧିତ ଚାଷୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଜୋରଦାର ନାରାବାଜି କରିଛନ୍ତି । ମୃତକ ହେଲେ ମୋଗା ନିବାସୀ ବଲବିନ୍ଦର ସିଂହ । ବଲବିନ୍ଦର ସିଂହ ତିନି ଏକର ଜମିର ମାଲିକ ଥିଲେ । ନିକଟରେ ସେ ଶମ୍ଭୁ ବର୍ଡରରେ ଚାଲିଥିବା ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପଦଯାତ୍ରା




ଭଦ୍ରକ, ୦୨/୧୧ (ନି.ପ୍ର): ଅକ୍ଟୋବର ୨୮ ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଦେଶ ତମାମ୍ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନଭେମ୍ବର ୨ ତାରିଖ ଶନିବାର ଦିନ ସକାଳ ୮.୩୦ ଘଟିକାରେ ଜିଲ୍ଲା କାର୍ଯ୍ୟାଳୟରୁ ଟାଉନ୍‌ହଲ ପର୍ଯ୍ୟନ୍ତ ଏକ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ ପତାକା ପ୍ରଦର୍ଶନ ପୂର୍ବକ ଏହି ପଦଯାତ୍ରା ପରିକ୍ରମାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ଚରଣ ବାରିକ, ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧୀକ୍ଷକ ଦୁଷ୍ମନ୍ତ କୁମାର ନାୟକ, ଇନିସ୍‌ପେକ୍ଟର ବଙ୍କିମ୍ ବାଓ୍ୱାଲି, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଭିକ୍ ନାରାୟିନ, କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଜିଲ୍ଲାସ୍କୁଲ ର ଛାତ୍ର ଏବଂ ମିଶନ ଶକ୍ତିର ମହିଳାମାନେ ଏହି ପଦଯାତ୍ରାରେ ସାମିଲ ହୋଇ ଦୁର୍ନୀତି ନିବାରଣ ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ଼, ବ୍ୟାନର ପ୍ରଦର୍ଶନ କରି ସ୍ଲୋଗାନ୍ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ କୁମାର ସାହୁ, ଜିଲ୍ଲା ସ୍କୁଲର ଶିକ୍ଷକ ମୁରାଦ ଅଲ୍ଲୀଖାନ୍ ଏବଂ ବ୍ୟାଣ୍ଡବାଦନ ଶିକ୍ଷକ ସତ୍ୟନାରାୟଣ ମଲ୍ଲିକ୍, ମିଶନ ଶକ୍ତିର କର୍ମଚରୀ ରାଜୀବ ଲୋଚନ ବେହେରା ପ୍ରମୁଖ ଏହି ପଦଯାତ୍ରା ଆୟୋଜନରେ ଆନୁଷଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲାସ୍କୁଲର ବ୍ୟାଣ୍ଡବାଦନ ପଦଯାତ୍ରାକୁ ବେଶ୍ ଆକର୍ଷଣୀୟ କରିଥିଲା।

# ବାତ୍ୟା ଯୋଗୁଁ କପ୍ତିପଦା ଉପଖଣ୍ଡରେ କ୍ଷୟକ୍ଷତିର ଆକଳନ

ଉଦଳା , ୦୨/୧୧: ବାତ୍ୟା (ଦାନା) ଯୋଗୁଁ କପ୍ତିପଦା ଉପଖଣ୍ଡରେ କ୍ଷୟକ୍ଷତିର ଆକଳନ କରାଯାଇଛି । ସେଥିମଧ୍ୟରୁ ଉଦଳାରେ ୨ଟି କଚ୍ଚାଗୃହ ଏବଂ ୧ଟି ପକ୍କାଗୃହ, କପ୍ତିପଦାରେ ୫୩ଟି କଚ୍ଚାଗୃହ ଏବଂ ୫ଟି ଗୁହାଳ, ଗୋପବନ୍ଧୁନଗରରେ ୧୪ଟି କଚ୍ଚାଗୃହ ଏବଂ ୩ଟି ଗୁହାଳ, ଖୁଂଟାରେ ୪୫ଟି କଚ୍ଚାଗୃହ ବାତ୍ୟାରେ କ୍ଷତି ହୋଇଥିବାର ଅଧିକାରିମାନେ ଜଣାଇଛନ୍ତି । ସେହିପରି ଧାନ ଏବଂ ଅଣଧାନ ଚାଷ କ୍ଷେତ୍ରରେ ଉଦଳା ବ୍ଲକର ୧୨୦୦ ହେକ୍ଟର ଧାନ, ୩୦ ହେକ୍ଟର ଅଣଧାନ, କପ୍ତିପଦା ବ୍ଲକରେ ୧୫୦୩ ହେକ୍ଟର ଧାନ ଏବଂ ୭୬ ହେକ୍ଟର ଅଣଧାନ, ଗୋପବନ୍ଧୁନଗରରେ ୧୩୫ ହେକ୍ଟର ଧାନ ଏବଂ ୬୫ ହେକ୍ଟର ଅଣଧାନ, ଖୁଂଟା ବ୍ଲକରେ ୫୩ ହେକ୍ଟର ଧାନ ଫସଲ ନଷ୍ଟ ହୋଇଛି ବୋଲି ସରକାରୀ ବାବୁ ମାନେ ସଫେଇ ଦେଇଛନ୍ତି ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରୀତମ ମହାନ୍ତିଙ୍କୁ ସମ୍ବର୍ଦ୍ଧନା



ବସ୍ତା, ୦୨/୧୧ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଠାରେ ସ୍ଥାପିତ ଫେବୃଆରୀ ୨୦୨୪ରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚଳିତ ଓ ଏ ଏସ ପରୀକ୍ଷାରେ ୧୧୫ନମ୍ବର ରଖି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପାଇଁ ଗୌରବ ଅର୍ଜନ କରିଛନ୍ତି ଲକ୍ଷ୍ମଣା ପଡା ଗ୍ରାମର ପ୍ରିତମ ମହାନ୍ତି । ଏନେଇ ଆଜି ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ବେହେରାଙ୍କ ପୌରହିତ୍ୟରେ ଏକ ସମ୍ବୋର୍ଦ୍ଧନା ସଭାର ଆୟୋଜନ ହୋଇଥିଲା ।ସମ୍ପାଦକ ଅଜୟ କୁମାର ଦାସ ଅତିଥି ପରିଚୟ ପ୍ରଦାନକରିଥିଲେ। ମଞ୍ଚ ପରିଚାଳନା ସହ ସମ୍ପାଦକ ଶଚିନ୍ଦ୍ର ସାହୁ କରିଥିବା ବେଳେ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାସ, ପ୍ରାଣକୃଷ୍ଣ ବାଗ, ପୂର୍ଣ୍ଣଚନ୍ଦ୍ରଗିରି, ବିଜୟ ମହାନ୍ତି, ରବିନ୍ଦ୍ର ସାହୁ, ରବିନ୍ଦ୍ର ଆଇଚ, ନରେନ୍ଦ୍ର ଦଣ୍ଡପାଟ, ଗଙ୍ଗାଧର ନାୟକ, ଅଶ୍ଚୁତାନନ୍ଦ ସାମଲ, ପଦ୍ମଲୋଚନ ସାହୁ, ଚନ୍ଦ୍ର ମୋହନ ମହନ୍ତ.ସଞ୍ଜୟ ବେହେରା, ସୁଦାମ ଗାଣ, ପ୍ରତାପ ଚନ୍ଦ୍ର ସାହୁ ଉପସ୍ଥିତରେ ଫୁଲତୋଡା ଉତ୍ତରିୟ ଓ ମାନପତ୍ରଦେଇ ପ୍ରିତମ ମହାନ୍ତିଙ୍କୁ ସମ୍ବୋଦ୍ଧିତ କରିବା ସହିତ ତାଙ୍କ ଚଲାପଥ କୁସୁମିତ ହେଉବୋଲି ମତବ୍ୟକ୍ତ କରିଥିଲେ । ପ୍ରକାଶ ଥାଉକି ମଥାନୀ ପଞ୍ଚାୟତ ଲକ୍ଷ୍ମଣା ପଡା ଗ୍ରାମର ଦୌନିକ ଖବର କାଗଜ ବିତରକ ଚିତରଞ୍ଜନ ମହାନ୍ତି ସହଧର୍ମିଣୀ ମିନାକ୍ଷୀ ମହାନ୍ତିଙ୍କର ପୁତ୍ର ପ୍ରିତମ ଓ ଏ ଏସ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି । ତାଙ୍କର ସଫଳତାର ଶ୍ରୀୟ ବାପା ମା ଓ ତାଙ୍କର ଶିକ୍ଷକଙ୍କ ପ୍ରେରଣା ଓକଠିନ ପରିଶ୍ରମର ଫଳ ବୋଲି ପ୍ରିତମ ପ୍ରକାଶ କରିଛନ୍ତି ।

# ମୟୂରଭଞ୍ଜ ଛଉର ମିଠା ମହକରେ ମହକିଲା ବଡସାହି ସୁରଭି



ବଡସାହି , ୦୨/୧୧ (ନି.ପ୍ର): 'ଓଡ଼ିଶାର ଲୋକକଳା' ବାର୍ତ୍ତା ଆଧାରିତ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ବଡସାହି ମଣ୍ଡଳ ସ୍ତରୀୟ 'ସୁରଭି-୨୦୨୪' ସ୍ଥାନୀୟ ସରକାରୀ ଉପ୍ରା ବିଦ୍ୟାଳୟ, ବଡସାହି ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷକ ଲଳିତ ମହାନ୍ତିଙ୍କ ସଂଯୋଜନା,ସୁବ୍ରତ ସାରଙ୍କ ମନ୍ତ୍ରୋଚ୍ଚାରଣ ଏବଂ କୃପାସିନ୍ଧୁ ବେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଉଦ୍‌ଘାଟନୀ ସମାରୋହରେ ଶିକ୍ଷକ କାହ୍ନୁଚରଣ ବାରିକ ଓ ଶୁଭ୍ର ଜ୍ୟୋତି ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ କରିଥିଲେ।ଗୋଷ୍ଠୀ ଶିକ୍ଷା ଅଧୀକାରିଣୀ ସୁଶ୍ରୀ ମଧୁସ୍ମିତା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନ ଉତ୍ସବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ାଃ ସୁକାନ୍ତ ପାତ୍ର,ଅତିରିକ୍ତ ତହସିଲଦାର ବନିତା କିସ୍କୁ, ବିଆରସିସି ପଦ୍ମଲୋଚନ ଦାସ,ଏବିଇଓ ରାଧିଆ ଚରଣ ମୁଣ୍ଡା, ବସନ୍ତ ମଞ୍ଜରୀ ପଟ୍ଟନାୟକ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ଦଣ୍ଡପାଟ ପ୍ରମୁଖ ଯୋଗଦାନ କରି ସାମଗ୍ରିକ ଶିକ୍ଷାର ବିକାଶ ପାଇଁ ଶୈକ୍ଷିକ କାର୍ଯ୍ୟକ୍ରମ ସହ ସହଶୈକ୍ଷିକ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରି ଏଦିଗରେ ସୁରଭି ଭଳି ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ସଭାରେ ବଡସାହି ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ସମିତି ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ ପ୍ରମୁଖ ଯୋଗଦାନ କରି ସୁରଭିର ସୁମଧୁର ବାସ୍ନା ବଡସାହିରୁ ସୁଦୂର ଭୁବନେଶ୍ୱର ପର୍ଯ୍ୟନ୍ତ ପହଞ୍ଚାଇବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ୧୮ଟି ସାଧନକେନ୍ଦ୍ରରୁ ଆସିଥିବା ଶ୍ରେଷ୍ଠ ପ୍ରତିଯୋଗୀ ମାନେ ଆୟୋଜିତ ୨୯ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତ୍ୟବସରରେ ବିଧାୟକଙ୍କ ହାତରେ 'ନୀପୁଣ ଓଡିଶା' ଲୋଗର ଶୁଭ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ନଭେମ୍ବର ଚାରି ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ ପାଇଁ ବଡସାହି ମଣ୍ଡଳରୁ ୩୬ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ରୂପାୟନରେ ସରକାରୀ ଉପ୍ରା ବିଦ୍ୟାଳୟ, ବଡସାହିର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ,ବ୍ଲକ ଶିକ୍ଷକ ସଂଘର ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଜୋରହାଟରେ ଅଗ୍ନିକାଣ୍ଡ ଯୋଗୁଁ ତିନୋଟି ଦୋକାନ ଜଳି ପାଉଁଶ

ଜୋରହାଟ, ୦୨/୧୧ : ରାଜ୍ୟର ଜୋରହାଟରେ ଆଜି ସକାଳେ ପ୍ରବଳ ଅଗ୍ନିକାଣ୍ଡରେ ତିନୋଟି ଦୋକାନ ଜଳି ପାଉଁଶ ହୋଇଯାଇଛି ।

ସୁଚନା ପାଇବା ମାତ୍ରେ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ବାହିନୀ ଗାଡି ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲା ଏବଂ ନିଆଁକୁ ଆୟତ୍ତ କରାଯାଇଥିଲା । ତେବେ, ଅଗ୍ନିକାଣ୍ଡରେ କୌଣସି ଆହତ ହୋଇଥିବା ସୁଚନା ନାହିଁ । ଜୋରହାଟ ପୋଲିସ କହିଛି ଯେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଅନୁସନ୍ଧାନ କରାଯାଉଛି ।ସ୍ଥାନୀୟ ଲୋକ ଏବଂ ଅଗ୍ନିଶମବାହିନୀ ଗାଡିର ତତ୍ପରତା ଯୋଗୁଁ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା ।ନିକଟସ୍ଥ ପ୍ରତିଷ୍ଠାନଗୁଡିକ ଜଳିବାରୁ ରକ୍ଷା କରାଯାଇଥିଲା ।

# ସିଲିଗୁଡିରେ ଜଣେ ଯୁବକକୁ ପିଟିପିଟି ହତ୍ୟା

ସିଲିଗୁଡି, ୦୨/୧୧ (ନି.ପ୍ର): ଶନିବାର ଦିନ ସିଲିଗୁଡିରେ ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ମାମଲା ସାମ୍ନାକୁ ଆସିଛି । ଏହି ଘଟଣା ସିଲିଗୁଡିର ଏନଜେପି ପୋଲିସ ଷ୍ଟେସନ ଅନ୍ତର୍ଗତ ରାଜହୋଲିରେ ଘଟିଛି । ମୃତକଙ୍କ ନାମ ଜୁହୁରୀ (୫୮) । ସୂଚନାନୁସାରେ, ଶୁକ୍ରବାର ଦିନ କିଛି ଯୁବକ ଜୁହୁରୀରୁ ୫୦୦ ଟଙ୍କା ମାଗିଥିଲେ । ଯାହା ଜୁହୁରୀ ଦେବାକୁ ମନା କରିଦେଇଥିଲେ । ଏହା ପରେ ଜୁହୁରୀଙ୍କ ପରିବାର ଏବଂ ଯୁବକମାନଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଥିଲା । ଏହି ସମୟରେ ଯୁବକମାନେ ଜୁହୁରୀଙ୍କୁ ଗୁରୁତର ଭାବରେ ପିଟିଥିଲେ ଯେଉଁଥିପାଇଁ ସେ ଗୁରୁତର ଆହତ ହୋଇଥିଲେ । ଏହା ପରେ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ସିଲିଗୁଡି ଜିଲ୍ଲା ଡାକ୍ତରଖାନାକୁ ନେଇଥିଲେ । ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବେତନଟୀ ଆଞ୍ଚଳିକ ମୁନିସମାଜ ତରଫରୁ ଶିବମୁନିଙ୍କ ୧୪୧ ତମ ଜନ୍ମ ଉତ୍ସବ ପାଳନ

ବେତନଟୀ, ୦୨/୧୧ (ନି.ପ୍ର): ବେତନଟୀ ଆଞ୍ଚଳିକ ମୁନିସମାଜ ତରଫରୁ ଆଜି ପଣ୍ଡୁଗଡିଆ ଶିବମୁନି ଯୋଗାଶ୍ରମରେ ମୁନିସମାଜ ସଂସ୍ଥାପକ ଆଦି ମୁନୀଶ୍ୱର ଯୋଗେଶ୍ୱର ଶିବ କୁମାର ଶାସ୍ତ୍ରୀଙ୍କ ୧୪୧ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଉତ୍ସବର ପ୍ରାରମ୍ଭରେ ଜ୍ଞାନଦୀପ ସହସଂପାଦକ ଯୋଗୀ ଭାଗବତ ମୁନି ସତ୍ୟ ପତାକା ଉତ୍ତୋଳନ କରିଥିଲେ । ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଯୋଗୀ କ୍ଷେତ୍ର ମୋହନ ମୁନି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗୀ ଭାଗବତ ମୁନି ଶିବମୁନିଙ୍କ ସିଦ୍ଧାନ୍ତ ଓ ଜୀବନୀ ସମ୍ପର୍କରେ କହିଥିଲେ । ମୁଖ୍ୟବକ୍ତା ଭାବେ ସୁଲେଖକ ବାଗ୍ମୀ ଯୋଗୀ ହରେକୃଷ୍ଣ ମୁନି ଶିବମୁନିଙ୍କ ଅଲୌକିକ ଘଟଣା ସଂପର୍କରେ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ବକ୍ତା ରୂପେ ଯୋଗଦାନ କରିଥିଲେ ଯୋଗଶିକ୍ଷିକା ଶାନ୍ତିଲତା ବେହେରା । ସେ ଯୋଗଦ୍ୱାର। ରୋଗ ମୁକ୍ତିର ଉପାୟ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଯୋଗୀ ତପନ ମୁନି, ଯୋଗୀ ଅନନ୍ତ ମୁନି, ଯୋଗୀ ସତୀଶ ମୁନି, ବିବି କଲେଜର ଅବସରପ୍ରାପ୍ତ ଅଧକ୍ଷା ମୁନିମତୀ ଅଳକାମଞ୍ଜରୀ ଭୂୟାଁ । ଯୋଗୀ ଅଜିତ ମୁନି ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ ଜ୍ଞାନଦୀପ ସଂପାଦକ ଯୋଗୀ ସଞ୍ଜୟ ମୁନି ମଞ୍ଚ ପରିଚାଳନା କରିଥିଲେ । ସଭାପତିଙ୍କ ଅଭିଭାଷଣ ପରେ ମୁନି ଅନନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆଶ୍ରମର କର୍ମକର୍ତ୍ତା ରତିକାନ୍ତ ମୁନି, ଯୋଗୀ ନିବାରଣ ମୁନି, ମୁନିମତୀ ବିଜୁଳି, ମୁନିମତୀ ଲୋପା, ମୁନିମତୀ ଗୀତାଞ୍ଜଳି, ପିଣ୍ଟୁ, ଚିଣ୍ଟୁ ପ୍ରମୁଖ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo